

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୬ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 16 APRIL 2025
Vol.No. 36 ■ No.99 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ୧୯ରେ ଉଦ୍‌ଘାଟନ ହେବ ଚେନାବ ବ୍ରିଜ



ନୂଆଦିଲ୍ଲୀ, ୧୫/୪ : ୧.୩ କିଲୋମିଟର ଲମ୍ବା ସେତୁ ଚେନାବ ନଦୀ ଉପରେ ୩୫୯ ମିଟର ଉଚ୍ଚରେ ନିର୍ମିତ ହୋଇଛି। ୟୁଏସବିଆରଏଲ ପ୍ରକଳ୍ପ ଅଧୀନରେ ଜାମ୍ମୁ କାଶ୍ମୀରର ରିଆସି ଜିଲ୍ଲାରେ ଚେନାବ ରେଲୱେ ବ୍ରିଜ୍ ନିର୍ମାଣ କରାଯାଇଛି। ଏଥିପାଇଁ ୧୪୮୬କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୩୦ ହଜାର ମେଟ୍ରିକ ଟନ ଇସ୍ପାତ ବ୍ୟବହାର କରାଯାଇଛି। ଆସନ୍ତା ୧୯ ତାରିଖରେ ଉଦଘାଟନ ହେବ ବିଶ୍ୱର ସର୍ବୋଚ୍ଚ ରେଲୱେ ବ୍ରିଜ୍ ଜାମ୍ମୁ କାଶ୍ମୀର ଚେନାବ ବ୍ରିଜ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବ୍ରିଜକୁ ଉଦଘାଟନ କରିବେ। ଚେନାବ ବ୍ରିଜ୍ ପ୍ୟାରିସର ଆଇଫେଲ୍ ଟାୱାରଠାରୁ ୩୫ ମିଟର ଉଚ୍ଚ। ୧.୩ କିଲୋମିଟର ଲମ୍ବା ସେତୁ ଚେନାବ ନଦୀ ଉପରେ ୩୫୯ ମିଟର ଉଚ୍ଚରେ ନିର୍ମିତ ହୋଇଛି । ୟୁଏସବିଆରଏଲ ପ୍ରକଳ୍ପ ଅଧୀନରେ ଜାମ୍ମୁ କାଶ୍ମୀରର ରିଆସି ଜିଲ୍ଲାରେ ଚେନାବ ରେଲୱେ ବ୍ରିଜ୍ ନିର୍ମାଣ କରାଯାଇଛି। ଏଥିପାଇଁ ୧୪୮୬କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୩୦ ହଜାର ମେଟ୍ରିକ ଟନ ଇସ୍ପାତ ବ୍ୟବହାର କରାଯାଇଛି। ଏହା ଘଣ୍ଟା ପ୍ରତି ୨୬୦ କିଲୋମିଟର ପର୍ଯ୍ୟନ୍ତ ପବନକୁ ସହ୍ୟ କରିପାରିବ । ତୁଷାରପାତ ସମୟରେ କାଶ୍ମୀର ଉପତ୍ୟକା ଦେଶର ଅନ୍ୟାନ୍ୟ ସ୍ଥାନରୁ ବିଚ୍ଛିନ୍ନ ହୋଇଯାଉଥିଲା । ୨୦୦୩ ରେ ଭାରତ ସରକାର କାଶ୍ମୀର ଉପତ୍ୟକାକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ସବୁ ପାଗ ଭିତ୍ତିରେ ସଂଯୋଗ କରିବା ପାଇଁ ଚେନାବ ବ୍ରିଜ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ସେତୁ ୨୦୦୯ ସୁଦ୍ଧା ପ୍ରସ୍ତୁତ ହେବାକୁ ଥିଲା । ମାତ୍ର ଏହି ଅବଧି ମଧ୍ୟରେ ଏହା ସରିନଥିଲା । ବର୍ତ୍ତମାନ ପ୍ରାୟ ୨ ଦଶନ୍ଧି ପରେ ଚେନାବ ନଦୀ ଉପରେ ନିର୍ମିତ ଏହି ସେତୁ ପ୍ରସ୍ତୁତ ହୋଇଛି । ଏହି ବ୍ରିଜ୍ ୪୦ କିଲୋଗ୍ରାମ ପର୍ଯ୍ୟନ୍ତ ବିସ୍ଫୋରକ ଏବଂ ରିକ୍ଟର ସ୍କେଲରେ ୮ ମ୍ୟାଗ୍ନିଚ୍ୟୁଡ୍ ପର୍ଯ୍ୟନ୍ତ ଭୂକମ୍ପକୁ ସହ୍ୟ କରିପାରିବ। ସେତୁଟି ଆସନ୍ତା ୧୨୦ ବର୍ଷ ପାଇଁ ନିର୍ମାଣ କରାଯାଇଛି ।

## ଟ୍ୱିନ ସିଟିରେ କାଳ ବୈଶାଖୀ ତାଣ୍ଡବ

ଭୁବନେଶ୍ୱର, ୧୫/୪ (ନି.ପ୍ର): କାଳବୈଶାଖୀ ଜନିତ ବର୍ଷା। କାରଣରୁ ରାଜଧାନୀ ବାସୀଙ୍କୁ ଗରମରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। ମଙ୍ଗଳବାର ଅପରାହ୍ନରେ ପ୍ରାୟ ୪୫ ମିନିଟରୁ ଅଧିକ ସମୟ ଧରି ଭୁବନେଶ୍ୱର ଓ କଟକରେ ବର୍ଷା ଲାଗି ରହିଥିଲା। ଏହା ସହିତ ପବନର ପ୍ରକୋପ ମଧ ଦେଖିବାକୁ ମିଳିଥିଲା। ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ ୪ ଦିନ ପାଇଁ ବର୍ଷା ଓ ପବନ ହେବା ନେଇ ସତର୍କ ସୂଚନା ଜାରି କରାଯାଇଥିଲା। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଉପକୂଳ, ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ହେବ କାଳବୈଶାଖୀ ବର୍ଷା।। ଘଡ଼ଘଡ଼ି ବିଜୁଳି ସହିତ କେତେକ ସ୍ଥାନରେ ପ୍ରବଳ ବର୍ଷା। ବି ହୋଇପାରେ। ସେପଟେ ୧୨ ଜିଲ୍ଲାକୁ କାଳବୈଶାଖୀ ବର୍ଷା ନେଇ ସତର୍କତା ଜାରି କରିଛି ପାଣିପାଗ ବିଭାଗ । ସେ ଜିଲ୍ଲାଗୁଡ଼ିକ ହେଲା ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ, ମୟୁରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ବୌଦ୍ଧ, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଓ ଅନୁଗୁଳ । ଏସବୁ ଜିଲ୍ଲାଗୁଡିକ ପାଇଁ ଆଗାମୀ ୩ ଘଣ୍ଟା ପାଇଁ ସତର୍କତା ଜାରି କରାଯାଇଛି । ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ୪୦ ରୁ ୫୦ କିମି ପବନ ବୋହିବ ନେଇ ଆକଳନ କରିଛି ପାଣିପାଗ ବିଭାଗ । ସେହିପରି କିଛି ଅଞ୍ଚଳରେ କୁଆପଥର ବର୍ଷା ସମ୍ଭାବନା ରହିଛି । ଆଜି ବର୍ଷା ଓ ପବନ ପାଇଁ ୧୯ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା

▶▶ପୃଷ୍ଠା ୭

## ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ହେବ : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱରଭୁବନେଶ୍ୱର, ୧୫/୪ (ନି.ପ୍ର): ଖୁବ୍ ଶୀଘ୍ର ରାଜ୍ୟରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ହେବ। ଅଧ୍ୟାପକ ପଦବୀ ପୂରଣ ନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ୧୩୫୩ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ଏଗୁଡିକ ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖାଲି ପଡ଼ିଥିବା ୨୦୦୦ ଅଣ ଶିକ୍ଷକ ପଦବୀ ମଧ ପୂରଣ କରାଯିବ। ଏଣିକି ଅବସର ପୂର୍ବରୁ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା କୁଳପତି ନିଯୁକ୍ତି/ଚୟନ ଖୁବ୍ ଶୀଘ୍ର କରାଯିବ। ଆଇଆଇଟି, କେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଢାଂଚାରେ ବିଭିନ୍ନ ବିଭାଗ କୁ ମିଶେଇ ସ୍କୁଲ୍ (ସ୍ୱତନ୍ତ୍ର ବିଭାଗ) କରାଯିବ ବୋଲି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ।

## ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା କଲା ବିଜେଡି



ଭୁବନେଶ୍ୱର, ୧୫/୪ (ନି.ପ୍ର): ବିଜେଡିର ସାଙ୍ଗଠନିକ ନିର୍ବାଚନ ନେଇ ସାମ୍ବାଦିକ ସମ୍ମିଳନୀ । ବିଜୁ ଜନତା ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି । ଏହି ପ୍ରକ୍ରିୟା ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ସୂଚନା ଦେଇଛି ବିଜେଡି । ତିନି ଦିନ ଯାଏ ଅର୍ଥାତ୍ ୧୩ ରୁ ୧୫ ଯାଏ ଅର୍ଥାତ ଆଜି ପର୍ଯ୍ୟନ୍ତ ଜିଲ୍ଲା ସଭାପତି ନିର୍ବାଚନ ପ୍ରକ୍ରିୟା ହୋଇଥିଲା । ଏହି ପ୍ରକ୍ରିୟାରେ ସିଙ୍ଗଲ ନୋମିନେସନ ହେବା ସହ ୧୮ ଜିଲ୍ଲାର ସଭାପତିମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଆସନ୍ତାକାଲି ଠାରୁ ନିର୍ବାଚନର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହେବ। ରାଜ୍ୟ ପରିଷଦ ସଦସ୍ୟ ପାଇଁ ବିଧିବଦ୍ଧ କମିଟି ଓ ତା'ପରେ ଏକଜେକ୍ୟୁଟିଭ କମିଟି ଗଠିତ ହେବ । ତା'ପରେ ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ। ଅପରପକ୍ଷେ ସଭାପତି ପଦ ପାଇଁ ନୋମିନେସନ କେବେ ଓ ନିର୍ବାଚନ କେବେ,ପରବର୍ତ୍ତୀ ପର୍ଯ୍ୟାୟରେ ଚୂଡାନ୍ତ ହେବ ବୋଲି ସୂଚନା ଦେଇଛନ୍ତି ନିର୍ବାଚନ ଅଧିକାରୀ ପ୍ରତାପ ଦେବ । ତେବେ ଏହି କ୍ରମରେ ବିଜେଡି ୧୮ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା କରିଛି । ଦଳ ପକ୍ଷରୁ ପ୍ରେସ୍ ବିବୃତି ଜରିଆରେ ଏହାର ସୂଚନା ଦିଆଯାଇଛି । ବିଜେଡିର ପ୍ରେସ୍ ବିବୃତି ଅନୁଯାୟୀ, ଅନୁଗୁଳ ଜିଲ୍ଲାର ବିଜେଡି ସଭାପତି ପାଇଁ ବ୍ରଜକିଶୋର ପ୍ରଧାନ, ବରଗଡ ପାଇଁ ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକ ପାଇଁ ଜଗନ୍ନାଥ ସ୍ୱାଇଁ, ବୌଦ୍ଧ ପାଇଁ ପ୍ରଦୀପ କୁମାର ଅମାତ, ଦେବଗଡ଼ ପାଇଁ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଗଜପତି ପାଇଁ ପ୍ରଦୀପ ନାୟକ, ଜଗତସିଂହପୁର ପାଇଁ ପ୍ରଶାନ୍ତ କୁମାର ମୁଦୁଲୀ, ଯାଜପୁର ପାଇଁ ସରୋଜ କୁମାର ମହାପାତ୍ର, ଝାରସୁଗୁଡ଼ା ପାଇଁ ହରିଶ ଗନ୍ତରା ନିଯୁକ୍ତ ହୋଇଛନ୍ତି ।

▶▶ପୃଷ୍ଠା ୭

## ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁକୁ ନେଇ ତେଜିଲା ରାଜନୀତି



ଭୁବନେଶ୍ୱର, ୧୫/୪ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ନଷ୍ଟ କରିବାକୁ ପୁଣିଥରେ ଉଦ୍ୟମ । ବଲାଙ୍ଗିର ପାଟଣାଗଡ଼ର ବ୍ରହ୍ମପୁରା ବ୍ଲକ୍ ଛକରେ ଥିବା ବିଜବାବୁଙ୍କ ପ୍ରତିମୂର୍ତ୍ତିରେ ଆଜି ଜଣେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲା । ଏ ସଂକ୍ରାନ୍ତରେ ପୋଲିସ୍ ଜଣେ ମାନସିକ ଭାରସମ୍ୟ ହରାଇଥିବା ବ୍ୟକ୍ତିକୁ ଗିରଫ କରି ତଦନ୍ତ ଚଳାଇଛି । କିଏ ନିଆଁ ଲଗାଇଲା, କାହିଁକି ନିଆଁ ଲଗାଇଲା ତାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। କିନ୍ତୁ, ଏହାରି ଭିତରେ ଯେଉଁ ଚିତ୍ର ସାମ୍ନାକୁ ଆସିଛି ସେଥିରୁ ସ୍ପଷ୍ଟ ହୋଇଛି ଯେ, ନିଆଁ ଆଉ କେହି ନୁହେଁ ବରଂ ପ୍ରତିମୂର୍ତ୍ତି ସାମ୍ନାରେ ଛିଡ଼ା ହୋଇଥିବା ବ୍ୟକ୍ତି ଜଣଙ୍କ ହିଁ ଲଗାଇଛି । ଖବର ପାଇ ପୋଲିସ ପହଞ୍ଚି ସଂପୃକ୍ତ ବ୍ୟକ୍ତି ଯୁଗଳ ସାହୁକୁ ଗିରଫ କରିଛି । ଆଇଜି ହିମାଂଶୁ ଲାଲ୍ କହିଛନ୍ତି, ଅଭିଯୁକ୍ତ

▶▶ପୃଷ୍ଠା ୭

## ରବର୍ଟ ଭଦ୍ରାଙ୍କୁ ଇଡିର ଜେରା: ବିଜେପି ଉପରେ ବର୍ଷିଲେ ରବର୍ଟ



ନୂଆଦିଲ୍ଲୀ, ୧୫/୪ : ବହୁ ଚର୍ଚ୍ଚିତ ହରିୟାଣା ଜମି ଦୁର୍ନୀତି ମାମଲାରେ ଆଜି ଇଡି ନିକଟରେ ହାଜର ହୋଇଛନ୍ତି ବିଶିଷ୍ଟ ଶିଳ୍ପପତି ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ଭଦ୍ରା । ଇଡିର ସମନକୁ ଏକ 'ରାଜନୈତିକ ପ୍ରତିଶୋଧ କହି ବିଜେପି ଉପରେ ବର୍ଷିଛନ୍ତି ରବର୍ଟ । ରବର୍ଟ କହିଛନ୍ତି ମାମଲାରେ କିଛି ନାହିଁ । ଯେବେ ବି ସେ ଲୋକଙ୍କ କଥା କୁହନ୍ତି କିମ୍ବା ଜନତାଙ୍କ ପକ୍ଷ ନିଅନ୍ତି ତାଙ୍କ ବିରୋଧରେ ତଦନ୍ତକାରୀ ଏଜେନ୍ସିକୁ ଲଗାଯାଏ । ସ୍ୱରକୁ ଚାପିବାକୁ ବିଜେପି ଯେଉଁ ଷଡ଼ଯନ୍ତ୍ର କରୁଛି ସେଥିରେ ସଫଳ ହେବନି ବୋଲି ରବର୍ଟ ଆଜି ଇଡି କାର୍ଯାଳୟରୁ ବାହାରିବା ସମୟର କହିଛନ୍ତି । ଏଥିସହ ସେ କହିଛନ୍ତି ୨୦ ବର୍ଷରେ ସେ ୧୫ ଥର ଇଡିରେ ହାଜର ହୋଇ ସାରିଲିଣି । ପ୍ରତି ଥର ୧୦ ଘଣ୍ଟାରୁ ଅଧିକ ସମୟ ଜେରା କରାଯାଉଛି । ଜାଣିଶୁଣି ତାଙ୍କୁ ହଇରାଣ କରାଯାଉଛି । ତେବେ କ'ଣ ଏହି ଜମି ଦୁର୍ନୀତି ମାମଲା । କାହିଁକି ୧୭ବର୍ଷ ପୁରୁଣା ଜମିକିଣାବିକା ମାମଲାରେ କାହିଁକି ରବର୍ଟଙ୍କୁ ଜେରା କରୁଛି ଇଡି । ତେବେ ଜେରା ପୂର୍ବରୁ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି । ଇଡି କାର୍ଯ୍ୟାଳୟକୁ ପହଁଚିବାକୁ ରବର୍ଟ କୌଣସି ଗାଡିରେ ଯାଇନଥିଲେ ବଂର ନିଜ ଘରୁ ଦୁଇ କିଲୋମିଟର ଦୂରରେ ଥିବା ଇଡି ମୁଖ୍ୟାଳୟକୁ ଚାଲିଚାଲି ପହଁଚିଥିଲେ ରବର୍ଟ ।

## ଆୟୁଷ୍ମାନ କାର୍ଡ ବାଂଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୪ (ନି.ପ୍ର): ଭୁବନେଶ୍ୱରର ଡୁମଡୁମା ଓ ପୋଖରୀପୁଟ ସ୍ୱାସ୍ଥ୍ୟ କେନ୍ଦ୍ର ଅଂଚଳରେ ଆସୁଥିବା ବିଭିନ୍ନ ୱାର୍ଡରେ ଏକାମ୍ର ବିଧାୟକ ବାବୁ ସିଂଙ୍କ ସହ ମିଶି ଆୟୁଷ୍ମାନ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ କାର୍ଡକୁ ହିତାଧିକାରୀ ମାନଙ୍କୁ ବଂଟଣ୍ଟିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହଲିଂଙ୍ଗ। ଏହା ସହ ସାଙ୍ଗରେ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ନେଇ ୱାର୍ଡ ରୁ ୱାର୍ଡ ବୁଲି ସ୍ୱାସ୍ଥ୍ୟ କାର୍ଡ ବାଂଟିଛନ୍ତି। ଆଗାମୀ ୩ ମାସ ମଧ୍ୟରେ ସରକାର ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟ କାର୍ଡ ପହଂଚାଇବା ପାଇଁ ଟାର୍ଗେଟ ରଖିଛନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହଲିଂଙ୍ଗ।

## ତାମିଲନାଡୁ ସରକାରଙ୍କ ନୂଆ ଆଭିମୁଖ୍ୟ: ରାଜ୍ୟକୁ ସ୍ୱାୟତ୍ତ କରିବାକୁ ବିଧାନସଭାରେ ପ୍ରସ୍ତାବ



ନୂଆଦିଲ୍ଲୀ, ୧୫/୪ : ତାମିଲନାଡୁକୁ ସ୍ୱାୟତ୍ତ କରିବା ଦିଗରେ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏଥିରେ ସୁପ୍ରିମକୋର୍ଟଙ୍କ ପୂର୍ବତନ ବିଚାରପତି କୁରିଆନ ଜୋଶେଫ ସଭାପତି ରହିବା ସହ ପୂର୍ବତନ ଆଇଏଏସ ଅଧିକାରୀ ଅଶୋକ ବର୍ଦ୍ଧନ ସେଟୀ ଓ ଏମୟୁ ନାଗରାଜଙ୍କୁ ଅଛନ୍ତି । ୨୦୨୬ ଜାନୁଆରୀ ମଧ୍ୟରେ କମିଟି ଅନ୍ତରୀଣ ରିପୋର୍ଟ ଦେବ । ଷ୍ଟାଲିନଙ୍କ ମତରେ ଦେଶର ରାଜନୀତି ଓ ପ୍ରଶାସନ ପ୍ରଣାଳୀକୁ ଦେଶବାସୀଙ୍କ ହିତକୁ ଦେଖି ଗଠନ କରାଯାଇଛି। ରାଜ୍ୟର ଅଧିକାରକୁ ଛଡ଼ାଇ ନିଆଯାଉଛି । ରାଜ୍ୟର ଲୋକେ ନିଜର ମୌଳିକ ଅଧିକାର ପାଇଁ କେନ୍ଦ୍ର ସହ

▶▶ପୃଷ୍ଠା ୭

## ଆରଜେଡି ଓ କଂଗ୍ରେସ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ: ବିଧାନସଭା ନିର୍ବାଚନ ରଣନୀତି ଉପରେ ଆଲୋଚନା



ନୂଆଦିଲ୍ଲୀ, ୧୫/୪ : ବିହାର ବିଧାନସଭା ନିର୍ବାଚନ ଆସନ ବୁଝାମଣା ପାଇଁ ଆରଜେଡି ଓ କଂଗ୍ରେସ ମଧ୍ୟରେ ଆଲୋଚନା । ଏହି ସମ୍ପର୍କରେ ଆରଜେଡି ନେତା ତେଜସ୍ୱୀ ଯାଦବ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀରେ ସାକ୍ଷାତ କରିଛନ୍ତି ତେବେ ଆଜିର ଆଲୋଚନା ମୁଖ୍ୟତଃ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ଚେହେରା ଉପରେ ଆଲୋଚନା ହୋଇଥିଲା । ଏହା ସହିତ ଆସନ ଭାଗବଣ୍ଟା ଉପରେ ମଧ ଚର୍ଚ୍ଚା କରାଯାଇଛି । ଏହି ଦୁଇ ପ୍ରସଙ୍ଗରେ ଉଭୟ କଂଗ୍ରେସ ଓ ଆରଜେଡି ମଧ୍ୟରେ ମତଭେଦ ଥିଲେ ମଧ ଆରଜେଡି ନେତା ତେଜସ୍ୱୀ ଯାଦବ ଏହାକୁ ଏଡାଇବାକୁ ଚେଷ୍ଟା କରିଛନ୍ତି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ମେଣ୍ଟ ଆସନ ବୁଝାମଣା ଭିତ୍ତିରେ ୭୦ଆସନରେ ଲଢ଼ିଥିଲା। ମାତ୍ର ୧୯ ଆସନ ଜିତିପାରିଥିଲା । ଯାହା ଫଳରେ ମହାଗଠବନ୍ଧନ ସରକାର ଗଠନରେ ଫେଲ୍ ମାରିଥିଲା ବୋଲି ଆରଜେଡି ଅଭିଯୋଗ କରିଥିଲା । ମାତ୍ର ଦଶନ୍ଧୀ ଧରି ଆରଜେଡି କିମ୍ବା କଂଗ୍ରେସ ଜିତିପାରୁନଥିବା ଆସନ କଂଗ୍ରେସକୁ ଦିଆଯାଇଥିଲା ବୋଲି ଦଳ ସଫେଇ ରଖିଥିଲା । ଏହି ଆଧାରରେ ଆଗାମୀ ନିର୍ବାଚନରେ ଜିତିବା ସମ୍ଭାବନା ଥିବା ଆସନ ପାଇବାକୁ ବିଭିନ୍ନ ପ୍ରକାରରେ କଂଗ୍ରେସ ଚାପ ପ୍ରୟୋଗ କରିବାକୁ ଚେଷ୍ଟା କରୁଛି । ଦଳୀୟ ନେତା କହ୍ନେୟା କୁମାରଙ୍କ ପଳାୟନ ରୋକ ରୋଜଗାର ଦୋ ଯାତ୍ରାକୁ ଏହି ପରିପେକ୍ଷରେ ଦେଖାଯାଇପାରେ । ଆଜି ଆଉ ଏକ ଘଟଣାକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପଶୁପତି ପରାସଙ୍କ ଦଳ ଏନଡିଏଠୁ ସମ୍ପର୍କ ଭାଙ୍ଗିଛି । ଏହା ସହିତ ମହାଗଠବନ୍ଧନରେ ତାଙ୍କର ସାମିଲ ସମ୍ଭାବନା ବଢ଼ିଛି । ଅନ୍ୟପକ୍ଷରେ ରାଜନୀତି ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଜନସ୍ୱରାଜ ଦଳକୁ ମହାଗଠବନ୍ଧନରେ ସାମିଲ କରିବାକୁ କଂଗ୍ରେସ ଚାହୁଁଛି । ଏସବୁ ଦୃଷ୍ଟିରୁ ରଖି କଂଗ୍ରେସ ଏବେଠାରୁ ତେଜସ୍ୱୀ ଯାଦବଙ୍କୁ ମନେଇବା ପାଇଁ ଚେଷ୍ଟା କରୁଛି । ତେଣୁ ଏପ୍ରିଲ ୧୭ରେ ଦୁଇଦଳର ପରବର୍ତ୍ତୀ ବୈଠକ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ।

## ସେୟାର ମାର୍କେଟରେ ଉତ୍ସାହ: ୧୫୦୦ରୁ ଅଧିକ ପଏଣ୍ଟ ବଢ଼ିଲା ସେନସେକ୍ସ



ନୂଆଦିଲ୍ଲୀ, ୧୫/୪ : ସେୟାର ବଜାରରେ ପୁଣି ଫେରିଲା ଉତ୍ସାହ। ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ୧୫୭୫ ପଏଣ୍ଟ ବୃଦ୍ଧି ପାଇଛି। ଫଳରେ ୭୬ ହଜାର ୭୧୨ରେ ପହଞ୍ଚିଛି ବିଏସଇ ସୂଚକାଙ୍କ। ଆଜି ସକାଳେ ସେନସେକ୍ସ ୧୬୪୯ ପଏଣ୍ଟ ବୃଦ୍ଧି ସହ କାରବାର ଆରମ୍ଭ କରିଥିଲା। ଏହା ଫଳରେ ସେନସେକ୍ସ ୨.୧୦ ପ୍ରତିଶତ ବୃଦ୍ଧି ପାଇ ୭୬,୮୫୨ରେ ପହଞ୍ଚିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ୍ ନିଫଟି ସୂଚକାଙ୍କରେ ବି ୪୮୦ ପଏଣ୍ଟ ବୃଦ୍ଧି ଘଟି ନିଫ୍ଟି ୨୩ ହଜାର ୩୦୦ ପାର୍ କରିଛି। ତିନି ଦିନର ଛୁଟି ପରେ ଭାରତୀୟ ସେୟାର ବଜାର ବଢ଼ିବା ପରେ ନିବେଶକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଟାରିଫ୍ କୋହଳ ନେଇ ଟ୍ରମ୍ପଙ୍କ ସଙ୍କେତ ପରେ ଭାରତୀୟ ସେୟାର ବଜାରରେ ପୁଣି ଅଭିବୃଦ୍ଧି ଦେଖାଦେଇଛି। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବର୍ଦ୍ଧିତ ଟାରିଫ ଯୋଗୁ ଭାରତୀୟ ସେୟାର ବଜାର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ଏହି କାରଣରୁ ଗତ କିଛି ମାସ ଧରି ସେୟାର ବଜାରରେ ଅସ୍ଥିରତା ଲାଗି ରହିଛି।

# ମା’ କନ୍ତିଆଶୁଣୀଙ୍କ ପୀଠରେ ମହାବିଷୁବ ଉତ୍ସବ ପାଳିତ



ଭଦ୍ରକ,୧୫/୪(ନି. ପ୍ର): ଆଗରପଡ଼ା ନିକଟସ୍ଥ ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ କନ୍ତିଆ ଗ୍ରାମର ଗ୍ରାମ ଦେବତୀ ମା’କନ୍ତିଆଶୁଣୀଙ୍କ ୧୯ତମ ମହାବିଷୁବ ଉତ୍ସବ ପାଳିତ ହୋଇଯାଇଛି। ବହୁଦିନ ପରେ ସ୍ୱର୍ଗତ ମହେନ୍ଦ୍ର ପଣ୍ଡାଙ୍କ ପରିବାର ଓ ଗ୍ରାମବାସୀଙ୍କ ସହଯୋଗରେ ୨୦୦୫ ମସିହାରୁ ଏକ ଗଛମୂଳରେ ପୂଜା ପାଉଥିବା ମା’ଙ୍କ ଏକ ମନ୍ଦିର ର ନିର୍ମାଣ କରାଯାଇଥିଲା। ମାତ୍ର ୨୦୧୭ ମସିହାରେ ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନସ୍ଥ କ୍ଳୋହ ଗ୍ରାମର ପୂର୍ବତନ ସମବାୟ ବିଭାଗର କର୍ମଚାରୀ ବଳରାମ ସେନାପତିଙ୍କୁ ମା’ସ୍ୱପ୍ନାଦେଶ ହେବାରୁ ମା’ଙ୍କ ପୂର୍ଣାଙ୍ଗ ରୂପେ ପୂଜା ପାଇଆସୁଅଛନ୍ତି। ଏହି ଉତ୍ସବରେ ପ୍ରାତଃରୁ ମା’ଙ୍କ କଳସ ସ୍ଥାପନ ହୋଇ ଚଣ୍ଡୀପାଠ ଅନୁଷ୍ଠିତ ହୋଇଯାଇଅଛି। ସନ୍ଧ୍ୟାରେ ରାମଚନ୍ଦ୍ରପୁର ଶାସନର ପ୍ରଫୁଲ୍ଲ କୁମାର ପାଣିଙ୍କ ନେତୃତ୍ୱରେ ଭଜନ ପରିବେଷଣ ଏବଂ ନିକଟସ୍ଥ ଖଜିରା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଚୌପହରୀ ପରିବେଷଣ କରିଥିଲେ। ସନ୍ଧ୍ୟାରେ ବହୁ ଜନସମାଗମ ହୋଇ ପ୍ରସାଦ ବଣ୍ଟନ କରିଥିଲେ। ଏଥିରେ ଜଗନ୍ନାଥ ପଣ୍ଡା, ପ୍ରଫୁଲ୍ଲ ମିଶ୍ର, ରତ୍ନାକର ଓଝା, ବନମାଳି ଓଝା, ମୃଷି ଖୁଣ୍ଟିଆ, ଦେବେନ୍ଦ୍ର ପଣ୍ଡା, ନିରଞ୍ଜନ ପଣ୍ଡା, ଶୁଭାଶିଷ୍ ପଣ୍ଡା, ମହେନ୍ଦ୍ର ଓଝା, ରବିନ୍ଦ୍ର ବାରିକ ଇତ୍ୟାଦି ଏହି ଉତ୍ସବଟିକୁ ପରିଚାଳନା କରିଥିଲେ।

# ଦେହରେ କଣ୍ଟା ଫୋଡ଼ି, ମୁଣ୍ଡରେ ଧୁଣାଁସରା ମୁଣ୍ଡାଇ ମାନସିକ ପୂରଣ କଲେ ଶହଶହ ଭକ୍ତ

ବାଲିଆପାଳ ,୧୫/୪(ନି. ପ୍ର): ବାଲିଆପାଳ ବ୍ଲକର ପ୍ରମୁଖ ଶୈବ ପୀଠ ଖଗଡେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଆଜି ଚଡକ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି ।ଏହି ଅବସର ରେ ଶୈବ ପୀଠ ଗୁଡିକ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା । ଖଗଡେଶ୍ୱର ପୀଠରେ ତେର ଦିନ ଧରି ବ୍ରତ ଧାରଣ କରିଥିବା ବ୍ରତାଧାରୀ ମାନେ ଆଜି ଅପରାହ୍ନରେ ଏକ ବିଶାଳ ଶୋଭାଯାତ୍ରାରେ ତେର ଭକ୍ତ ଙ୍କ ସହ ମଧୁପୁରା ସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ । ପରମ୍ପରା ଅନୁଯାଇ ଏହି ଭକ୍ତ ମାନେ ମାଳଚନ୍ଦିନୀ ହେବା ପରେ ଦେବ ଦେବ ମହାଦେବଙ୍କ ନିକଟରେ ନିଜର ମାନସିକ କରିଥିଲେ । ଏହି ଦିନରେ ନିଜ ଶରୀରକୁ କଷ୍ଟଦେଇ ଶିବଙ୍କୁ ଆରଧନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ବିଶ୍ୱାସରେରେ ବହୁ ଭକ୍ତ ନିଜ ଦେହ କୁ ଲୁହା କଣ୍ଟା ଛୁଞ୍ଚି ,ଏବଂ ବେଲୁନ ଫୋଡି ବାଦ୍ୟ ର ତାଳେ ତାଳେ ନୃତ୍ୟ କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ । ଶତାଧିକ ମହିଳାଭକ୍ତ ମୁଣ୍ଡରେ ଧୁଣାସରା ମୁଣ୍ଡାଇ ଏକ ପଟୁଆରା ରେ ମନ୍ଦିର ପର୍ଯ୍ୟନ୍ତ ଆସି ବେଢା ପରିକ୍ରମା କରିଥିଲେ । ଦୀର୍ଘ ତେର ଦିନ ଧରି ଚାଲିଥିବା ଏହି ପର୍ବର ଉଦଯାପନ ଉତ୍ସବରେ



ଭକ୍ତସମେତ ସାଧାରଣ ଦର୍ଶକ ମଧ ମହାଦେବଙ୍କ ନିକଟରେ ନିଜର ଶୁଭ ମନାସିଥିଲେ । କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରବଳ ଜନଗହଳି ହୋଇଥିଲା ପାଟଭକ୍ତା ଭାବେ ପଦ୍ମୋଲୋଚନ ସାହୁ, ଶ୍ରୀବେକିଡି ଭାବେ ପ୍ରଭାସ କୁମାର ସାହୁ , ପୂଜକ ଜୀତେନ୍ଦ୍ରନାଥ ପାଠୀ ରହିଥିଲାବେଳେ ଖଗଡାପାଳ ଗ୍ରାମ କମିଟି ତରଫରୁ ମଧୁସୂଦନ ସାହୁ, ମୁରଲୀ ମୋହନ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ , ପ୍ୟାରୀ ମୋହନ ବିଶ୍ୱାଳ, ବିଜୟ ପାତ୍ର, ପଦ୍ମଲୋଚନ ଚକ୍ରବର୍ତ୍ତୀ, ଅରୁଣ ପରିଡା ଦା ମ ପ୍ରଧାନ ସମିତି ସଦସ୍ୟ ସୁଶାନ୍ତ ସେଠୀ, ସମେତ ଗ୍ରାମପରିଚାଳନା କମିଟି ଓ ଯୁବକମାନେ ପରିଚାଳନା କରିଥିଲେ । ସେହିଭଳି ଜଗାଇ ନାଭଡେଶ୍ୱର ମନ୍ଦିରଓ ନିଖିରେଶ୍ୱରଙ୍କ ପୀଠରେ ରେ ଚଳିତ ବର୍ଷ ତିନି ହଜାରରୁ ଅଧିକ ଭକ୍ତ ବ୍ରତଧାରଣ କରିଥିଲେ । ଏହି ଦୁଇ ପୀଠ ସମେତ କୁଶୁଡିହା ,ଦେଉଳା ,ଚାନ୍ଦମଣି ପ୍ରଭୃତି ପୀଠରେ ଚଡକଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି ।ବାଲିଆପାଳ ପୋଲିସ୍ ଓ ଜାମକୁଣ୍ଡା ଫାଣ୍ଡି ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷାକରାଯାଇଥିଲା ।

# ଖଇରା କଲେଜରେ ସଂସ୍କୃତ ଓ ପଦାର୍ଥ ବିଜ୍ଞାନ ତରଫରୁ ଜାତୀୟ ଆଲୋଚନାଚକ୍ର

ଖଇରା,୧୫/୪(ନି. ପ୍ର): ବାଲେଶ୍ୱର ଜିଲା ର ଅନ୍ୟତମ ଖ୍ୟାତି ସମ୍ପର୍ଣ୍ଣ ଖଇରା କଲେଜରେ ସଂସ୍କୃତ ଓ ପଦାର୍ଥ ବିଜ୍ଞାନର ମିଳିତ ଆନୁକୂଲ୍ୟରେ ସୋମବାର ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଶିର୍ଷକ ଶ୍ରୀଜଗନ୍ନାଥ ଓ ବିଶ୍ୱଶାନ୍ତି ଉପରେ ଆୟୋଜିତ ଏହି ସେମିନାରରେ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ପୌରହିତ୍ୟ କରିବା ଅବସରରେ ଶ୍ରୀ ଜଗନ୍ନାଥଙ୍କୁ ଜିବନର ପଥ ଓ ତାଙ୍କର ପବିତ୍ର ନାମକୁ ପତି ଭାବେ ଗ୍ରହଣ କଲେ ବିଶ୍ୱରୁ ହିଂସା,ଦ୍ୱେଷ ଓ ପରଶ୍ରୀକାତରତା ସବୁରି ହୃଦୟରୁ ବିଲୁପ୍ତ ହୋଇ ପାରିବ ବୋଲି କହିଥିଲେ । ଭୂବନେଶ୍ୱର ନାଇଜର କୁଳସଚୀବ ଅଭୟ କୁମାର ନାୟକ ମୁଖ୍ୟବକ୍ତା,ଏକାମ୍ର କଲେଜର ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ପାଢୀ ମୁଖ୍ୟଅତିଥି,ବରିଷ୍ଠ ଖବରଦାତା ସ୍ୱରୂପାନନ୍ଦ ଦାସ ପ୍ରମୁଖ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ । ଜ୍ଞାନ,ବିଜ୍ଞାନ ଓ ପ୍ରଜ୍ଞାନର ମିଶ୍ରଣ ଜଗନ୍ନାଥ ସଂସ୍କୃତି ବସୁଧୈବ କୁଟୁମ୍ବକମ୍ ର ବାର୍ତ୍ତାବହ । ସର୍ବଧର୍ମର ସମନ୍ୱୟ ଏହି ଚେତନା ବା ସଂସ୍କୃତି ବିଶ୍ୱଶାନ୍ତିର ବଳିଷ୍ଠ ମାଧ୍ୟମ ବୋଲି ପ୍ରକାଶ କରିଥିଲେ । ପଦାର୍ଥ ବିଜ୍ଞାନ ମୁଖ୍ୟ ଶଶିକାନ୍ତ ପଣ୍ଡା ପ୍ରାରମ୍ଭିକ ସୁଚନା ଓ ସୁଶ୍ରୀ ଚିନ୍ମୟୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ ହରପ୍ରିୟା ମହାନ୍ତି ଅତିଥି ମାନଙ୍କର ମାନପତ୍ର ପାଠ କରିଥିଲେ । ସଂସ୍କୃତ ବିଭାଗର ବିସ୍ମିତା ବଳ ଓ ପଦାର୍ଥ ବିଜ୍ଞାନର ସୂର୍ଯ୍ୟସ୍ନାତା ପତି ସନ୍ଦର୍ପ ପାଠ କରିଥିଲେ । ଲେପ୍ଟନାଣ୍ଟ ଡ ଉଦୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାଧ୍ୟାପକ ଗୋପବନ୍ଧୁ ମହାପାତ୍ର,ଡ ସୁଜିତ କୁମାର ଛାଟିଆ, ଜୟନ୍ତ କୁମାର ସ୍ୱାଇଁ, ତୃପ୍ତିମୟ ଗିରି, ବଡବାବୁ ଅକ୍ଷାଂଶୁ ଦଳେଇ, ପ୍ରଶାନ୍ତ ବେହେରା, ବିରେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ଟୁଇଟର ମ୍ୟାନ୍ ପୂର୍ଣ୍ଣଚନ୍ଦ୍ରଙ୍କୁ ସମ୍ବର୍ଦ୍ଧନା




ବାଲିଆପାଳ ୧୪/୪ (ଆପ୍ର) ବାଲିଆପାଳ ‘ଏକ୍ସ’ ଜରିଆରେ ଲୋକଙ୍କ ସମସ୍ୟାର ସମାଧାନ କରୁଥିବାରୁ ପୁରୀ ସଂସ୍କୃତି ଭବନ ଠାରେ ଶନିବାର ପୂର୍ବାହ୍ନ ୧୧ଟା ରେ ଆୟୋଜିତ ’ଆଟା’ ( ଟୁଇଟର ଆସୋସିଏସନ୍ ଆକ୍ଟିଭିଷ୍ଟ) ତରଫରୁ ବାଲେଶ୍ୱର ବାଲିଆପାଳ ବ୍ଲକ ରୁ ପୂର୍ଣ୍ଣଚନ୍ଦ୍ର ଜେନା (୨୬) ଙ୍କୁ ଉତ୍ତମ ଟୁଇଟର ମ୍ୟାନ୍ ଭାବେ ସମ୍ବର୍ଦ୍ଧନା କରାଯାଇଛି। ୨ ବର୍ଷ ଭିତରେ ୫୦୦/୭୦୦ ଶହରୁ ଅଧିକ ସମସ୍ୟାର ସମାଧାନ କରିଥିବା ଜଣାପଡ଼ିଛି । ଟିମ୍ ’ଆଟା’ କର୍ମକର୍ତ୍ତା ସାରା ରାଜ୍ୟରେ କାମ କରୁଥିବା ବେଳେ ବାଲେଶ୍ୱର ଜିଲ୍ଲା ର ବାଲିଆପାଳ ପାଇଁ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ବ୍ଲକ ସଭାପତି ଭାବେ କାର୍ଯ୍ୟରତ ଅଛନ୍ତି।। ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ସୂର ?ୟ୍ୟାପୁର ଗ୍ରାମର ଗୁଣାକର ଜେନା ଓ ବାସନ୍ତି ଜେନା ପୁଅ ପୂର୍ଣ୍ଣଚନ୍ଦ୍ର ସେ ଯୁବ ବିକାଶ ଫାଉଣ୍ଡେସନରେ କାର୍ଯ୍ୟରତ ଓ ଭି.ଏଚ୍.ଆର.ସି ଜିଲ୍ଲା ସଭାପତି ଏବଂ ବିଭିନ୍ନ ସଂଗଠନରେ କାର୍ଯ୍ୟ କରନ୍ତି ପୂର୍ଣ୍ଣଚନ୍ଦ୍ର। ସମାଜ ସେବା କରିବା ସହିତ ଲୋକଙ୍କ ସମସ୍ୟା ବାବଦରେ ପ୍ରତିଦିନ କିଛି ନା କିଛି ଟୁଇଟରରେ ପୋଷ୍ଟ କରିଥାନ୍ତି ଓ ଆଜିଯାଏଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ୩/୪ ହଜାରରୁ ଅଧିକ ଟୁଇଟ୍ କରିଥିବା ବେଳେ ସେଥିରୁ ୫୦୦/୭୦୦ ସମସ୍ୟା ସମାଧାନ କରିପାରିଛନ୍ତି। ସେ ଏବେ ଟୁଇଟର ମ୍ୟାନ୍ ଭାବେ ବେଶ୍ ପରିଚିତ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ‘ସକାଳ’ର କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ଉପସ୍ଥିତ ଥିବାବେଳେ ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଶ୍ରୀ ଜେନା ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ: ଥାନାରେ ଅଭିଯୋଗ

ନୀଳଗିରି,୧୫/୪(ନି. ପ୍ର): ଖବର ସଂଗ୍ରହ ବେଳେ ସାମ୍ବାଦିକଙ୍କୁ ସଂଘବଦ୍ଧ ଆକ୍ରମଣ। ଏନେଇ ବରହମପୁର ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ନୀଳଗିରି ଅର୍ଗସ ପ୍ରତିନିଧି ପ୍ରିୟବ୍ରତ ବେହେରା, ସମାଜ ପ୍ରତିନିଧି ଅଶେଷ ସ ଏବଂ ପ୍ରମେୟ ନିୟୁଜ ସେଭେନ ପ୍ରତିନିଧି ବ୍ରଜକିଶୋର ପାଣି ନୀଳଗିରି ପଞ୍ଚାୟତ ସମିତି ଅଧୀନ ତେନ୍ତୁଳିଆ ପଞ୍ଚାୟତ ତେନ୍ତୁଳିଆ ଠାରେ ଏମଜିଏନଆରଜିଏସ ଯୋଜନାରେ ଏକ ଅମୃତ ସରୋବର ପୋଖରୀ ମେସିନ ସାହାଯ୍ୟରେ ଖୋଳାଯାଉଥିବା ଖବରପାଇ ତଥ୍ୟ ସଂଗ୍ରହ କରିବା ପାଇଁ ଯାଇଥିଲେ। ମାତ୍ର ପୋଖରୀ ଖୋଳାରେ ସ୍ଥାନୀୟ ଶ୍ରମିକଙ୍କ ବଦଳରେ ମେସିନ ସାହାଯ୍ୟରେ ଖୋଳାଯାଉଥିବା ଏବଂ ବିଭିନ୍ନ ଅନିୟମିତତା ହୋଇଥିବା ଜାଣି ଘଟଣାସ୍ଥଳରେ ଭିଡିଓ ଉତ୍ତୋଳନ କରୁଥିବା ସମୟରେ ଉକ୍ତଗ୍ରାମର ମନ୍ମଥ ପାତ୍ରଙ୍କ ପୁଅ ବିଶ୍ୱଜିତ୍ ପାତ୍ର, ଉମାକାନ୍ତ ପାତ୍ରଙ୍କ ପୁଅ ବାବୁ ପାତ୍ର ଏବଂ ଅନ୍ୟ ୨/୩ଜଣ ସ୍ଥାନୀୟ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ନାନାଦି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଅର୍ଗସ୍ ପ୍ରତିନିଧି ପ୍ରିୟବ୍ରତ ବେହେରାଙ୍କ ମୋବାଇଲ ଛଡ଼ାଇନେଇ କଚାଡି ଭାଙ୍ଗିଦେଇଥିବା ସାମ୍ବାଦିକ ଶ୍ରୀ ବେହେରା ବରହମପୁର ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପାଲଟା ଅଭିଯୋଗ ହୋଇଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ଠିକାଦାରଙ୍କ ପ୍ରରୋଚନାରେ ଏଭଳି ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାଯାଇଛି।

## ଶୁଦ୍ଧିକ୍ରୟା ପାଇଁ ସାହାଯ୍ୟର ହାତ ବଢାଇଲା ଚଣ୍ଡିମାତା ସେବା ସଂସ୍ଥା

ଖଇରା,୧୫/୪(ନି. ପ୍ର): ଖଇରା ବ୍ଲକ ଅଧୀନସ୍ଥ ସାରକୋଣା ଗ୍ରାମ ପଞ୍ଚାୟତ ଅଧୀନ ସୁଜାଗଡ ଗ୍ରାମର ତପନ ପାତ୍ର(୩୨) ଅକାଳ ବିୟୋଗ ଘଟିଥିବା ବେଳେ ନନ୍ଦୋର ଚଣ୍ଡିମାତା ସେବା ସଂସ୍ଥା ସହଯୋଗର ହାତ ବଢାଇଛି । ତପନଙ୍କ ଶୁଦ୍ଧିକ୍ରିୟା ପାଇଁଓ ସଙ୍ଗଠନର କର୍ମକର୍ତ୍ତା ପ୍ରହଲ୍ଲାଦ ପତି,ଧନଞ୍ଜୟ ପଣ୍ଡା,ଗୌତମ ନାୟକ,ଅନାଦି ଧଡା,ତପନ ବାରିକ,ସୁରେନ୍ଦ୍ର ନାୟକ ଓ ଶିବଶଙ୍କର ନାୟକ ବସ୍ତ୍ର ଦାନ ସହିତ ଆର୍ଥୀକ ସହାୟତା ପ୍ରଦାନ କରିଛନ୍ତି ।

# ଗଣ୍ଡିବେଡ ହାଇସ୍କୁଲ ହୀରକ ଜୟନ୍ତୀ ସମାରୋହ



ଖଇରା,୧୫/୪(ନି. ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲରେ ଆୟୋଜିତ ହିରକ ଜୟନ୍ତୀ ଉତ୍ସବ ସଭା,ସମ୍ବର୍ଦ୍ଧନା ସାଙ୍ଗକୁ ପାଇକ ଆଖଡା ଓ କଣ୍ଠଶିଳ୍ପୀ ଲିପ୍ସା ମହାପାତ୍ରଙ୍କ ସଙ୍ଗୀତର ତାଳେ ତାଳେ ରବିବାର ସଂଧ୍ୟାରେ ଉଦ୍ୟାପିତ ହୋଇ ଯାଇଛି । ପୁର୍ବାହ୍ନରେ ପୁରାତନ ଛାତ୍ରୀଛାତ୍ର ମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପୁରାତନ ଛାତ୍ର ପରିଷଦ ଓ ହୀରକ ଜୟନ୍ତୀ କମିଟି ପକ୍ଷରୁ ସ୍ମରଣିକା ଅଭୁଲା ସ୍ମୃତି ଉନ୍ମୋଚିତ ହୋଇଥିଲା । ସଂଧ୍ୟାରେ ଅରୁଣ କୁମାର ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟଅତିଥି ଓ ବିଶିଷ୍ଟ ସ୍ତମ୍ଭକାର ନିରଞ୍ଜନ ପାଢୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କଠିନ ପରିଶ୍ରମ ପିଲାଙ୍କୁ ଲକ୍ଷସ୍ଥଳରେ ପହଞ୍ଚାଇଥାଏ ବୋଲି କହିଥିଲେ । ବିଶିଷ୍ଟ ଭାଜପା ନେତା ଠାକୁର ରଞ୍ଜିତ ଦାସ ସମ୍ମାନନୀୟ ଅତିଥି ତଥା ହୀରକ ଜୟନ୍ତୀ ଏବଂ ପୁରାତନ ଛାତ୍ର ପରିଷଦର କର୍ମକର୍ତ୍ତା ମଦନମୋହନ ମହଲା ଡ ଅଭୟ କୁମାର ମହାନ୍ତି,ଇଂ ରାଜେଶ କୁମାର ମହାକୁଡ,ଅଭିମନ୍ୟୁ ରାଉଳ,ଦିବାକର ରାଉଳ,ମାନସ କୁମାର ରାଉଳ ଓ ମଧୁସୁଦନ ଜେନା,ପ୍ରଧାନଶିକ୍ଷକ ଯଦୁନାଥ ଶିଅଳ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷପର୍ବ ଭାବେ ଚର୍ଚ୍ଚିତ କଣ୍ଠଶିଳ୍ପୀ ଲିପ୍ସା ମହାପାତ୍ରଙ୍କ ମନଛୁଆଁ ସଙ୍ଗୀତ ଓ ଚଳଚିତ୍ର ଅଭିନେତା ଶୈଳେନ୍ଦ୍ରଙ୍କ ସଂଳାପ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇଥିଲା । ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଚିନ୍ମୟୀ ପାଣିଗ୍ରାହୀ, ସସ୍ମିତା ସାହୁ,ଇତିଶ୍ରୀ ମିଶ୍ର, ରେବତୀ ନାୟକ,ସରୋଜ କୁମାର ମଲ୍ଲିକ, ଗୌତମ ବେହେରା, ତାପସ ରଞ୍ଜନ ଦାସ, ବିଜୟ କୁମାର ସେଠୀ, ଅନିରୁଦ୍ଧ ନାରାୟଣ ପଣ୍ଡା ଓ ନିଳାମ୍ବର ଗିରି, ଶିକ୍ଷା କର୍ମଚାରୀ ଲକ୍ଷ୍ମୀମଣୀ ଜେନା, ହେମନ୍ତ ସେନାପତି, ନିରଞ୍ଜନ ବେହେରା ଓ ମମତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ରେଳକର୍ମଚାରୀ ସଂଘ, ବାଲେଶ୍ୱର ପକ୍ଷରୁ ପାନୀୟଜଳ ସେବା




ବାଲେଶ୍ୱର,୧୫/୪(ନି. ପ୍ର): ବାଲେଶ୍ୱର ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ରେଳଷ୍ଟେସନ ସମ୍ମୁଖରେ ରେଳଯାତ୍ରୀ ତଥା ସର୍ବସାଧାରଣଙ୍କ ନିମନ୍ତେ ପାନୀୟଜଳ ସେବା କେନ୍ଦ୍ର ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଆରମ୍ଭ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମକୁ ଷ୍ଟେସନ ଅଧିକ୍ଷକ ଶ୍ରୀଯୁକ୍ତ ସୌରଭ ପ୍ରଧାନ ଉଦ୍‌ଘାଟନ କରିବା ସହ ବାଣିଜ୍ୟିକ ଅଧିକାରୀ ସିଆଜୁଦ୍ଦିନ୍ ସାହା ସହଯୋଗର ହାତ ବଢ଼ାଇଥିଲେ। ସମ୍ପାଦକ ରାମଚନ୍ଦ୍ର ଦାସ ନୂତନ କାର୍ଯ୍ୟକାରୀ କମିଟି ମୁଖ୍ୟ ଚତୁର୍ଭୂଜ ଜେନା, ଉପଦେଷ୍ଟା ଗିରିଧାରୀ ବିନ୍ଧାଣି, ବରିଷ୍ଠ ସଦସ୍ୟ ପ୍ରମୋଦ ଚନ୍ଦ୍ର ଚୌଧୁରୀ, ସତ୍ୟରଞ୍ଜନ ରାଉତ, ବିଜୟ କୁମାର ସେନାପତି, ଅନୀଲ୍ କୁମାର ଦାସ, ଦେବ ପ୍ରସାଦ ନାୟକ, ଗଗନ ଚନ୍ଦ୍ର ଦଳାଇ, ବଙ୍କିମ ଚନ୍ଦ୍ର ପତି, ଅଶୋକ କୁମାର ମାହାତ, ମଦନ ବେହେରା, ପ୍ରଫୁଲ୍ଲ କୁମାର ସେଠୀ, ହରେକୃଷ୍ଣ ବେହେରା, ପଦ୍ମନାଭ ସାମଲ, ଅଶୋକ କୁମାର ପଣ୍ଡା, ଅନିଲ କୁମାର ବେହେରା, ରମାକାନ୍ତ ଦିକ୍ଷିତ, ଭାଗବତ ପ୍ରସାଦ ଦାସ, ସୁକୁମାର ବେହେରା ତଥା ଅନ୍ୟ ସଦସ୍ୟ/ସଦସ୍ୟାମାନେ ଉପରୋକ୍ତ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା ନିମନ୍ତେ ଉପସ୍ଥିତ ଥାଇ ସାହାଯ୍ୟର ହାତ ବଢ଼ାଇଥିଲେ।

# ବାରିପଦାଠାରେ ଜିଲ୍ଲାସ୍ତରୀୟ ବାବାସାହେବ ଡ଼କ୍ଟର ବି.ଆର.ଆମ୍ବେଦକରଙ୍କ ଜୟନ୍ତୀ -୨୦୨୫ ପାଳିତ

ବାରିପଦା ,୧୫/୪(ନି. ପ୍ର): ଭାରତର ସମ୍ବିଧାନ ପ୍ରଣେତା ତଥା ସାମାଜିକ ସଂସ୍କାରକ ଓ ମହାନ ରାଷ୍ଟ୍ରନୀତିଜ୍ଞ ଭାରତରନ୍ ବାବାସାହେବ ଡ଼କ୍ଟର ଭୀମ ରାଓ ରାମଜୀ ଆମ୍ବେଦକର ଜନ୍ମ ଜୟନ୍ତୀ ଜିଲ୍ଲା ପ୍ରଶାସନ ତତ୍ୱାବଧାନ ରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ବାରିପଦା ପୌରପାଳିକା ଙ୍କ ମିଳିତ ଆନୁକୂଲ୍ୟରେ ରେ ମହାସମାରୋହ ରେ ପାଳିତ ହୋଇଯାଇଛି.

ଏହି ଉପଲକ୍ଷେ ଆଜି ସକାଳ ଆଠ ଘଟିକା ସମୟ ରେ ବାରିପଦା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ପୂର୍ଣ୍ଣଚନ୍ଦ୍ରପୁର ଠାରେ ଅବସ୍ଥାପିତ ଡ଼କ୍ଟର ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଜିଲ୍ଲା ସ୍ତରୀୟ ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା,ବାରିପଦା ପୌରପାଳିକାର ଅଧକ୍ଷ, ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ବାରିପଦା ପୌର ପାଳିକାର କାର୍ଯ୍ୟ ନିର୍ବାହୀ ଅଧିକରୀ ଶ୍ରୀ ଦେବୀ ପ୍ରସାଦ ରାଉତ, କାଉନସିଲର ଶ୍ରୀମତୀ ନିରୁପମା ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ରାଷ୍ଟ୍ରନାୟକ ଡ଼. ବି ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ଉକ୍ତ ସାମୁହିକ ମାଲ୍ୟାର୍ପଣରେ ଅନ୍ୟ ମାନଙ୍କ ମଧରେ ଶ୍ରୀ କାନ୍ଦ୍ରା ସୋରେନ, ଶ୍ରୀ କବି ବିଷ୍ଣୁ ଶତପଥି,ଶ୍ରୀ ରଜନୀ କାନ୍ତ ବିଶ୍ୱାଳ, ବାରିପଦା ପୌରପାଳିକାର ଅନ୍ୟାନ୍ୟ କାଉନସିଲର ବୃନ୍ଦ, ପ୍ରତିଶ୍ରୁତି ପ୍ରତିଷ୍ଠାନ ର ସମ୍ପାଦକ ଶ୍ରୀ ଭାଗବତ ପ୍ରସାଦ ପଣ୍ଡା, ଅବସର ପ୍ରାପ୍ତ ପ୍ରଫେସର ଶ୍ରୀ ସନ୍ଦୀପ କୁମାର ଚାନ୍ଦ, ଆମ୍ବେଦକର ସମିତିର ସଭାପତି /ସମ୍ପାଦକ, ସ୍ଥାନୀୟ ତ୍ରିରଙ୍ଗା କ୍ଲବ ର ସଭାପତି/ସମ୍ପାଦକ ଓ ସଦସ୍ୟ ବୃନ୍ଦ , ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତ୍ତା, ଶିକ୍ଷାନୁଷ୍ଠାନ ର ମୁଖ୍ୟ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ବିଭିନ୍ନ ସରକାରୀ ପଦାଧିକାରୀ ଓ ଗଣମାଧମ ର ପ୍ରତିନିଧି ମାନେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ.

ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଡ.ଆମ୍ବେଦକରଙ୍କ ଜୀବନର ଆଦର୍ଶ ଓ ମହନୀୟତା ସମ୍ବନ୍ଧରେ ସ୍ମୃତି ଚାରଣ କରି ଦୀନ ଦରିଦ୍ର ତଥା ଦଳିତ ମାନଙ୍କ ଉତଥାନ ପାଇଁ ସେ ଯେଉଁ ମହତ କାର୍ଯ୍ୟ କରି ଯାଇଛନ୍ତି ସେଥିପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିବା ସହିତ ସେହି ମହାନ ରାଷ୍ଟ୍ରନାୟକ ଅଧକ୍ଷତା ରେ ପ୍ରସ୍ତୁତ ଭାରତୀୟ ସମ୍ବିଧାନ ଆମ ଦେଶବାସୀଙ୍କ ପାଇଁ ଏକ ମହତ୍ତ୍ୱ ପୂର୍ଣ୍ଣ ଅବଦାନ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ ମଂଚାସୀନ ଅତିଥି ମାନେ ମଧ୍ଯ ଏହି ମହାନ ରାଷ୍ଟ୍ରନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ଆମ ଦେଶ ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ଼କ୍ଟର ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ର କୃତୀ ଛାତ୍ର ଛାତ୍ରୀ ଙ୍କୁ ଅତିଥି ବୃନ୍ଦ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ପୁରସ୍କୃତ କରିଥିଲେ। ଏଥି ସହିତ ମାନ୍ୟବର ମନ୍ତ୍ରୀ ସ୍ଥାନୀୟ ଅଂଚଳର କିଛି ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର -ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସଂଯୁକ୍ତ କାର୍ଡ ବଣ୍ଟନ କରିଥିଲେ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ଉକ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଓ ତ୍ରିରଙ୍ଗା କ୍ଲବ ର ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଡ଼ରାଉଛି ୭୦ ବର୍ଷ ପୁରାତନ ରେଳ ଅଣ୍ଡରପାସ୍: ଛାତରୁ ଖସୁଛି କଂକ୍ରିଟ ଖଣ୍ଡ

ଯୋଡ଼ା,୧୫/୪(ନି. ପ୍ର): ବଲାଣି ଖଣି ଓ ବଲାଣି ଟାଉନସିପ୍ କୁ ପ୍ରବେଶ କରିବା ନିମନ୍ତେ ରହିଥିବା ଏକ ମାତ୍ର ମୁଖ୍ୟ ସଡ଼କରେ ଥିବା ରେଳ ଅଣ୍ଡରପାସ୍ ଅତ୍ୟନ୍ତ ବିପଦଶଙ୍କୁଳ ହୋଇ ପଡିଛି । ଉକ୍ତ ଅଣ୍ଡରପାସ୍ ଟି ୧୯୫୯- ୧୯୬୧ ରେ ବଲାଣି ଖାଦାନ ଷ୍ଟେସନକୁ ରେଳ ସଂଯୋଗ ସମୟରେ ସେତେବେଳର ଆବଶ୍ୟକତା ଓ ଜ୍ଞାନ କୌଶଳରେ ନିର୍ମିତ ହୋଇଥିଲା। ସମ୍ପ୍ରତି ଏହା ଅତି ପୁରାତନ ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ବିପଦପୂର୍ଣ୍ଣ ହୋଇପଡିଛି । ସ୍ଥିତି ଏତେ ଅସୁରକ୍ଷିତ ହୋଇ ପଡିଛି ଯେ ଏହାର ଛାତରୁ କଂକ୍ରିଟ ଖଣ୍ଡ ତଳକୁ ବାଡିବା ଆରମ୍ଭ ହୋଇଛି । ଶନିବାର ଜଣେ ଦୁଇଚକିଆ ଚାଳକ ଉକ୍ତ ଅଣ୍ଡରପାସ୍ ତଳ ଦେଇ ଯାଉଥିବା ବେଳେ ଛାତରୁ ହଠାତ ଏକ କଂକ୍ରିଟ ଖଣ୍ଡ ତଳକୁ ଖସି ପଡ଼ିଥିଲା ତେବେ ଭାଗ୍ୟକୁ ଚାଳକ ଗାଡିଟିକୁ ଅଟକାଇ ଦେଇଥିବାରୁ ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଥିଲେ । ପ୍ରକାଶଯୋଗ୍ୟ ଯେ, ବଡ଼ବିଲ - ବଲାଣି ମୁଖ୍ୟ ସଡ଼କ ର ଡବ୍ଲ୍ୟୁ ହଟିଂ ଛକ ନିକଟରେ ରେଳ ବିଭାଗର ଏହି ଅଣ୍ଡରପାସ୍ ରହିଥିବା ବେଳେ ଏହି ସଡ଼କଟି ବଲାଣି ଖଣି ତଥା ରାଉରକେଲା ଓ ରାଂଚି ଭଳି ସହରକୁ ସଂଯୋଗ କରିଥାଏ । ଅନ୍ୟପକ୍ଷରେ ଏହି ରେଳ ଅଣ୍ଡରପାସ୍ ଉପରେ ଅନବରତ ହଜାର ହଜାର ଟନ୍ ଲୌହ ପଥର ବୋଝେଇ ମାଲବାହୀ ଟ୍ରେନ ଯାତାୟତ କରିଥାଏ । ଉକ୍ତ ପୁରାତନ ଅଣ୍ଡରପାସ୍ ଟି ନା ଯେ କେବଳ ବିପଦଶଙ୍କୁଳ ହୋଇପଡିଛି ଏହା ବ୍ୟତୀତ ଏହା ଅତି ସଂକୀର୍ଣ୍ଣ ହୋଇଥିବାରୁ ପ୍ରାୟ ପ୍ରତ୍ୟେହ ଏଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ବଲାଣି ଖାଦାନ ଷ୍ଟେସନରୁ ଦକ୍ଷିଣ-ପୂର୍ବ ରେଳ ପଥ ମାସିକ ୮୦-୧୦୦ କୋଟି ଟଙ୍କା ହାରରେ ବାର୍ଷିକ ଆଠ ଶହ କୋଟିରୁ ଏକ ହଜାର କୋଟି ଟଙ୍କାର ମାଲ ପରିବହନ ବାବଦରେ ଆୟ କରୁଛି । ତେବେ ଦକ୍ଷିଣ ପୂର୍ବ ରେଳ ପଥ ଏହି ଅଂଚଳର ବିକାଶ ପ୍ରତି ସାମାନ୍ୟତମ ଧ୍ୟାନ ଦେଉନଥିବାର ଅଭିଯୋଗ ଆଣିଛି ବଲାଣି ବିକାଶ ପରିଷଦ । ଏହା ବ୍ୟତୀତ ରେଳ ପଥର ନିର୍ମାଣ ଓ ଯାନ୍ତ୍ରିକ ବିଭାଗ , ସ୍ଥାନୀୟ ଲୋକଙ୍କ ସହିତ ସିଧାସଳଖ ଜଡିତ ନିର୍ମାଣ କାର୍ଯ୍ୟ ଗୁଡିକର ସଠିକ ଭାବରେ ନିରୀକ୍ଷଣ କରୁନଥିବା ସ୍ପଷ୍ଟ ହୋଇଛି ।

# ଦୁର୍ନୀତି ଏକ ବ୍ୟାଧି

## ହେମନ୍ତ କୁମାର ଗନ୍ତାୟତ



କଥାରେ ଅଛି, ଚୋର - ଚୋର ଉଭୟେ ମାଉସୀ ପୁଅ ଭାଇ । ଦୁର୍ନୀତିଗ୍ରସ୍ତ ବ୍ୟକ୍ତିକୁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିହିଁ ପସନ୍ଦ କରିଥାନ୍ତି । ସେମାନଙ୍କ ସ୍ୱାର୍ଥରେ ଯଦି କେହି ବାଧା ଦିଅନ୍ତି ତେବେ ସେମାନେ ସଂଘବଦ୍ଧ ହୋଇ ଆକ୍ରମଣ କରିବାକୁ ମଧ ପଛାନ୍ତି ନାହିଁ । କାରଣ ଗୋଟାଏ ଜାତିର ବ୍ୟକ୍ତି ବିଶେଷଙ୍କ ଗୁଣ ସେହି ଜାତିର ସମସ୍ତ ବ୍ୟକ୍ତିଙ୍କୁ ଆକୃଷ୍ଟ କରିଥାଏ । ସେ'ମାନେ ଭାବନ୍ତି ଦୁର୍ନୀତି କରିବା ସେମାନଙ୍କ ଜନ୍ମସିଦ୍ଧ ଅଧିକାର । ଆମ ଉତ୍କଳର ବରପୁତ୍ର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ କବିତାର କାଳଜୟୀ ପଂକ୍ତିଟିଏ ଥିଲା -

ମିଶୁ ମୋ'ର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।।

ପରନ୍ତୁ ଅଧୁନା ଦୁରାଚାରୀମାନେ ସ୍ୱାର୍ଥ ସାଧନ ପାଇଁ ବିପରୀତ କର୍ମ ଆଚରଣ କରନ୍ତି । ସେମାନଙ୍କ ମାନସିକରେ ଥାଏ ଯେ -

ମିଶୁ ଦେଶ ପାଣ୍ଠି ମୋଅର ପାଣ୍ଠିରେ
ଚାଲିଯିବି ମୁହିଁ ଦେଶବାସୀଙ୍କ ପିଠିରେ ।।

ଅସାଧୁ ବ୍ୟକ୍ତିମାନେ ଦୁର୍ନୀତିରେ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଯେଉଁମାନେ ଉତ୍ତମ ପଥ ଅବଲମ୍ବନ କରନ୍ତି ସେମାନଙ୍କୁ ନିଜର ଶତ୍ରୁ ବୋଲି ଭାବିଥାନ୍ତି ଏବଂ ଯେଉଁମାନେ ଗଳାବାଟ ଦେଇ କାର୍ଯ୍ୟ ହାସଲ କରି ନିଅନ୍ତି ସେମାନେ ହିଁ ସେମାନଙ୍କ ନଜରରେ କରିତ୍କର୍ମା ବ୍ୟକ୍ତି । ଅନ୍ୟପକ୍ଷରେ ଯିଏ ଆପଣା ସଚ୍ଚୋଟ ପଣିଆକୁ ଆଦର୍ଶ ରୂପରେ ଆପଣେଇ ନୀତି ଆଦର୍ଶରେ ବାଟ ଚାଲିଲା, ସେ ବ୍ୟକ୍ତିଟି ଦୁର୍ନୀତିଗ୍ରସ୍ତଙ୍କ ଆଖି ଆଗରେ ଅଯୋଗ୍ୟ ଓ ଅପାରଗ । ଏହି କାରଣରୁ ଆମ ଦେଶରେ ଦିନକୁ ଦିନ ଲାଞ୍ଚ କାରବାର ବଢ଼ିବାରେ ଲାଗିଛି । ଦିନଥିଲା ଏହି ବ୍ୟାଧି ସୀମିତ ବ୍ୟକ୍ତି ବିଶେଷଙ୍କ ଭିତରେ ରହିଥିଲା । ପରନ୍ତୁ ଅଧୁନା ବଡ଼ ବଡ଼ ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏ ଦୁର୍ନୀତିର ଚେର ଲମ୍ବି ଲମ୍ବି ଚାଲିଛି । ଦୁର୍ନୀତିର ବଳୟ ଏତେ ମାତ୍ରାରେ ବ୍ୟାପି ଗଲାଣି ଯେ ଖାଦ୍ୟପେୟ ପଦାର୍ଥ ଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ଔଷଧ ଆଦିରେ ମଧ ଅପମିଶ୍ରଣ କବିବାକୁ ପଛାନ୍ତି ନାହିଁ । ଯଦି କେହି ସଚ୍ଚୋଟ , ନିଷ୍ଠାପର ,କର୍ତ୍ତବ୍ୟ ପରାୟଣ ଉଚ୍ଚ ପଦାଧିକାରୀ କିଛି ପଦକ୍ଷେପ ଗ୍ରହଣ କରନ୍ତି , ତେବେ ତାହାଙ୍କୁ କଳ ବଳ କୌଶଳେ ନିଜ ଆଡ଼କୁ ଆଣିବା ପାଇଁ ଅପଚେଷ୍ଟା କରିଥାନ୍ତି । ଯଦି ସଫଳ ହୁଅନ୍ତି ନାହିଁ ତେବେ, ନିଜ ରାସ୍ତାରୁ ହଟାଇବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିଥାନ୍ତି । ଯେଉଁଠି ମନୁଷ୍ୟର ମନୁଷ୍ୟତା ରସାତଳକୁ ଚାଲି ଗଲାଣି ଏବଂ ମାନସିକତା ଯେଉଁଠି ବ୍ୟାଧିଗ୍ରସ୍ତ ହୋଇ ସାରିଛି, ସେଠାରେ ବା କାହାକୁ ବା କହିବା। ଯେଉଁଠି ଦେଶର ମୁଖିଆମାନେ ଅନୀତିକୁ ନୀତିରେ ପରିଣତ କରିଦିଅନ୍ତି, ଯେଉଁଠି ନ୍ୟାୟ ପାଇଁ ଲଢୁଥିବା ବ୍ୟକ୍ତିକୁ ମିଥ୍ୟା ଆରୋପରେ ଆରୋପିତ କରି ନ୍ୟାୟାଳୟରେ ଦୋଷୀ ସାବ୍ୟସ୍ତ କରାଯାଏ , ସେଠାରେ ବା କ'ଣ କରିବ ଆଇନ ଓ କାନୁନ୍। ଏ ପ୍ରକାର ପରିସ୍ଥିତି ଯୋଗୁଁ ପରିବେଶ କଳୁଷିତ ହୋଇଯାଏ । ଶେଷରେ ସାଧାରଣ ଲୋକମାନଙ୍କ ଜୀବନ ଦୁର୍ବିସ ହେବା ସହ ସେମାନଙ୍କ ଶିରା ପ୍ରଶିରାରେ ମିଶିଯାଏ ଦୁର୍ନୀତିର କାଳିମା ଲହୁ । ଯଦ୍ୱାରା ମାନସିକତା ହୁଏ କଳୁଷିତ । ଯେଉଁଠି ମାନସିକତା ବ୍ୟାଧିଗ୍ରସ୍ତ ଏବଂ ମାନବିକତା ଯେଉଁଠି ସ୍ଥାଣୁ ସେଠାରେ ନୀତି, ନିୟମ ଓ ଆଇନକାନୁନ କେବଳ ବିଧାନ ମାତ୍ର।

କାରଣ ବ୍ୟକ୍ତି ନିର୍ମାଣ ହୁଏ ପରିବାର ତଥା ପରିସ୍ଥିତିକୁ ନେଇ । ମନୁଷ୍ୟ ହେଉଛି ଏକ ସାମାଜିକ ପ୍ରାଣୀ ଏବଂ ଅନୁକରଣୀୟ ଧର୍ମୀ । ସେ ଯାହା ଦେଖେ ବା ଶୁଣେ ତାହାକୁ ଅନୁକରଣକରି ପରବର୍ତ୍ତୀ ସମୟରେ ସେହିପରି ହୋଇଥାଏ । ଏକ ସୁସଂସ୍କୃତି ସମ୍ପର୍ଣ୍ଣ ବ୍ୟକ୍ତି ନିର୍ମାଣ ପାଇଁ ପରିବାର ଓ ସମାଜର ମୁଖ୍ୟ ଭୂମିକା ଆବଶ୍ୟକ । ମାନବ ଜୀବନରେ ସଂସ୍କାରକୁ ଅତ୍ୟାଧିକ ମହତ୍ତ୍ୱ ଦେବା କଥା । କାରଣ ସଂସ୍କାର ଦ୍ୱାରା ହିଁ ମନୁଷ୍ୟ ନିଜର ଚରିତ୍ର ନିର୍ମାଣ କରିଥାଏ। ଚରିତ୍ର ଏପରି ଏକ ସମ୍ପଦ ଯଦ୍ୱାରା ମନୁଷ୍ୟ ତା ଜୀବନରେ ସୁଖ, ଶାନ୍ତି ଓ ମାନ - ସମ୍ମାନାଦି ପ୍ରାପ୍ତ କରିଥାଏ । ଜଣେ ବ୍ୟକ୍ତିଙ୍କ ପାଖରେ ଧନ, ଜ୍ଞାନ ଓ ଗୁଣ ଇତ୍ୟାଦି ପରିପୂର୍ଣ୍ଣ ଥିଲେବି ଯଦି ତାର ଚରିତ୍ର ଗତ ଦୋଷଥାଏ ତେବେ, ସେପରି ବ୍ୟକ୍ତିକୁ କେହି ବି ପସନ୍ଦ କରନ୍ତି ନାହିଁ । ସଂସ୍କାର ଦ୍ୱାରା ମନୁଷ୍ୟର ଚରିତ୍ରରେ ସଦଗୁଣର ସଞ୍ଚାର ହେବା ସଙ୍ଗେ ସଙ୍ଗେ ଦୋଷ ଦୁର୍ଗୁଣାଦି ଦୂରୀଭୂତ ହୋଇଥାଏ ଏବଂ ତା'ର ଜୀବନଟି ସାର୍ଥକତାରେ ଭରିଯାଇଥାଏ । ସଂସ୍କାରର ମୂଳପ୍ରୟୋଜନ ହେଉଛି - ଆଧାତ୍ମିକ ତଥା ନୈତିକତାର ବିକାଶ। ମାନବ ଜୀବନରେ ପବିତ୍ରତା ଏବଂ ଉତ୍କୃଷ୍ଟ ଆଣିବା ପାଇଁ ଯେଉଁ ଆଧାତ୍ମିକ ଉପଚାର କରାଯାଏ ତାହାକୁ ସଂସ୍କାର କୁହାଯାଏ । ଶ୍ରେଷ୍ଠ ସଂସ୍କାରିତବାନ୍ ମାନବ ନିର୍ମାଣ ହିଁ ସଂସ୍କାରର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ସଂସ୍କାର ଦ୍ୱାରା ହିଁ ମନୁଷ୍ୟ ଶିଷ୍ଟ ଆଚରଣ ସହ ସଭ୍ୟାଦି ପ୍ରବୃତ୍ତିର ବିକାଶ କରିଥାଏ । ଉପରୋକ୍ତ ବିଷୟକୁ ନେଇ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର କହିଥିଲେ ଯେ , ଦୁର୍ନୀତି ଏକ ମାନସିକ ବ୍ୟାଧି। ଯେଉଁ ପର୍ଯ୍ୟନ୍ତ ମଣିଷର ସ୍ୱଭାବ ଓ ଚରିତ୍ରରେ ପରିବର୍ତ୍ତନ ଆସିନାହିଁ, ସେ ପର୍ଯ୍ୟନ୍ତ ଏ ମଣିଷ ଏହି ବ୍ୟାଧିରୁ ମୁକ୍ତି ପାଇ ପାରିବ ନାହିଁ । ଏହାର ପ୍ରକୃତ ନିଦାନ ହେଉଛି ମୂଲ୍ୟବୋଧ ସୁସଂସ୍କାରିତ ଶିକ୍ଷା । ଯେତେ ଦିନ ପର୍ଯ୍ୟନ୍ତ ବ୍ୟକ୍ତି ଜାଗ୍ରତ ଓ ସମାଜ ସଂସ୍କାରିତ ହୋଇନାହିଁ ସେତେ ଦିନ ପର୍ଯ୍ୟନ୍ତ ସମାଜରେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ କାୟା ବିସ୍ତାର କରି ଚାଲିଥିବେ । ଯା'ର ଫଳରେ ସମାଜିକ ମୂଲ୍ୟବୋଧ ସ୍ତର କମିବାକୁ ଲାଗିବ ଏବଂ ଏହି ଉକ୍ତିଟି -

ଆଲୋ ମୁତୁରୀ ! ଶୋଇବା
ତୁ'ତ ମୁତୁରୀ ମୁଁ ତ ମୁତୁରୀ
ହେଂସ କାହିଁ ପାଇଁ ଧୋଇବା ।
ନିଜର ସାର୍ଥକତା ବଜାୟ ରଖିଥିବ ।

+ ଆସିକା, ଗଞ୍ଜାମ

# ସମର ହେୟାର ଷ୍ଟାଇଲ

## ଅପର୍ଣ୍ଣା ନାୟକ



ହେୟାର ଷ୍ଟାଇଲ ଝିଅ ମାନଙ୍କୁ ଆଉଟଷ୍ଟାଣ୍ଡିଂ ଲୁକ ଦେଇଥାଏ। ସେଥିପାଇଁ ଏହାକୁ ନେଇ ସେମାନଙ୍କ ଭିତରେ ଅନେକ ଚାହିଦା ରହୁଥିବା ଦେଖିବାକୁ ମିଳେ। ଖାସକରି ଖରାଦିନେ କେଉଁ ଭଳି ହେୟାର ଷ୍ଟାଇଲ କଲେ ଝିଅମାନେ କୁଲ, କମ୍ଫଟେବଲ ଲାଗିବା ସହ ଷ୍ଟାଇଲିଶ ଲୁକ ପାଇପାରିବେ ଜାଣନ୍ତୁ ସେ ସମ୍ପର୍କରେ....।

ଖରାଦିନେ ଗରମରୁ ରକ୍ଷା ପାଇବା ପାଇଁ ଅଧିକାଂଶ ଝିଅ ହାଇ ବନ ହେୟାର ଷ୍ଟାଇଲ କରିଥାନ୍ତି। ଖରାଦିନ ପାଇଁ ଏହା ସବୁଠାରୁ ବେଷ୍ଟ ହେୟାର ଷ୍ଟାଇଲ ହୋଇଥାଏ। ଏହାକୁ କରିବା ଯେତିକି ସହଜ ହୋଇଥାଏ ଦେଖିବାକୁ ବି ସେମିତି ଷ୍ଟାଇଲିଶ ଲାଗିଥାଏ। ଖରାଦିନେ ଅଫିସ ହେଉ କି ପାର୍ଟିକୁ ଏହି ହେୟାର ଷ୍ଟାଇଲ କରିକି ଗଲେ ଆଉଟଷ୍ଟାଣ୍ଡିଂ ଲୁକ ମିଳେ।

ମେସି ଲୋ ବନ : ଅନେକ ଝିଅଙ୍କର ହାଇ ବନ ହେୟାର ଷ୍ଟାଇଲ କଲେ ମୁଣ୍ଡ ଦରଜ ହେବାର ସମସ୍ୟା ଦେଖାଯାଇଥାଏ। ଯେଉଁଥିପାଇଁ ପସନ୍ଦ ଆସିବା ସତ୍ତ୍ୱେ ବି ସେମାନେ ଏହାକୁ ଟ୍ରାଏ କରିପାରନ୍ତି ନାହିଁ। ତେଣୁ ଏହି ଝିଅ ମାନଙ୍କ ପାଇଁ ଖରାଦିନେ ମେସି ଲୋ ବନ ହେୟାର ଷ୍ଟାଇଲ କରିବା ବେଷ୍ଟ ଅପ୍ସନ ହୋଇପାରିବ। ଏହା ସେମାନଙ୍କୁ କୁଲ, କମ୍ଫଟେବଲ ଲୁକ ଦେବ। ତେବେ ଯେଉଁମାନଙ୍କର କର୍ଲି ହେୟାର ସେମାନଙ୍କୁ ତ ଏହି ହେୟାର ଷ୍ଟାଇଲ ବହୁତ ହିଁ ସୁନ୍ଦର ଦେଖାଯିବ। କିନ୍ତୁ ସେମାନଙ୍କ ପାଇଁ ଗୋଟେ ଟିପ୍ସ ହେଉଛି, ସେମାନେ ଏହି ହେୟାର ଷ୍ଟାଇଲ କଲାବେଳେ କେଶରେ ବେଶୀ ପାନିଆ ବ୍ୟବହାର କରିବେ ନାହିଁ।

ହାଇ ପୋନିଟେଲ : ସବୁଠୁ ସହଜ ଓ ସୁବିଧାଜନକ ହେୟାର ଷ୍ଟାଇଲ ଭାବେ ଏହା ଜଣାଶୁଣା। ଏହା ଝିଅ ମାନଙ୍କୁ ଟ୍ରେଣ୍ଡି ଲୁକ ଦେଇଥାଏ। ବିଶେଷକରି ଖରାଦିନେ ଆଉଟିଂ ହେଉକି ପାର୍ଟି, ଫଙ୍କସନକୁ ଗଲାବେଳେ ଏହି ହେୟାର ଷ୍ଟାଇଲକୁ ଟ୍ରାଏ କଲେ ଝିଅ ମାନଙ୍କୁ ଡିଫରେଣ୍ଟ ଲୁକ ମିଳିଥାଏ।

ରବର ବ୍ୟାଣ୍ଡ ଟୁଇଷ୍ଟେଡ ହେୟାର ଷ୍ଟାଇଲ : ଏହି ହେୟାର ଷ୍ଟାଇଲ ବି ଝିଅମାନଙ୍କୁ ଟିକେ ଡିଫରଣ୍ଟେ ଲୁକ ଦେଇଥାଏ। ଏଥିରେ ଚୁଟିକୁ ହାଫ ପୋନିଟେଲ କରି ମଝିରେ ମଝିରେ ରବର ବ୍ୟାଣ୍ଡ ସାହାଯ୍ୟରେ କେଶକୁ ବାନ୍ଧି ବାନ୍ଧି ଏହି ହେୟାର ଷ୍ଟାଇଲ କରିବାକୁ ହୋଇଥାଏ। ଖରାଦିନେ ଜିନ୍ସ, ଟି-ସାର୍ଟ ସାଙ୍ଗକୁ ଏହି ହେୟାର ଷ୍ଟାଇଲ କଲେ ଝିଅ ମାନଙ୍କୁ ଆଟ୍ରାକ୍ଟିଭ ଲୁକ ମିଳିଥାଏ।



ବ୍ରେଡ଼ ହେୟାର ଷ୍ଟାଇଲ : ଏହା ଏକ କ୍ଲାସିକ ହେୟାର ଷ୍ଟାଇଲ। ଏଥିରେ କେଶକୁ ଦିଇ ଭାଗ କରି ଦୁଇ ପଟେ ହାଇ ପୋନିଟେଲ କରାଯାଇଥାଏ। ପରେ ଏହି କେଶକୁ ଡିଫରଣ୍ଟେ ଷ୍ଟାଇଲରେ ବେଣି କରାଯାଏ। କେହି କେହି ଏହି ହେୟାର ଷ୍ଟାଇଲରେ ଫ୍ରେଞ୍ଚ ବେଣି କରିବାକୁ ଭଲ ପାଇଥାନ୍ତି ତ କେହି କେହି ଫିଶଟେଲ ବେଣି ଅଥବା ଡଲ ବେଣି ବି କରିଥାନ୍ତି। କୁହାଯାଏ, ଏହି ହେୟାର ଷ୍ଟାଇଲ କଲେ କେଶ ବେଶୀ ଛିଡ଼ି ନଥାଏ। ଖରାଦିନ ପାଇଁ ଏହା ଏକ ବେଷ୍ଟ ହେୟାର ଷ୍ଟାଇଲ ଅପ୍ସନ ହୋଇପାରେ।

ସାଇଡ଼ ଫ୍ରେଞ୍ଚ ବନ ହେୟାର ଷ୍ଟାଇଲ : ଏହି ଟାଇପର ହେୟାର ଷ୍ଟାଇଲ ବି ଝିଅ ମାନଙ୍କୁ ମଡ଼ର୍ଣ୍ଣ ଲୁକ ଦେଇଥାଏ। ଏଥିରେ ସମ୍ପୂର୍ଣ୍ଣ କେଶକୁ ୱାନ ସାଇଡ଼କୁ ନେଇ ସେଥିରେ ଫ୍ରେଞ୍ଚ ବନ ହେୟାର ଷ୍ଟାଇଲ କରାଯାଇଥାଏ। ଖରାଦିନେ ଏହା ଝିଅ ମାନଙ୍କୁ କୁଲ, କମ୍ଫଟେବଲ ଲୁକ ଦେଇଥାଏ।

ହେୟାର ବ୍ୟାଣ୍ଡ ଓ ସ୍କାର୍ଫରେ ହେୟାର ଷ୍ଟାଇଲ : ଖରାଦିନେ ହେୟାର ବ୍ୟାଣ୍ଡ ଓ ସ୍କାର୍ଫକୁ ବ୍ୟବହାର କରି ହେୟାର ଷ୍ଟାଇଲ କଲେ ବି ଝିଅମାନେ ଖୁବ ସୁନ୍ଦର ଦେଖାଯାଇଥାନ୍ତି।

ମେନ ସାଗର ପାନ ରୋଡ଼, ନଂ-୩,
ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର,
ନୂଆଦିଲ୍ଲୀ, ପିନ-୧୧୦୦୪୬

# ଓଡ଼ିଶାରେ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟସେବାରେ ବଦଳି ଓ ଆୟୁଷ୍ମାନ ଭାରତ

## ପ୍ରଫେସର ଡାକ୍ତର ନିରଞ୍ଜନ ଦାସ




ପୂର୍ବ ଭାରତୀୟ ରାଜ୍ୟ ସମୂହ ପାଇଁ ଓଡ଼ିଶାର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ, କଟକ ହେଉଛି ଆଶା ଓ ଭରଷାର କେନ୍ଦ୍ର। କେନ୍ଦ୍ରୀୟ ତଥା ସଂଘୀୟ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ସେବା ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର। ଓଡ଼ିଶା ସରକାର କଟକ ବଡ଼ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ କୋଟି କୋଟି ଟଙ୍କାର ଅର୍ଥ ବ୍ୟୟ କରୁଛନ୍ତି। ଏହାର ଭିତ୍ତିଭୂମି, ଉନ୍ନତ ସ୍ତରର ହେବା ସହ ଅଭିଜ୍ଞ, ଉଚ୍ଚ ପ୍ରଶିକ୍ଷିତ ଓ ମାନବିକ ଭାବପୂର୍ଣ୍ଣ ଚିକିତ୍ସକ ମାନଙ୍କୁ ଏଠାରେ ରଖାଯାଉଛି ଏବଂ କୋଟି କୋଟି ଟଙ୍କାର ଉଚ୍ଚମାନର ପରୀକ୍ଷା ନିରୀକ୍ଷା ମେସିନ ସବୁ ରହିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନ୍ୟ ଏକ ପ୍ରସଙ୍ଗ ହେଉଛି କର୍ମ କ୍ଷେତ୍ରରେ ବଦଳି। କଥାରେ ଅଛି ଚାକିରୀ ମାନେ ବଦଳି ନିଶ୍ଚୟ ରହିବ। ତେବେ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଦଳି ସମସ୍ୟା ଏବେ ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି ଯେ ଏହାର ପ୍ରଭାବ ନିରୀହ ରୋଗୀଙ୍କ ଉପରେ ପଡୁଛି। ଭାତ ହାଣ୍ଡିରୁ ଗୋଟିଏ ପରି ଏଠି ଉଦାହରଣ ରଖୁଛୁ। କଟକ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଦାୟିତ୍ୱରେ ରହିଛନ୍ତି ଅନେକ ବିବାଦ ଓ ସ୍ୱାସ୍ଥ୍ୟସେବାକୁ ନେଇ ସରକାରଙ୍କୁ ବଦନାମ କରିଥିବା ଜନୈକ କର୍ମଚାରୀ ଅଜିତ ମହାରଣା। ପାଞ୍ଚ ବର୍ଷରେ ଚାକିରି ବଦଳିର ବ୍ୟବସ୍ଥା ଥିବା ସତ୍ତ୍ୱେ ନିଜ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଖୁସି କରି ଦୀର୍ଘ ବାର ବର୍ଷ ଏହି ପଦବୀରେ ସେ ରହିବାକୁ ସକ୍ଷମ ହୋଇଛନ୍ତି। ତେବେ ସରକାରୀଙ୍କ ବିଭିନ୍ନ ନୀତି ନିୟମକୁ ଖୋଲା ଉଲ୍ଲଂଘନ କରି ଏବଂ ନିଜ ପକେଟ ଗରମ କରି ବିଭିନ୍ନ ହସ୍ପିଟାଲକୁ ବେଆଇନ ଭାବେ ସାର୍ଟିଫିକେଟ ସେ ଦେଉଥିବାରୁ ତାଙ୍କର ଏ ଦୁର୍ନୀତି ସରକାରଙ୍କ ସ୍ୱତନ୍ତ୍ର ଅଡ଼ିଟ, ଭିଜିଲାନ୍ସ ତଦନ୍ତରେ ସେ ଅଭିଯୁକ୍ତ ହେବାପରେ ଦଣ୍ଡରୁ ବର୍ତ୍ତି ସେହି ସ୍ଥାନରୁ ବଦଳିବାକୁ ସକ୍ଷମ ହୋଇଥିଲେ ଯାହାକି ସରକାରଙ୍କ ନିମୟକୁ ଆଖି ମିଟିକା ମାରିବା ପରି। ତେବେ ଆଶ୍ଚର୍ଯ୍ୟର କଥା ମାତ୍ର ନଅ ମାସ ପରେ ତାଙ୍କ ପୂର୍ବସ୍ଥାନକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବଦଳି କରି ଆଣିଛନ୍ତି। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ୨୦୨୪ଜୁନ ୧୩ ତାରିଖରେ ତତ୍କାଳୀନ ସିଡିଏମଓ ତାଙ୍କୁ ପୂର୍ବ ସ୍ଥାନରୁ ବଦଳି କରିଥିବାବେଳେ ୨୦୨୫ ମାର୍ଚ୍ଚ ୨୦ ତାରିଖରେ ନୂତନ ସିଡ଼ିଏମଓ କେଉଁ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ପୁନର୍ବାର ପୁରୁଣା ସ୍ଥାନକୁ ବଦଳିକଲେ। ଭିଜିଲାନ୍ସରେ ଯାହା ଅଭିଯୋଗ ପହଞ୍ଚିଛି ବେଆଇନ ସାର୍ଟିଫିକେଟ ପ୍ରଦାନ କରି ଘରୋଇ ହସ୍ପିଟାଲ ମାନଙ୍କରୁ କୋଟି କୋଟି ଟଙ୍କା ଲୁଟ କରି ସ୍ୱାସ୍ଥ୍ୟ ବିଭାଗର ଉପର ହାକିମ ମାନଙ୍କୁ ସେ ବାଣ୍ଟିଥାନ୍ତି।

ନିକଟରେ ନିର୍ଦ୍ଦିଷ୍ଟ ଲାଇସେନ୍ସ, ସରକାରୀ ସ୍ଥିରୀକୃତ କାଗଜ ପତ୍ର ଓ ଉପଯୁକ୍ତ ତଥା ପର୍ଯ୍ୟାପ୍ତ ଭିତ୍ତିଭୂମି ନଥିବା କାରଣରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ ସମଗ୍ର ରାଜ୍ୟରୁ ଏଯାବତ୍ ୭୨୦ଟି ନର୍ସିଂହୋମକୁ ସିଲ କରିବା ସହ ୬୧୫ଟିକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୨୦୧୭ ଅପ୍ରେଲ ୩ରେ ରାମମନୋହର ସିଂ ବାନମ କେନ୍ଦ୍ର ସରକାର ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଥିଲେ ତାହା ହେଉଛି ସ୍ୱାସ୍ଥ୍ୟପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କୌଣସି ପରିସ୍ଥିତିରେ ପାଞ୍ଚ ବର୍ଷରୁ ଅଧିକ କାରଣ ପାଇଁ କୌଣସି କର୍ମଚାରୀଙ୍କୁ ମୂଳ ସ୍ଥାନରେ ଅବସ୍ଥାପିତ କରାଯିବ ନାହିଁ। ସେହିପରି କେତେକ ସ୍ୱତନ୍ତ୍ର କାରଣ (ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ, ଯୁଦ୍ଧ ପରିସ୍ଥିତି, ଦଙ୍ଗା ବା କର୍ଫ୍ୟୁ) କ୍ଷେତ୍ରରେ କୌଣସି କର୍ମଚାରୀଙ୍କୁ ପୂର୍ବ ସ୍ଥାନକୁ କେବଳ କିଛି ମାସ ନିମିତ୍ତ ଡେପୁଟେସନ ଭାବରେ ଅବସ୍ଥାପିତ କରାଯାଇପାରେ। କିନ୍ତୁ ଅଜିତ ମହାରଣାଙ୍କ କ୍ଷେତ୍ରରେ ଅଦୃଶ୍ୟ ଶକ୍ତି ମାନଙ୍କ ସାହାସରେ ସେ ପୁରୁଣା ଜାଗାକୁ ମାଡି ବସିବା ସହ କୋଟି କୋଟି ଟଙ୍କାର ଅର୍ଥ ଲୁଟ କରୁଛନ୍ତି ଏହା ସହ ସରକାରଙ୍କ ରାଜସ୍ୱ ହାନି ହେବା ସହ ଓଡ଼ିଶାର ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ହାଟରେ ପଡ଼ି ଦାଣ୍ଡରେ ଗଡୁଛି। କଟକ ସହରରେ ଶତାଧିକ ଘରୋଇ ହସ୍ପିଟାଲ ବିଭିନ୍ନ ନିୟମ କାନୁନ ଫାଙ୍କି ବେଆଇନ ଭାବେ ବେଶ ନିଧଡ଼କରେ ଚାଲୁଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସବୁ ଦେଖି ନଜାଣିଲା ଭଳି ରହୁଛି। ବିଭିନ୍ନ ସମୟରେ ବହୁ ଗରିବ ରୋଗୀ ଶୋଷଣର ଶିକାର ହେଉଛନ୍ତି। କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଜିତ ମହାରଣାଙ୍କ ପରି ଅନେକ କରିତକର୍ମା ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀ ବଡ଼ ବଡ଼ିଆଙ୍କୁ ଖୁସି କରି ଦୀର୍ଘ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ଯାହାଦ୍ୱାରା ବିଭାଗର ଅନେକ ଦକ୍ଷ କର୍ମଚାରୀ ଥିବାବେଳେ ନିର୍ଦ୍ଦିଷ୍ଟ ଦୁର୍ନୀତିଗ୍ରସ୍ତମାନେ ଉଦ୍ଦେଶ୍ୟମୂଳକ ଭାବେ ଅନୁକମ୍ପା ପାଉଛନ୍ତି। ଏହି ପ୍ରସଙ୍ଗରେ ବେସରକାରୀ ଚିକିତ୍ସାଳୟ ସଂଘ କିଛି ଦିନ ତଳେ କଟକ ଜିଲ୍ଲାପାଳଙ୍କୁ ବିଧିବଦ୍ଧ ଭାବେ ଏ ନେଇ ଅଭିଯୋଗ ପ୍ରଦାନ କରିଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଓଡ଼ିଶା ଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ପଛୁଆ ରାଜ୍ୟ ହୋଇଥିଲେ ମଧ ଓଡ଼ିଶାର ନୂଆ ଡବଲ ଇଞ୍ଜିନ ସରକାର ଯୁଦ୍ଧକାଳୀନ ଭିତ୍ତିରେ ସ୍ୱାସ୍ଥ୍ୟସେବାକୁ ଆଗେଇ ନେଉଛନ୍ତି। ଆୟୁଷ୍ମାନ ଯୋଜନା ଓଡ଼ିଶାର ଗରିବ, ଖଟିଖିଆ, ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଏକ ଅମୃତ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ସବୁଠାରୁ ବଡ଼ କଥା ହେଉଛି ଓଡ଼ିଶାରେ ଆୟୁଷ୍ମାନ ଭାରତ ଲାଗୁ ହେବାପରେ ବ୍ୟାପକ ସୁବିଧା ସୁଯୋଗ ପାଇବେ। ଓଡ଼ିଶାରେ ଉଭୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେବା ଫଳରେ ହିତାଧିକାରୀମାନେ ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଓ ସରକାରୀ ହସ୍ପିଟାଲରେ ଦେୟ ମୁକ୍ତ ଚିକିତ୍ସା ପାଇବେ। ତେବେ ସବୁଠାରୁ ବଡ଼କଥା ହେଉଛି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ଠାପର, ସଚ୍ଚୋଟ, ନିଃସ୍ୱାର୍ଥପର ଓ କର୍ମ ଚଞ୍ଚଳ ସେବା ପ୍ରଦାନ କରୁଥିବା କର୍ମଚାରୀମାନଙ୍କ ସହଯୋଗ ରହିଲେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇ ପାରିବ। ତେଣୁ ଏ କ୍ଷେତ୍ରରେ ସରକାର ନିରପେକ୍ଷ ଭାବରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବଦଳି ନୀତିକୁ ବେଶ ସ୍ୱଷ୍ଟ ଓ ସମସ୍ତଙ୍କ ପାଇଁ ଉତ୍ତରଦାୟୀଯୁକ୍ତ କରନ୍ତୁ।

ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଭାରତ (ଦୋଳମୁଣ୍ଡାଇ, କଟକ)

# କାର୍ଡ଼ିଆକ୍ କେଥେଟରାଇଜେସନ

## ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

କାର୍ଡ଼ିଆକ୍ କେଥେଟରାଇଜେସନ ପରୀକ୍ଷା ଦ୍ୱାରା ହୃଦୟର ସାମ୍ପ୍ରତିକ ସ୍ଥିତି ଓ ଏହାର କାର୍ଯ୍ୟକାରିତା ଜଣାପଡ଼େ। ଏହାକୁ କୋରୋନାରୀ ଏନ୍‌ଜିଓଗ୍ରାମ କୁହାଯାଏ। ତେବେ ଏଥିରେ ସମ୍ଭାବ୍ୟ ବିପଦଟି ହେଉଛି ରକ୍ତସ୍ରାବ ହୋଇପାରେ ବା କ୍ୟାଥେଟର ଲଗାଯାଉଥିବା ବେଳେ ନଳୀର ଧମନୀ ନଷ୍ଟ ହେବାର ସମ୍ଭାବନା। ସେହିପରି ଆଉ ଏକ ପରୀକ୍ଷା ହେଉଛି ଇଲେକ୍ଟ୍ରୋ ଭିଜିଓଲୋଜି ଟେଷ୍ଟ। ଯାହାଦ୍ୱାରା ହୃଦୟର ଇଲେକ୍ଟ୍ରିକାଲ ପାଥୱେ ପରୀକ୍ଷା ଦ୍ୱାରା ହୃଦସ୍ପନ୍ଦନ ଅନିୟମିତତାର କାରଣ ଧରାପଡ଼େ। ସେହିପରି ଆଉ ଏକ ହାର୍ଟ ଇମେଜିଂ ପରୀକ୍ଷାର ନାମ ହେଉଛି ସିଟି ହାର୍ଟ ସ୍କାନ। ଯେଉଁଥିରେ ଇନଟ୍ରାଭେନ୍‌ସ ଡାଇର ବ୍ୟବହାର ଦ୍ୱାରା କିମ୍ବା ରକ୍ତ ସଞ୍ଚାଳନ ଓ ହୃଦୟର ସଂରଚନାର ସର୍ବଶେଷ ସ୍ଥିତି ପରୀକ୍ଷାରୁ ଜଣାପଡ଼େ। ଆଉ ଏକ ପରୀକ୍ଷା ହେଉଛି ହାର୍ଟ ଏମ୍‌ଆରଆଇ। ଏହି ପରୀକ୍ଷାରେ ହୃଦ୍‌ରୋଗୀଙ୍କ ହୃତ୍‌ପିଣ୍ଡ, ଛାତି, ହୃତ୍‌ପିଣ୍ଡର ଭିତର ଅଂଶର କାର୍ଯ୍ୟକାରିତା, ଫୁସ୍‌ଫୁସ୍‌ର ଆକଳନ କରାଯାଏ। ଏହି ପରୀକ୍ଷାରୁ ରୋଗୀ ଜଣକ ଜନ୍ମଗତ ହୃଦ୍‌ରୋଗର ହୋଇଥିଲେ ସହଜରେ ଜଣାପଡ଼ିଯାଏ।

ତେବେ ଅନେକଙ୍କ ଭୁଲ ଧାରଣା ଥାଏ ଯେ ଏହି ଏମ୍‌ଆରଆଇ ପରୀକ୍ଷାରେ ବ୍ୟବହାର ହେଉଥିବା ତେଜସ୍କ୍ରିୟ ତରଙ୍ଗ ଓ ଚୁମ୍ବକୀୟ କ୍ଷେତ୍ରର କୌଣସି ପରିପାର୍ଶ୍ୱିକ ପ୍ରଭାବ ରହିନଥାଏ। ଆଉ ଏକ ବଡ଼ ପରୀକ୍ଷା ହେଉଛି ପେସ୍‌ମେକର ଓ ଆଞ୍ଜିଓପ୍ଲାଷ୍ଟ। ଜଣେ ଜଣେ ହୃଦ୍‌ରୋଗୀଙ୍କ ହୃଦୟ ସ୍ପନ୍ଦନରେ ଅନିୟମିତତା ବା ବିଲକ୍ଷଣ ଦେଖାଦେଇଥାଏ। ଏହି ପରୀକ୍ଷାଟି ହେଉଛି କୃତ୍ରିମ ଭାବରେ ପ୍ରସ୍ତୁତ ଏକ ସ୍ୱାସ୍ଥ୍ୟପ୍ରଦ ବିଦ୍ୟୁତ୍ ସ୍ରୋତ ପ୍ରଦାନକାରୀ ଯନ୍ତ୍ରକୁ ଛାତିରେ ଲଗାଯାଇଥାଏ। ଯାହାକି ରୋଗୀଟିର ହୃଦ୍‌ସ୍ପନ୍ଦନ କ୍ରିୟାରେ ସାହାଯ୍ୟ ଯୋଗାଏ। ଯାହାକୁ ଚିକିତ୍ସା ଶାସ୍ତ୍ରର ଭାଷାରେ କାର୍ଡ଼ିଆକ୍ ପେସ୍‌ମେକର ବା ହୃତ୍‌ପିଣ୍ଡର ବିଦ୍ୟୁତ୍ ଚାଳକ କୁହାଯାଏ। ସେହିପରି ରକ୍ତବାହିନୀରେ ରହିଥିବା ବିକୃତିର ଗଠନକୁ ଆଞ୍ଜିଓପ୍ଲାଷ୍ଟ କୁହାଯାଏ। ରକ୍ତ ସଞ୍ଚାଳନରେ ରୋଗୀଟି ଶରୀରରେ କୌଣସି ବାଧକ ସୃଷ୍ଟି ହେଉଥିଲେ ହୃଦ୍‌ଚିକିତ୍ସାର ନିର୍ଦ୍ଦିଷ୍ଟ ଅସ୍ତ୍ରପଚାର ଦ୍ୱାରା ଠିକ୍ କରାଯାଏ। ସେଠାରେ ତ୍ରୁଟି ରହିଥିବା ଅଂଶଟିକୁ କଢ଼ାଯାଇ ଭିନ୍ନ ଏକ ସୁସ୍ଥ ଧମନୀର ସମାନ ମାପର ଅଂଶକୁ ପ୍ରତିରୋପଣ କରାଯାଏ। ସେହିପରି ଆଉ ଏକ ଅଛି ସାଧାରଣରେ ବୁଝାଯାଉଥିବା କୋଲେଷ୍ଟେରୋଲ। ଏଥିରେ କେବଳ ହୃଦ୍‌ରୋଗୀ ନୁହେଁ ଯେ କୌଣସି ଲୋକଙ୍କର ହୃଦୟର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କ୍ଷେତ୍ରରେ କୋଲେଷ୍ଟେରୋର ଭୂମିକା ରହିଥାଏ। ରକ୍ତରେ ଅଧିକ ମାତ୍ରାରେ କୋଲେଷ୍ଟେରୋଲ କୋରୋନାରୀ ହାର୍ଟ ଡିଜିଜ୍ ଓ ଭୟାନକ ଷ୍ଟ୍ରୋକର ଗୁରୁତ୍ୱପୂର୍ଣ୍ଣ ଓ ବହୁତ ବଡ଼ କାରଣ। ତେଣୁ ନିୟମିତ ବ୍ୟବଧାନରେ କୋଲେଷ୍ଟେରୋଲ ପରୀକ୍ଷା କରିବା ଜରୁରୀ। ସମସ୍ତେ ଜାଣନ୍ତି ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ ତେବେ ବର୍ତ୍ତମାନର ସମୟକୁ ଦେଖିଲେ ଆମ ମାନଙ୍କ ଭିତରେ ଜୀବନଶୈଳୀ, ବିଶ୍ରାମ, ଖାଦ୍ୟପାନୀୟ ଓ କର୍ମକ୍ଷେତ୍ର ବା ପାରିବାରିକ ଘଟଣାକୁ ନେଇ ବିଭିନ୍ନ ମାନସିକ ଚାପ ଅନେକ ରୋଗର କାରଣ ପାଲଟୁଛି। ବର୍ତ୍ତମାନ ସମୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

ନିୟମିତ ଜୀବନଶୈଳୀରେ ଖାଦ୍ୟପେୟ, ବିଶ୍ରାମ, ବ୍ୟାୟାମ, ନିଶା ସେବନ ଠାରୁ ଦୂରେଇ ରହିବା ଓ ବିଭିନ୍ନ ଚାପକୁ ସନ୍ତୁଳିତ ରଖିବା ଦ୍ୱାରା ହୃଦ୍‌ରୋଗ ଠାରୁ ଦୂରେଇ ପାରିବା। ସମସ୍ତେ ଜାଣନ୍ତି ହୃଦ୍‌ରୋଗର ପ୍ରମୁଖ କାରଣ ହେଉଛି ମେଦବହୁଳତା, ନିଶା ସେବନ, ଅଳସୁଆମୀ, ମଧୁମେୟ ବା ଡାଇବେଟିସ, ରକ୍ତଚାପ ବା ହାଇପର ଟେନସନ୍। ଏହି କ୍ଷେତ୍ରରେ ନିଜେ ନିଜର ଚିକିତ୍ସକ ସାଜି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଭଲ ଭାବେ ବୁଝି ସମର୍ଥ ହେଲେ ଆପଣଙ୍କ ପାଇଁ ହୃଦରୋଗ ଭୟାନକ ଚେହେରା ଦେଖାଇ ପାରିବ ନାହିଁ।

ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ପଶ୍ଚିମବଙ୍ଗ ଓ ୱାକଫ୍...

ଦେଶରେ ଗୋଟିଏ ଆଇନ ପାରିତ ହେବା ଏବଂ ଏହା ବିରୁଦ୍ଧରେ ପ୍ରତିବାଦ କରାଯିବା କିଛି ନୂଆକଥା ନୁହେଁ ; ଏହା ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ଅଂଶ । କିନ୍ତୁ ହିଂସାକୁ ଉସୁକାଇବା ପାଇଁ ନିଶ୍ଚିତ ସ୍ୱାର୍ଥଗୁଡ଼ିକ କାର୍ଯ୍ୟ କରିବା ଏବଂ ଜଣେ ସ୍ଥାନୀୟ ରାଜନେତା ଏହି ଆଇନକୁ ଲାଗୁ କରା ନଯିବା ନିମନ୍ତେ ଏକ ନିଷ୍ପତ୍ତିପତ୍ର ସମ୍ପର୍କରେ ଘୋଷଣା କରିବା ଉପରୋକ୍ତ ପ୍ରକ୍ରିୟାର ଏକ ଅଂଶ ନୁହେଁ । ଏସବୁ ଭିତରେ ଯାହା ସବୁଠୁ ଦୁଃଖଦ କଥା, ତାହା ହେଉଛି, ଏକ ସାମ୍ବିଧାନିକ କୋର୍ଟ ଆଇନ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଘଟଣାରେ ମୁଣ୍ଡ ଖେଳାଇବା । ୱାକଫ୍ (ସଂଶୋଧନ) ଆଇନ, ୨୦୨୫ ପାରିତ ହେବା ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ନିଜକୁ ଏକ ସଂକଟଜନକ ସମୟରେ ଆବିଷ୍କାର କରିଛି, ଏବଂ ଏହାର କାରଣଗୁଡ଼ିକ ଖୋଜି ବାହାର କରିବା ବିଶେଷ କଷ୍ଟକର ନୁହେଁ । ସମ୍ବିଧାନ ଏବଂ ଆଇନର ବାଧ୍ୟବାଧକତା ଅନୁସାରେ ସେହି ରାଜ୍ୟକୁ ଯେଉଁମାନେ ଚଳାଇବାର ଦାୟିତ୍ୱ ବହନ କରୁଛନ୍ତି, ସେମାନେ ସେହି ରାଜ୍ୟର ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଶସ୍ତ ଏବଂ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ପାଦେ ପଛଘୁଞ୍ଚା ଦେବା ଉଚିତ । ୱାକଫ୍ (ସଂଶୋଧନ) ଆଇନ, ଯାହା ୱାକ୍ ବୋର୍ଡରେ ଅଣ-ମୁସଲମାନମାନଙ୍କ ନିଯୁକ୍ତି ପ୍ରଦାନ ନେଇ ସୁପାରିସ କରିଛି, ତା' ବିରୋଧରେ ପ୍ରତିବାଦଜନିତ ହିଂସାକାଣ୍ଡରେ ପଶ୍ଚିମବଙ୍ଗର ମୁଣ୍ଡିବାବାଦ ଜିଲ୍ଲାରେ ଗୋଟିଏ ପରିବାରର ବାପ ପୁଅଙ୍କ ସମେତ ତିନି ଜଣଙ୍କ ମୃତ୍ୟୁ ଘଟିବା ଏକ ଅତ୍ୟନ୍ତ ଦୁଃଖଦ ଘଟଣା । ୱାକଫ ବୋର୍ଡଗୁଡ଼ିକ ସାଧାରଣତଃ ଇସଲାମ୍ ଧର୍ମ ପ୍ରତି ଅନୁରକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ସର୍ତ୍ତ ଗୁଡ଼ିକର ପରିଚାଳନା କରିଥାନ୍ତି, ଯାହାର ସଦସ୍ୟମାନେ ଏଥି ପୂର୍ବରୁ କେବଳ ମୁସଲମାନମାନେ ହିଁ ରହୁଥିଲେ । ସମ୍ପ୍ରତି ଏହି ବୋର୍ଡରେ ଅଣ-ମୁସଲମାନମାନଙ୍କ ପ୍ରବେଶକୁ ଅନୁମତି ଦିଆଯିବା ସେମାନଙ୍କ ପ୍ରତି ଭାବାବେଗ ପ୍ରତି ଆଘାତ ପହଞ୍ଚାଇଥିବା ସେମାନେ ଅନୁଭବ କରିବା ଦ୍ୱାରା ହିଂସାକାଣ୍ଡ ସୃଷ୍ଟି ହୋଇଛି । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ବାରମ୍ବାର ଆଶ୍ୱାସନା ପ୍ରଦାନ କରିଛନ୍ତି ଯେ ସେ ସଂଖ୍ୟାଲଘୁମାନଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବେ ଏବଂ ତାଙ୍କ ରାଜ୍ୟରେ ଏହି ଆଇନ ଲାଗୁ କରାଯିବ ନାହିଁ । ପରନ୍ତୁ, ତାଙ୍କର ଏହି ଆଶ୍ୱାସନା କ୍ୱଚିତ୍ର ଆଶ୍ୱସ୍ତ କରି ପାରିଛି ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟକୁ । ଏପ୍ରିଲ ୮ ତାରିଖରେ ଉପରୋକ୍ତ ଆଇନ ଯୋଗୁଁ ଆରମ୍ଭ ହୋଇଥିବା ହିଂସାକାଣ୍ଡ ସରକାରୀ ନିଷେଧାଦେଶ ତଥା ଇଣ୍ଟରନେଟ୍ ସେବାଗୁଡ଼ିକ ବାତିଲ କରାଯିବା ସତ୍ତ୍ୱେ ଅପ୍ରତିରୋଧ ଭାବରେ ବଜାୟ ରହିଛି । ଏହାର ଏକ ଅଂଶ ଭାବରେ କୋଲକାତା ସମେତ ମୁର୍ଶିଦାବାଦ ଜିଲ୍ଲାର ଜାଙ୍ଗିପୁର ସବ୍‌ଡିଭିଜନରେ ସରକାରୀ ସମ୍ପତ୍ତିଗୁଡ଼ିକ ଉପରେ ଜନତାର ଭିଡ଼ ଆକ୍ରମଣ କରି ନଷ୍ଟ କରିଥିବାରୁ ସମ୍ବାଦ ମଧ୍ୟ ପ୍ରକାଶ ପାଇଛି । ବେଶ୍ କିଛି ବର୍ଷ ହେବ ପଶ୍ଚିମବଙ୍ଗରେ ସାମ୍ପ୍ରଦାୟିକ ହିଂସାର ବାତାବରଣ ପାଉଁଶ ତଳର ନିଆଁ ଭଳି କୁହୁଳୁ ଥିବା ଦେଖିବାକୁ ମିଳୁଛି । ଉଭୟ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ବିଜେପି ସେମାନଙ୍କ ନିଜ ନିଜର ରାଜନୀତିର ପାଇବା ନିମନ୍ତେ ସମ୍ପ୍ରଦାୟିକ ଧ୍ରୁବୀକରଣକୁ ଆୟୁଧ କରି ଆସୁଛନ୍ତି । ୱାକସ୍ ସଂଶୋଧନଗୁଡ଼ିକ ବିରୋଧରେ ଟିଏମସି ଅତି ଚତୁରତାର ସହିତ ମୁସଲମାନମାନଙ୍କ ପ୍ରତିବାଦକୁ ପ୍ରୋତ୍ସାହିତ କରିଥିବା ବେଳେ ବିଜେପି ରାମ ନବମୀ ଶୋଭାଯାତ୍ରାଗୁଡ଼ିକରେ ସାମ୍ପ୍ରଦାୟିକ ମନୋଭାବ ନେଇ ଉତ୍ୟକ୍ତ ଲୋକମାନଙ୍କୁ ବିଜେପି ପରୋକ୍ଷ ସମର୍ଥନ ଯୋଗାଇ ଦେଇଥିଲା । ୱାକଫ୍ ଆଇନକୁ ଗଳାରେ ଲଘୁ କରଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମମତା ବନାଳୀ କରିଥିବା ଘୋଷଣାକୁ ଏକ ମନ ଭୁଲାଣିଆ କଥା ଭାବରେ ଆଦୌ ଗ୍ରହଣ କରାଯାଇ ପାରିବେ ନାହିଁ । ଏହି ଆଇନକୁ ପ୍ରତିବାଦ କରିବା ନିମନ୍ତେ ତାଙ୍କ ନିକଟରେ ହୁଏତ ବେଶ୍ କିଛି ସଂଖ୍ୟକ ଯୁକ୍ତିଯୁକ୍ତ କାରଣ ଥାଇପାରେ, କିନ୍ତୁ ସେ କଥାକୁ ବ୍ୟକ୍ତ କରିବାର ଆହୁରି ଅନେକ ବାଟ ରହିଛି । ୱାକଫ୍ ବୋର୍ଡରେ ଅଣ-ମୁସଲମାନଙ୍କ ପ୍ରବେଶ ବିରୁଦ୍ଧରେ ମୁସଲମାନମାନଙ୍କ ଦାବିକୁ ରାଜ୍ୟ ସରକାର ପ୍ରଶାସନିକ ଉପାୟଗୁଡ଼ିକ ଜରିଆରେ ତଥା ଆଇନର ପରିସର ଭିତରେ ରହି ପୂରଣ କରି ପାରିବେ । ତେବେ ତାଙ୍କର ସ୍ମରଣ ରହିବା ଉଚିତ ଯେ କେନ୍ଦ୍ରୀୟ ଆଇନକୁ ତାଙ୍କ ରାଜ୍ୟରେ ଲାଗୁ ନ କରିବାକୁ ସମ୍ବିଧାନ ଅନୁମତି ପ୍ରଦାନ କରିନାହିଁ । ସେହିପରି ସମ୍ବିଧାନର ଏକ ଅଭିଭାବକ ଅନୁଷ୍ଠାନ ଭାବରେ କଲିକତା ହାଇକୋର୍ଟର ଏକ ବିଶେଷ ଖଣ୍ଡପୀଠ ମୁର୍ଶିଦାବାଦରେ କେନ୍ଦ୍ରୀୟ ପାରାମିଲିଟାରୀ ବଳଙ୍କୁ ମୁତୟନ କରିବାକୁ ଆଦେଶ ଦେବା ଏକ ଅସାମ୍ବିଧାନିକ ପଦକ୍ଷେପ ବ୍ୟତୀତ ଆଉ କିଛି ନୁହେଁ । ଭାରତ ଏକ ବାଳାନା ରିପବ୍ଲିକ୍ ନୁହେଁ ସେ ଜଣେ ବିରୋଧୀ ଦଳର ନେତାଙ୍କ ପିଟିସନ୍‌କୁ ବିଚାରକୁ ନେଇ ଏକ ହାଇକୋର୍ଟର ମୁଖ୍ୟ ବିଚାରପତି ଏକ ବିଶେଷ ଖଣ୍ଡପୀଠ ଗଠନ କରିବେ ଯାହା ମନ୍ତବ୍ୟ ପ୍ରଦାନ କରିବେ କି, 'ଏହା ଏକ ମୂକ ଦର୍ଶକ ସାଜି ବସି ପରିବେ ନାହିଁ ଏବଂ ଲୋକମାନଙ୍କ ନିରାପତ୍ତା ଓ ସୁରକ୍ଷା ଯେତେବେଳେ ବିପଦରେ ପଡ଼ିବ, ସେତେବେଳେ ବୈଷୟିକ ପ୍ରତିରକ୍ଷାମୂଳକ 'ତୁ ତୁ ମେ ମେ'ରେ ମାତି ରହିବେ।' ଦୁଃଖର କଥା, ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ନିରାପତ୍ତା ରକ୍ଷା କରିବା ହେଉଛି ରାଜ୍ୟ ସରକାରଙ୍କ କାମ ଏବଂ ହାଇକୋର୍ଟର ନୁହେଁ, ଆଉ ଯେଉଁ କ୍ଷେତ୍ରରେ ରାଜ୍ୟ ସରକାର ତାହା ରକ୍ଷା କରିବାରେ ବିଫଳ ହୁଅନ୍ତି, ପରିସ୍ଥିତିକୁ ଆୟରାଧୀନ କରିବାକୁ ଅନେକ ପ୍ରକାରର ବ୍ୟବସ୍ଥା ରହିଛି ।

# କୋଟି ପ୍ରଣାମ ଯାହା ତୁଳନାରେ ନଗଣ୍ୟ



## ଇଂ. ସଚ୍ଚିଦାନନ୍ଦ ନନ୍ଦ

ଭଗବାନ ଶ୍ରୀସତ୍ୟସାଇ ବାବା ମହାସମାଧି ଗ୍ରହଣ କରିବାର ଚଉଦତମ ବର୍ଷ ଆସି ଉପସ୍ଥିତ। ସେ ତାଙ୍କ ସ୍ଥୁଳ ଶରୀର ତ୍ୟାଗ କରିଛନ୍ତି ସତ କିନ୍ତୁ ଆଶ୍ରିତ ମାନଙ୍କୁ ତ୍ୟାଗ କରିନାହାନ୍ତି। ଏବେ ମଧ ସୂକ୍ଷ୍ମରେ ସମସ୍ତ ଦୈବୀକର୍ତ୍ତବ୍ୟ ମାନ ପୂର୍ବବତ୍ ସମ୍ପାଦନ କରିଚାଲିଛନ୍ତି। ଏଥିରୁ ସୂଚିତ ହେଉଛି ଯେ ଅବତାରଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଭକ୍ତ ବା ଆଶ୍ରିତମାନଙ୍କ ପକ୍ଷରେ ସମାନ କଥା। ସେମାନଙ୍କ ବଳ ତାଙ୍କ ପ୍ରାର୍ଥନା ଓ ଅନ୍ତରର ପବିତ୍ରତା ଯାହାକୁ ନିର୍ଭର କରି ସେମାନେ ନିଶ୍ଚିନ୍ତରେ ରହିପାରନ୍ତି ଓ ଭଗବତ୍ କୃପା ଲାଭ କରିପାରନ୍ତି। ସେ ସ୍ଥୁଳ ଶରୀରରେ ଥିଲାବେଳେ କହୁଥିଲେ ''ମୋ କଥା ମାନିବା ହିଁ ମୋ କୃପା ପାଇବାର ଉପାୟ''। ମହାସମାଧି ଗ୍ରହଣ କରିବା ପରେ ମଧ ତାଙ୍କ ପୂର୍ବ ପ୍ରଦତ୍ତ ବାକ୍ୟ ରକ୍ଷା କରିବାରେ ସେ ପୂର୍ଣ୍ଣ ମାତ୍ରାରେ ସମର୍ଥ। ତାଙ୍କ ଅଲୌକିକ କାର୍ଯ୍ୟମାନ ତାଙ୍କ ବଡ଼ଭାଇଙ୍କ ମନରେ ସନ୍ଦେହ ଆଣୁଥିଲା। ୧୯୪୭ ମସିହା ମେ ମାସ ୨୫ ତାରିଖରେ ବାବା ବଡ଼ ଭାଇଙ୍କୁ ଯେଉଁ କ୍ଷୁଦ୍ର ପତ୍ରଟି ଲେଖିଥିଲେ ସେଥିରେ ତାଙ୍କ ସଂକଳ୍ପ, ତାଙ୍କ ଜୀବନର ଉଦ୍ଦେଶ୍ୟ ଓ ସଂସାରର ଜନସାଧାରଣଙ୍କ ପାଇଁ ସେ ଯେଉଁ ଯୋଜନା ଧରି ଅବତାର ଗ୍ରହଣ କରିଛନ୍ତି ତାହା ଅତି ସୁସ୍ପଷ୍ଟ। କେବଳ ପତ୍ର ଲେଖି ଭାଇଙ୍କୁ ସନ୍ତୁଷ୍ଟ କରି ଦେଇନଥିଲେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ। ଅବତାର ମାନଙ୍କ କଥା ଓ କର୍ମ ଭିତରେ କୌଣସି ପାର୍ଥକ୍ୟ ନଥାଏ। ଚିଠିଟି ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଲେଖିଥିଲେ ସମଗ୍ର ମାନବ ଜାତି ପାଇଁ ମୁଁ ଗୋଟିଏ ଗୁରୁଦାୟିତ୍ୱ ବହନ କରି ଆସିଛି ତାହା ହେଉଛି ସାରା ଜଗତକୁ ପରିପାଳନ କରି ସମସ୍ତଙ୍କ ଅନ୍ତରରେ ପବିତ୍ର ଆନନ୍ଦ ଭରିଦେବ। ମୋର ଗୋଟିଏ ସଂକଳ୍ପ ଅଛି, ତାହା ହେଉଛି ସତ୍ ମାର୍ଗରୁ ବିଚ୍ୟୁତ୍ ହୋଇଯାଇଥିବା ସମସ୍ତଙ୍କୁ ପୁନର୍ବାର ସତ୍‌ପଥକୁ ଘେନି ଆସି ତାଙ୍କୁ ଉଦ୍ଧାର କରିଦେବ। ଆଉ ଗୋଟିଏ କର୍ମ ମାତେ ଭାରି ଭଲ ଲାଗେ, ତା ହେଉଛି ଦୀନ ଦରିଦ୍ର ମାନଙ୍କର ଥିବା ଅଭାବକୁ ପୂରଣ କରିବା। ମୁଁ ନିଜକୁ ଗୌରବାନ୍ୱିତ ମନେକରିବାର ଗୋଟିଏ ହେତୁ ଅଛି ତାହେଉଛି ମୋତେ ସଠିକ୍ ଭାବେ ଭଲ ପାଉଥିବା ସଭିଙ୍କୁ ମୁଁ ରକ୍ଷା କରିଥାଏ। ମୋତେ ସଠିକ୍ ଭାବେ ଭଲପାଇବାର ଉପଯୁକ୍ତ ଅର୍ଥ ହେଉଛି ଦୁଃଖରେ ସୁଖରେ, ଲାଭରେ କ୍ଷତିରେ ସମଚିତ୍ତ ବିଶିଷ୍ଟ ରହି ମୋତେ ନଛାଡ଼ିବା। ଯେଉଁମାନେ ନିଜକୁ ମୋ ସହ ସଂଯୁକ୍ତ କରି ଜୀବନ ଯାପନ କରନ୍ତି ମୁଁ ସେମାନଙ୍କୁ କେବେହେଲେ ପରିତ୍ୟାଗ କରେନାହିଁ।

ଦିବ୍ୟସମ୍ଭାଷଣ ଓ ସେ ନିଜର ଦୈବୀଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦକୁ ବ୍ୟବହାର କରି କୋଟି କୋଟି ବ୍ୟକ୍ତିଙ୍କ ଅନ୍ତରରେ ଆନନ୍ଦ ଖେଳାଇ ପାରିଛନ୍ତି। ସେବାକାର୍ଯ୍ୟରେ ନିୟୋଜିତ କରି ସହସ୍ର ସହସ୍ର ବ୍ୟକ୍ତିଙ୍କୁ ସ୍ୱାଭାବିକ ଆନନ୍ଦ ଉପଲବ୍ଧି କରାଇପାରିଛନ୍ତି। ଭଜନ ଓ ନାମ ସ୍ମରଣ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ନରନାରୀଙ୍କ ଠାରେ ଆନନ୍ଦ ପ୍ଳାବନ କରିପାରିଛନ୍ତି। ଦିବ୍ୟ ସମ୍ଭାଷଣ ମାଧ୍ୟମରେ ପ୍ରଦାନ କରୁଥିବା ଭାବାତୀତ ଶିକ୍ଷାକୁ ଜୀବନରେ ଯେଉଁମାନେ ବ୍ୟବହାର କରିଛନ୍ତି ସେ ସମସ୍ତେ ଅପାର ଆନନ୍ଦ ଲାଭ କରିଛନ୍ତି। ସର୍ବୋପରି ଏଭଳି ଐଶ୍ୱରିକ ଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ ପୂର୍ବକ ନିଜର ଭାଗ୍ୟକୁ ପ୍ରଶଂସା କରି ସମଗ୍ର ମାନବଜାତି ନିଜକୁ ଧନ୍ୟ ମନେକରୁଛି। ସମୟର ପ୍ରଭାବ, ଯୁଗ ଧର୍ମ, ଅଜ୍ଞାନ ଓ ଅହଂକାରର ବଶବର୍ତ୍ତୀ ହୋଇ ଆଜି ମଣିଷ ଅମଣିଷ ପାଲଟି ଯାଉଛି। ଦୈନିକ ସମ୍ବାଦପତ୍ର ତାହାର ପ୍ରମାଣ। ମଣିଷ ଜାଣିପାରୁନାହିଁ କ'ଣ କରଣୀୟ, କ'ଣ ଅକରଣୀୟ, ବିବେଚନାଶକ୍ତି ହରାଇ ମଣିଷ ତାହାଠାରୁ ନିମ୍ନ ପ୍ରବୃତ୍ତି ସମ୍ପନ୍ନ କର୍ମମାନ କରିବସୁଛି। ବିବେକ କ'ଣ, କେଉଁଠି ଥାଏ, ସେ କ'ଣ କରେ, ତାହା ଜାଣିଥିବା ଲୋକେ ଆଜି ବିରଳ। ଜୀବନଯାପନ କରିବାର ସଠିକ ମାର୍ଗ ଆଜି ବିସ୍ମୃତ ଏବଂ ତାହାର ପରିଣାମ କି କଷ୍ଟଦାୟକ! ଅଧିକାଂଶ ଏକ ଉତପ୍ତ, ଅନୁତପ୍ତ ଓ ଚାପଗ୍ରସ୍ତ ଜୀବନର ଅସହ୍ୟ ଦୁଃଖରେ ବଞ୍ଚିବାକୁ ବାଧ ହେଉଛନ୍ତି। ବାବା କିନ୍ତୁ ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରାୟଶ୍ଚିତ କରିବାକୁ କହନ୍ତିନାହିଁ। ତାଙ୍କର ପ୍ରଚଣ୍ଡ କ୍ଷମାଶକ୍ତି ବ୍ୟବହାର କରି କହନ୍ତି 'ତୁମେ କିଛିଟା ଭୁଲ କରିଦେଇଛ ମୁଁ, ସେସବୁକୁ କ୍ଷମା କରିଦେଉଛି, ଅତୀତକୁ ଭୁଲିଯାଅ, ନୂଆ କରି ଏକ ଜୀବନ ଆରମ୍ଭ କର। ସେ ସ୍ନେହରେ ଆମ ହାତକୁ ଧରି ସତ୍ ପଥକୁ ଘେନି ଆସନ୍ତି, ଅନ୍ତରରେ ସଂସ୍କାର ଭରି ଦିଅନ୍ତି, ମନରେ ଦୃଢ଼ତା ବୃଦ୍ଧି କରି ନୂତନ ଜୀବନ ପଥରେ ଆମକୁ କେବଳ ଛାଡ଼ି ଦିଅନ୍ତି ନାହିଁ, ଆମ ସହିତ ନିଜେ ମଧ ଚାଲନ୍ତି। ନୈତିକ ଜୀବନର ସ୍ୱାଦ ଚଖାଇ ଅନୈତିକ ମାର୍ଗର ତିକ୍ତତା ଅନୁଭବ କରାଇ ଦିଅନ୍ତି। ଶୃଙ୍ଖଳିତ ଜୀବନର ନିରାପତ୍ତାଭୋଗ କରାଇ ବିଶୃଙ୍ଖଳିତ ଜୀବନ ପାଇଁ ଅରୁଚି ସୃଷ୍ଟିକରି ଦିଅନ୍ତି। ତାଙ୍କ ଦିବ୍ୟଜୀବନର ନିର୍ଦ୍ଦର୍ଶନ ମାଧ୍ୟମରେ ମଣିଷ ଠାରେ ଦିବ୍ୟ ଜ୍ଞାନ ଉଦ୍ରେକ କରାଇ ଦିଅନ୍ତି ଯାହାଫଳରେ ଲୋକେ ପ୍ରେୟ ମାର୍ଗ ଛାଡ଼ି ଶ୍ରେୟ ମାର୍ଗ ଅବଲମ୍ବନ କରିଥାନ୍ତି ଏବଂ ସ୍ୱଅର୍ଜିତ ଆନନ୍ଦ ଉପଭୋଗ କରିପାରନ୍ତି। ଅଭାବି ଲୋକଙ୍କର ଅଭାବ ପୂରଣ କରିବା ଭଗବାନଙ୍କ ପାଇଁ ଖୁବ୍ ସହଜ, ସେମାନଙ୍କର ନିତାନ୍ତ ଆବଶ୍ୟକ ହୁଏ, ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଏଗୁଡ଼ିକ ଯିଏ ପୂରଣ କରେ ସେମାନେ ପୁଣ୍ୟ ଅର୍ଜନ କରନ୍ତି। ଅନ୍ୟପକ୍ଷରେ ଅଭାବର ଅଭାବ ଦୂର ହୁଏ। ଅଭାବ ମୁଖ୍ୟତଃ ଦୁଇପ୍ରକାରର। ପ୍ରଥମଟି ପ୍ରକୃତ ଅଭାବ ଓ ଦ୍ୱିତୀୟଟି ଲୋଭ ଜନିତ ଅଭାବ, ଯାହା କେବେହେଲେ ପୂରଣ ହୋଇପାରିବ ନାହିଁ।

ସଂସାରରେ ଏଭଳି ଲୋକ ଅଛନ୍ତି ଯେଉଁମାନେ ଦରିଦ୍ର ମାନଙ୍କ ଆବଶ୍ୟକତା ପୂରଣ କରିପାରିବେ କିନ୍ତୁ ଲୋଭଜନିତ ଅଭାବର ପରିସମାପ୍ତି ନଥାଏ। ସଂଗଠନ ମାଧ୍ୟମରେ ତାଙ୍କ ଆଶ୍ରିତମାନଙ୍କୁ ଶିକ୍ଷା ଦେଇ ବାବା ଲୋଭ କମାଇବା ଓ ତ୍ୟାଗଭାବ ବଢ଼ାଇବାର ଶିକ୍ଷା ଦେଇ ଅଭାବ ମାନଙ୍କ ଇଛା ପୂରଣ କରିଦେଇଥାନ୍ତି। ଗତ ୨୦୦୮ ବନ୍ୟାରେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଅକଥନୀୟ କ୍ଷତି ଘଟିଲା। ଭଗବାନ ଏଥିରେ ବାସଗୃହ ହରାଇଥିବା ଲୋକଙ୍କ ପାଇଁ ଏକ ହଜାର ପକ୍କା ବାସଗୃହ ନିର୍ମାଣ କରି ଦେଇଛନ୍ତି। ସେଥିପାଇଁ ତାଙ୍କ କୋଡାଇସ୍ଥିତ ଆଶ୍ରମର କିଛି ଅଂଶ ବିକ୍ରି କରିବାକୁ ପଡ଼ିଥିଲା। ଆନ୍ଧ୍ରପ୍ରଦେଶର ରୟାଲସୀମା ଅନ୍ତର୍ଗତ ଅନନ୍ତପୁର, ମେହବୁବ୍ ନଗର, ଯେତକ ଜିଲ୍ଲା ପ୍ରଭୃତିରେ ଘୋର ଜଳକଷ୍ଟ ଥାଏ। ଚେନ୍ନାଇରେ ମଧ ଘୋର ଜଳଭାବ ଥିଲା। ଭଗବାନ ବାବା ସେ ଅଭାବ ଦୂରକରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସେ ଅଞ୍ଚଳର ଜଳାଭାବ ଦୂର କରିଛନ୍ତି। ସଂଗଠନ ମାଧ୍ୟମରେ ବି ବିଭିନ୍ନ ଜଳାଭାବ ଥିବା ସ୍ଥାନରେ ଜଳଯୋଗାଣ କରାଯାଇପାରିଛି। ଦୂରାରୋଗ୍ୟ ବ୍ୟାଧିରେ ପ୍ରପୀଡ଼ିତ ବ୍ୟକ୍ତିମାନେ ଚିକିତ୍ସା ସୁବିଧା ପାଇପାରୁ ନାହାନ୍ତି। ସେ କଷ୍ଟରେ ବ୍ୟଥିତ ହୋଇ ପୁଟ୍ଟାପର୍ତ୍ତୀ ଓ ହ୍ୱାଇଟ୍ ଫିଲଡ୍ ଠାରେ ଦୁଇଟି ବଡ଼ ବଡ଼ ଡାକ୍ତରଖାନା ଓ ଅତି ବିଶିଷ୍ଟ ଚିକିତ୍ସା ଯୋଗାଇ ଦେବା ପାଇଁ ସୁପରସ୍ପେଶାଲିଟି ହସ୍ପିଟାଲ ନିର୍ମାଣ କରି, ସମସ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ବଡ଼ ବଡ଼ ଖର୍ଚ୍ଚ ବହୁଳ ଚିକିତ୍ସା ପ୍ରଦାନ କରୁଛନ୍ତି। ଏହାସଙ୍ଗେ ସଙ୍ଗେ ସଂଗଠନର ଶହ ଶହ ଶାଖାରେ ସେ ଅଞ୍ଚଳର ରୋଗୀମାନଙ୍କ ପାଇଁ ମାଗଣା ଡାକ୍ତରୀ ପରାମର୍ଶ ସହ ଔଷଧ ପ୍ରଦାନ କାମ ଚାଲିଛି।

ନିତ୍ୟନାରାୟଣ ସେବା ଯୋଜନାରେ ସହସ୍ର ସହସ୍ର ନିରନ୍ନ ବ୍ୟକ୍ତିଙ୍କୁ ମାଗଣାରେ ଅନ୍ନଦାନ ପ୍ରତିଦିନ ଦିଆଯାଇପାରୁଛି। ଗ୍ରାମାଞ୍ଚଳର ଅତ୍ୟନ୍ତ ନିଃସହାୟ ମାନଙ୍କ ପାଇଁ ନିଶୁଳ୍କ ସାଇ କୁଟୀର ମାନ ଯୋଗାଇ ଦିଆଯାଇ ପାରୁଛି। ଶୀତ ଦିନେ ସଂଗଠର କର୍ମୀମାନେ ନିଶାର୍ଦ୍ଧରେ ବୁଲି ବୁଲି ଶୀତବସ୍ତ୍ର ନଥିବା ଲୋକଙ୍କୁ କମ୍ବଳ ଓ ଚାଦର ବାଣ୍ଟି ଦେଇଥାନ୍ତି। ଯେଉଁମାନଙ୍କର ପାଠପଢ଼ା ଦିଗରେ ଅସୁବିଧା ଅଛି ସେ ପିଲା ମାନଙ୍କୁ ମାଗଣାରେ ଟିଉସନ କରୁଛନ୍ତି ସଂଗଠନର ବିଜ୍ଞବ୍ୟକ୍ତି ମାନେ। ବାବା ତାଙ୍କ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ସ୍କୁଲ ଓ କଲେଜମାନଙ୍କରେ ସମ୍ପୂର୍ଣ୍ଣ ମାଗଣାରେ କେଜି ରୁ ପିଜି ପର୍ଯ୍ୟନ୍ତ ଉଚ୍ଚତର ଶିକ୍ଷା ପ୍ରଦାନ କରି ଆସୁଛନ୍ତି ଦୀର୍ଘ ପଇଁତିରିଶ ବର୍ଷ ଧରି। ସବୁଠାରୁ ବଡ଼କଥା ହେଲା ପରିସ୍ଥିତିର ଦାସ ହୋଇ ମଣିଷ ଯେତେବେଳେ ବିପଦର ସମ୍ମୁଖୀନ ହୋଇଛି କେବଳ ଗୋଟିଏ ନିଷ୍ପାପର ପ୍ରାର୍ଥନା ବଦଳରେ ସେ ପାଇଛି ଅଭୟ ଏବଂ ସକାରାତ୍ମକ ପ୍ରତିଶ୍ରୁତି। ଦୁର୍ଘଟଣାରୁ ଉଦ୍ଧାର ପାଇବା, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଓ ଦୂରାତ୍ମାଙ୍କ କବଳରୁ ବର୍ତ୍ତିଯିବାର ଉଦାହରଣ ଅସଂଖ୍ୟ। ନିଜ ଜୀବନର ଦୃଷ୍ଟାନ୍ତ ଦେଇ ସମଗ୍ର ମାନବ ଜାତିକୁ ପ୍ରେମ ଓ ସେବା ମନ୍ତ୍ରରେ ଦୀକ୍ଷିତ କରାଇ ଭଗବାନ ବାବା ଆଶ୍ରିତ ମାନଙ୍କ ସହ ଆଣ ଆଶ୍ରିତମାନଙ୍କ ବହୁ ଉପକାର ଏପରିକି ଆତ୍ମଜ୍ଞାନ ସାଧନ କରାଇଛନ୍ତି। ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା କରି ଧର୍ମ ଧର୍ମ ଭିତରେ ଥିବା ବିଦ୍ୱେଷ ଭାବ ଦୂରକରି ସମାଜରେ ସହାବସ୍ଥାନ ସମ୍ଭବ କରାଇ ପାରିଛନ୍ତି। ତାଙ୍କ ଦିବ୍ୟ ପ୍ରେମର ପ୍ରସାର ଘଟାଇ ଲୋକ ମାନଙ୍କ ପ୍ରେମ ବଳୟକୁ ଅଧିକ ସମ୍ପ୍ରସାରିତ କରାଇବା ସହ ଜୀବନକୁ ସରଳ, ତରଳ ଓ ଉପଭୋଗ୍ୟ କରାଇ ପାରିଛନ୍ତି। ତାଙ୍କ ପାଇଁ ଯେତେ କୋଟି ଜୟକାର ଦେଲେ ବି ତାହା ଯଥେଷ୍ଟ ନୁହେଁ।

ସମ୍ପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ',
ଅଲିଶା ବଜାର, କଟକ,
ମୋ: ୯୪୩୭୫୧୧୨୩୦

# ବିଲୁପ୍ତ ପ୍ରାୟ ନଟିଆର ଚଟିଆଞ୍ଚ



## ଶ୍ରୀବତ୍ସ ନାୟକ

କିଚିରି ମିଚିରି ଚଟିଆ, ଧାନ ଜଗିଥିଲା ନଟିଆ । ନଟିଆ ଧରିଲା ବାଡି, ଚଟିଆ ଗଲା ଉଡି । ପିଲାମାନେ ଅଳି ଅଝଟ କଲେ କିମ୍ବା ଖାଦ୍ୟ ନ ଖାଇଲେ ମାଆମାନେ ଏମିତି କବିତା ଆଉ ଲୋରି ଶୁଣାଇ ଅବୁଝା ଅମାନିଆ କୋମଳମତି ଶିଶୁ ମାନଙ୍କୁ ବୁଝାଇ ଦେଉଥିଲେ । କିନ୍ତୁ ଅଧୁନା ଆଉ ଶୁଣିବାକୁ ମିଳୁନାହିଁ ସେ ଲୋକପ୍ରିୟ ପଂକ୍ତିଗୁଡ଼ିକ କିମ୍ବା ଦେଖିବାକୁ ମିଳୁନାହାନ୍ତି ସେ ଘର ଚଟିଆ । ସେଦିନର ନଟିଆ ଆଜି ବଡ଼ ହୋଇଯାଇଛି । ସହରୀ ଜୀବନ ବିତାଉଛି । ସୁଉଚ୍ଚ ଅଟ୍ଟାଳିକାର ଶୀତତାପ ନିୟନ୍ତ୍ରିତ କୋଠରୀ ମଧ୍ୟରେ ସମୟ କାଟୁଛି । ବିଜ୍ଞାନର ବିକାଶ ସହ ନଟିଆ ଚନ୍ଦ୍ର ପୃଷ୍ଠରେ ପହଞ୍ଚିବାକୁ ମନ ବଳାଇଲାଣି । ପ୍ରଯୁକ୍ତି ବିଦ୍ୟାର ପଛରେ ଧାଇଁ ଧାଇଁ ନୟାନ୍ତ ହୋଇପଡ଼ିଲାଣି । ନୂତନତ୍ୱର ସନ୍ଧାନରେ ମତୁଆଲା ସାଜିଛି। କିନ୍ତୁ ଯେତେବେଳେ କର୍ମମୟ ଜୀବନରୁ ଅବସର ନେଇ ନିଜର ଜନ୍ମ ମାଟିକୁ ପ୍ରତ୍ୟାବର୍ତ୍ତନ କରିଛି ସେତେବେଳେ ସେ ଖୋଜିଛି ତାର ଅତି ପ୍ରିୟ ଘର ଚଟିଆ କୁ। ଯାହାକୁ ସିଏ ପିଲାବେଳେ ବାଡି ଧରି କେତେ ପିଟିଛି। ତା ନାଁ ଧରି ଖାଦ୍ୟ ଖାଇ ବଡ଼ ହୋଇଛି। କେମିତି ବି ସେ ଭୁଲି ପାରିଥାନ୍ତା ! ତାର ଶୈଶବ ଅବସ୍ଥାର ମିତ୍ର ଥିଲା ଘର ଚଟିଆ । ମନେମନେ ଚିନ୍ତା କରୁଛି ନଟିଆ; କୁଆଡ଼େ ଗଲେ ଘରଚଟିଆ ? ବିଲୁପ୍ତ ହୋଇଗଲେଣି କି ଏ କୁନି ଚଢେଇ ? କାହିଁ ଆଉ ଦେଖା ଯାଉନାହାନ୍ତି ? ବୟସର ଅପରାହ୍ନରେ କାହାକୁ ବା ପଚାରିବ ସେ ? କିଏ ଅସମାହିତ ପ୍ରଶ୍ନର ଉତ୍ତର ତାକୁ ଦେବ । ଆଜିକାଲିର କୁନିକୁନି ପିଲାଙ୍କୁ ଘର ଚଟିଆ କଥା ପଚାରିଲେ ସେମାନେ କହୁଛନ୍ତି ଘର ଚଟିଆ ! ସେଇଟା କି ପ୍ରକାର ପକ୍ଷୀ ! ଆମେ ତାକୁ ଦେଖିନୁ । ଚିନ୍ତା ଘାରିଛି ନଟିଆକୁ। ନିଜର ଚେତନାର ଶକ୍ତିକୁ ବୃହତ୍ତର ପରିଧି ଆଡ଼କୁ ଅଗ୍ରସର କରାଇଛି ନଟିଆ । ସେ ନିଜ ଶୈଶବର ସାଥି, ଚଟିଆର ଅନ୍ୱେଷଣରେ ବହାରିପଡ଼ିଛି । କାଳର କରାଳ ଗତିରେ, ଆଧୁନିକତାର ସ୍ପର୍ଶରେ, ବିକାଶର ଆଳରେ ମନୁଷ୍ୟ ପ୍ରକୃତିକୁ ବିନାଶ କରିବା ଦ୍ୱାରା ନିରୀହ କୁନି ଚଢ଼େଇଟିର ବଂଶ ଆଜି ବିଲୁପ୍ତ ପ୍ରାୟ ହୋଇଗଲାଣି ବୋଲି ଅନୁଭବ କରି ପ୍ରକୃତିସ୍ଥ ହୋଇ ପଡ଼ିଛି ନଟିଆ ।

ସୁନ୍ଦରତାର ଏକ ସ୍ୱତନ୍ତ୍ର ପରିଚୟ ହେଉଛି ଏହି କ୍ଷୁଦ୍ର ଚଢେଇ । ସେମାନେ ବଣୁଆ ଚଢ଼େଇ ହୋଇଥିଲେ ମଧ ଲୋକଙ୍କ ସହ ସତେ ଯେମିତି ତାଙ୍କର ସମ୍ପର୍କ ରହିଛି ସେଥିପାଇଁ ତ ସେମାନେ ବଣ ଜଙ୍ଗଲରେ ନ ରହି ନଡା ଛପର ଘରମାନଙ୍କରେ ବସା ବାନ୍ଧି ରହିଥାନ୍ତି । ସେମାନଙ୍କର କିଚିରିମିଚିରି ଶବ୍ଦରେ ଆଖପାଖ ପରିବେଶ ଫାଟିଉଠେ ଓ ଲୋକଙ୍କ ମନରେ ବେଶ ଖୁସି ଉନ୍ମାଦନା ସୃଷ୍ଟି କରିଥାଏ । ସେମାନଙ୍କର ରାବ ଶୁଣି ନିଦ ଭାଙ୍ଗିଯାଏ । ସେଥିପାଇଁ ସେମାନଙ୍କୁ ପ୍ରାକୃତିକ ଆଲାରାମ ମଧ କୁହାଯାଏ । ଗାଁ ହେଉକି ସହର, ମଣିଷ ଜୀବନର ଏକ ଅଂଶ ଥିଲା ଘରଚଟିଆ । ସକାଳୁ ଘରଚଟିଆଙ୍କ କିଚିରିମିଚିରିରୁ ଆରମ୍ଭ ହେଉଥିଲା ଦିନ । ଘରେ ଉଭୟ ଚଟିଆ ଓ ମଣିଷଙ୍କ ଉପସ୍ଥିତି ପରସ୍ପର ପାଇଁ ଦେହସୁହା ଥିଲା । ସକାଳ ହେଲେ ଘରଚଟିଆର କିଚିରିମିଚିରି ଶବ୍ଦ ନଥିଲେ ଗାଁ ଗାଁ ପରି ଲାଗୁନଥିଲା । ଘର ଅଗଣା, ବାଡ଼ି, ଦାଣ୍ଡରେ ଖୁଦଟିକେ ଢାଳିଦେଲେ କିମ୍ବା ଚାଷୀ ଖଳାରେ ଶସ୍ୟ ଅମଳ ସମୟରେ, ସେମାନଙ୍କର କୁନିକୁନି ଥଂଟରେ, ଖୁମ୍ପିଖୁମ୍ପି, ଡେଇଁଡେଇଁ ମନ ଖୁସିରେ ଶସ୍ୟ ଖାଉଥିଲେ, ଯାହାକୁ ଦେଖିବାକୁ ଖୁବ୍ ଆନନ୍ଦ ଲାଗେ । ଶସ୍ୟ କ୍ଷେତ୍ରରେ ଥିବା ପୋକ ଜୋକ ଖାଇ ଆମ ସମାଜ ତଥା ଚାଷୀର ପରମ ବନ୍ଧୁ ଭାବେ ବେଶ ପରିଚିତ ଥିଲେ ଏହି ପକ୍ଷୀ । ସେମାନେ ମଣିଷ ଭଳି ଦଳବଦ୍ଧ ହୋଇ ରହିବାକୁ ଭଲ ପାଆନ୍ତି । କିନ୍ତୁ ସମୟ ବଦଳିବା ସହ ପରିବର୍ତ୍ତନ ହୋଇଯାଇଛି ସବୁ କିଛି ।

ଏ କଣ ଦେଖୁଛି ନଟିଆ ! ଆଧୁନିକତାର ସ୍ପର୍ଶରେ ଗାଁ ପରିବେଶ ଆଜି ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି । ଯେଉଁ ନଡ଼ା ଛପର ଚାଳ ଘରେ ଚଟିଆ ବସବାସ କରୁଥିଲା, ବଂଶ ବିସ୍ତାର କରୁଥିଲା, କିଚିରିମିଚିରି ଶବଦ କରୁଥିଲା ଆଜି ସେ ଘର କୋଠାଘର ଭାବେ ରୂପାନ୍ତରିତ ହୋଇଛି । ସେଠି ଚଟିଆ ପରିବର୍ତ୍ତେ ନଟିଆ ଦେଖୁଛି କୁକୁର। କୋଠାଘରୁ ଚଢ଼େଇର କିଚିରି ମିଚିରି ଶବ୍ଦ ପରିବର୍ତ୍ତେ ସୁଭୁଛି କୁକୁରର ଭୋ ଭୋ ଶବ୍ଦ । ସତରେ କ'ଣ ମୋ ଗାଁ ବଦଳି ଯାଇଛି !! କେଉଁଠି ହେଲେ ବି ଚାଳ ଘର ନାହିଁ, ବିଚରା ନିରୀହ ପକ୍ଷୀମାନେ କେଉଁଠି ରହିବେ ? । ସହରୀକରଣ ଦ୍ୱାରା ପ୍ରଭାବିତ ହୋଇଛି ଗାଁ । ମଣିଷର ଆଧୁନିକ ଜୀବନ ଶୈଳୀ ଭିତରେ ହଜିଗଲେଣି ଚଟିଆ ବା ଘରଚଟିଆ । କିଛି ବର୍ଷ ପୂର୍ବେ ଘର ଅଗଣାରେ ଧାନ, ମାଣ୍ଡିଆ ସୁଖାଇଲେ ଜଣେ ଲୋକ ବାଡ଼ିଟିଏ ଧରି ଜଗିବାକୁ ପଡୁଥିଲା, କାଳେ ଘରଚଟିଆ ଆସି ଖାଇଯିବେ । ଅଧୁନା ମଣିଷମାନେ ଚାଷ ବାସ ଛାଡ଼ି ସହରାଭିମୁଖୀ ହେଉଛନ୍ତି । ଆଗଭଳି ଆଉ ଶସ୍ୟ ପ୍ରାୟ ଉତ୍ପାଦନ ହେଉନାହିଁ । ତେଣୁ ଘର ଚଟିଆମାନେ ଖାଦ୍ୟ ଅନ୍ୱେଷଣରେ ବାହାରକୁ ଯାଇଛନ୍ତି କିମ୍ବା ଖାଦ୍ୟ ଅଭାବ ଜନିତ ସମସ୍ୟା ସାମ୍ନା କରୁଛନ୍ତି । ଚାଷ ଜମିରେ ଦେଖାଯାଉଥିବା ଛୋଟ ଛୋଟ କୀଟ ନବଜାତକ ଘରଚଟିଆଙ୍କ ଖାଦ୍ୟ ହୋଇଥାଏ । ହେଲେ ଚାଷରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ କରି କମ୍ ଅର୍ଥ ଓ ଶ୍ରମ ବିନିଯୋଗ କରି ପ୍ରଚୁର ଖାଦ୍ୟ ଶସ୍ୟ ଉତ୍ପାଦନ ଆଶାରେ ଆଧୁନିକ ଚାଷୀ ମାନେ ଚାଷ ଜମିରେ କୀଟନାଶକର ଅତ୍ୟଧିକ ପ୍ରୟୋଗ କରୁଛନ୍ତି ଫଳସ୍ୱରୂପ ଘର ଚଟିଆମାନଙ୍କର ଖାଦ୍ୟ ବିଷାକ୍ତ ହୋଇଯାଉଛି । ମାଟି ଉପରେ ପେଭର ବ୍ଲକ ବିଛାଇବାରୁ ମାଟିରୁ ଉତ୍ପନ୍ନ ଛୋଟ ଛୋଟ ପୋକ ଓ ଜିଆମାନେ ଲୋପ ପାଇଗଲେଣି । ଫଳରେ ନିଜକୁ ଖାପଖୁଆଇ ନପାରି ଦିନକୁ ଦିନ ସେମାନଙ୍କର ସଂଖ୍ୟା କମିବାରେ ଲାଗିଛି। ପକ୍ଷୀମାନେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଅନୁଭବ କରି ନିଜ ମାର୍ଗ ନିର୍ଦ୍ଧାରିତ କରିଥାନ୍ତି । ବହୁଳ ମାତ୍ରାରେ ମୋବାଇଲ ବ୍ୟବହାର ଯୋଗୁଁ ଟାୱାରରୁ ବାହାରୁଥିବା ତରଙ୍ଗ ଦ୍ୱାରା ସେମାନଙ୍କର ବିଚରଣ କରିବାର କ୍ଷମତା ବାଧାପ୍ରାପ୍ତ ହୁଏ । ବ୍ୟାପକ ସହରୀକରଣ, ଜଙ୍ଗଲ ଧ୍ୱଂସ, ଜଳବାୟୁ ପରିବର୍ତ୍ତନ ଆଦି ଅନେକ ମନୁଷ୍ୟ କୃତ୍ୟ କାରଣ ଯୋଗୁଁ ସେମାନେ ଆଜି ବିଲୁପ୍ତ ପ୍ରାୟ। ।

ବିଶ୍ୱନିୟନ୍ତାଙ୍କ ସୃଷ୍ଟିରେ ସମସ୍ତ ପ୍ରାଣୀ ପ୍ରକୃତି ଉପରେ ନିର୍ଭରଶୀଳ କିନ୍ତୁ ପ୍ରକୃତି ଉପରେ ମାତ୍ରାଧିକ ହସ୍ତକ୍ଷେପ ଯୋଗୁଁ ଅନେକ ଜୀବଜନ୍ତୁ ଆଜି ପୃଥିବୀ ପୃଷ୍ଠରୁ ବିଲୁପ୍ତ ହୋଇ ଗଲେଣି ।

ଘରଚଟିଆ ଯେ ସଂପୂର୍ଣ୍ଣ ବିଲୁପ୍ତ ହୋଇ ଯାଇଛନ୍ତି ତାହା ନୁହେଁ । ଆମେ ସାମାନ୍ୟ ଯତ୍ନଶୀଳ ହେଲେ ସେମାନେ ପୁଣି ଆମ ଘରକୁ ଫେରି ଆସିବେ । ସମୟର ପରିବର୍ତ୍ତନ ସାଙ୍ଗକୁ ସବୁ କିଛି ବଦଳି ଗଲାଣି । ଲୋକଙ୍କ ଚଳଣି ସହ ବାସଗୃହ ମଧ ବଦଳିଗଲାଣି । ଇଣ୍ଟେର୍ନେଟ, ମୋବାଇଲ ଯୁଗ ସାଙ୍ଗକୁ କଚ୍ଚାଘରକୁ ସରକାର ପକ୍କା ଘର କରି ଲୋକଙ୍କୁ ଯୋଗାଇ ଦେଉଛନ୍ତି । କିନ୍ତୁ ସରକାରଙ୍କ ଏହି ଘୋଷଣା ଲୋକଙ୍କ ପାଇଁ ଖୁସି ଆଣି ଦେଉଥିବା ବେଳେ ଘର ଚଟିଆଙ୍କ ପାଇଁ ତାହା କାଳ ସାଜିଛି। ଚାଳ ଘରେ ଏମାନେ ରହି ଅଣ୍ଡା ଦେଉଥିଲେ । ହେଲେ ଚାଳ ଘର ନଥିବାରୁ ଅଣ୍ଡା ଦେବାରେ ସମସ୍ୟା ରହିଲା । ଅନ୍ୟ ଯେଉଁଠି ଅଣ୍ଡା ଦେଲେ ସେଠାରେ ଅଣ୍ଡା ନଷ୍ଟ ହେଲା । କୋଠାଘର ହେଉ କିନ୍ତୁ ସେମାନଙ୍କ ବଂଶ ବିଲୁପ୍ତି ସଙ୍ଗୀନ ସଙ୍କଟରୁ ଉଦ୍ଧାର ନିମନ୍ତେ କୃତ୍ରିମ ବାସସ୍ଥାନ ନିର୍ମାଣ କରିବା ଓ ସେମାନଙ୍କର ବିଚରଣ ପାଇଁ ପରିବେଶକୁ ସନ୍ତୁଳିତ କରିବା ନିହାତି ଦରକାର । ଅବଶ୍ୟ ଘର ଚଟିଆଙ୍କୁ ସୁରକ୍ଷା ତଥା ତାଙ୍କ ବଂଶ ବୃଦ୍ଧି ପାଇଁ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସୁଛନ୍ତି କିନ୍ତୁ ଏହି ପକ୍ଷୀଙ୍କ ପାଇଁ ସରକାର ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ତେବେ ଏହି କୁନି ଚଢେଇର ବଂଶବିସ୍ତାର ପ୍ରତି ଯଦି ଆମେ ସଚେତନ ନ ହେବା ତାହେଲେ ପରବର୍ତ୍ତୀ ପିଢି ବାସ୍ତବରେ ନୁହେଁ, ବରଂ ବହିରେ ଦେଖିବେ ଘରଚଟିଆ ଏବଂ ଆପଣଙ୍କୁ ପ୍ରଶ୍ନ କରିବେ, ଏ ପକ୍ଷୀର ନାଁ କ'ଣ ? ଅନ୍ତତଃ ପକ୍ଷେ ସେ ଦିନ ଆସିବା ପୂର୍ବରୁ ଆମକୁ ଆମେ ସଚେତନ ହୋଇଯିବା ନିହାତି ଦରକାର। ରକ୍ଷକ ଥିବା ମଣିଷ ଭକ୍ଷକ ନ ସାଜି ପରିବେଶ ପ୍ରେମୀ ହୋଇ ଏ କ୍ଷୁଦ୍ର ପକ୍ଷୀ ପାଇଁ ସମ୍ବେଦନଶୀଳ ହେଲେ ଏହାର ବିଲୁପ୍ତି ହେବ ନାହିଁ ।

ଅଧ୍ୟାପକ,
ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ ।
ମୋ : ୯୪୩୮୦୭୦୮୪୯




## ଅଚ୍ଛିଣ୍ଡା ଗଣିତ

### ଅରୁଣ କୁମାର ଦାସ



ଚାରି ଗାଣିତିକ ପ୍ରକ୍ରିୟାର ସମୁଦ୍ର ମନ୍ଥନ ପରେ
ଯେଉଁ ଭାଗଶେଷ ମିଳିଲା
ତାହା ଆମର ଭାଗ୍ୟରେ ଲେଖା
ତୁମେ ଏହା ଧ୍ରୁବ ସତ୍ୟ ମାନ ତ !
ତଥାପି ଧୂମକେତୁ ପରି ଧସେଇ ହୋଇ
ପାହାନ୍ତି ପହରର ପୁଲକିତ ଅନୁପ୍ରବେଶ
ମୋତେ କରିଦେଉଛି ଅବଶ
ଏମିତି କାହିଁକି ହୁଏ କୁହତ ?
ବୟସର ଅପରାହ୍ନ ଉପନୀତ
ଜରା ଜର୍ଜରିତ ଜୀବନ ଯାବତ
ତଥାପି ତନୁ ମନ ହୁଏ ପୁଲକିତ
ଆଭାସୀ ଆଗମନ ମୋତେ କରେ ଆଲୋଡିତ ।
ମୋ ସାମାଜିକ ପରିଧି ପୂର୍ବ ନିର୍ଦ୍ଧାରିତ
କୈଶୋରର ଚାପଲ୍ୟ କଲା ସାରା ଜୀବନ ନିନ୍ଦିତ
ବାଘ ମରା ଠୁଁ ଘୋଷରା କଲା ଯନ୍ତ୍ରଣା ଜର୍ଜରିତ
ସେ କାହାଣୀ ସବୁ ଆମ ରକତେ ଲେଖା ତ ।
ଜ୍ୟାମିତିର କ୍ଲିଷ୍ଟ ଉପପାଦ୍ୟର ସାମାନ୍ୟ କଥନ
ଏବେବି ଅସମାହିତ
ଜୀବନ ଜ୍ୟାମିତିର ଅଙ୍କନ ଆଜି ଅଙ୍କା ବଙ୍କା
ସେଇ ଶେଷ ସନ୍ତକର ସୁମଧୁର ସଂଳାପ
ଆଜି ବି ଅନୁରୁଣିତ ।

ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫



## ସାଗର

### ସଦାଶିବ ବିଶ୍ୱାଳ



ସମୁଦ୍ର...
ସମଗ୍ର ସଂସାରର ଅମୃତ- ବିଷକୁ
ଧାରଣ କରିଛି ନିର୍ବିକାର ଭାବେ
ତା' ପାଖେ ସମସ୍ତେ ସମାନ
କର୍ମକରେ ଚିନ୍ତା ନ କରି ଲବେ

ରତ୍ନଗର୍ଭା ସମୁଦ୍ର...
କାହାରିକୁ ପର-ଆପଣା ନ ଭାବି
ସମସ୍ତଙ୍କୁ ନିଜର କରିନିଏ
ଆନ୍ତରିକ ଅନୁରାଗରୁ ସେ
କାହାରିକୁ ବଞ୍ଚିତ କରି ନ ଥାଏ
ସାଗର...
ସବୁ ନଦୀ ନାଳର ଜଳକୁ
ଗର୍ଭରେ ଧାରଣ କରେ
ପ୍ରଶସ୍ତ ବକ୍ଷରେ ଜାବୁଡି ଧରି
ବିଷପାନ କରି ନୀଳକଣ୍ଠ ବନିପାରେ

ସାଗର ଶିଖାଏ...
ବିଶୁଦ୍ଧ ପ୍ରେମ ସ୍ନେହ ଆପଣାଇ
ଦୀନ ଦୁର୍ବଳକୁ ସ୍ଥାନ ଦେବା
ହୃଦୟରେ
କ୍ଷୁଦ୍ର ପିପିଲିକାଠାରୁ ହସ୍ତୀ ପର୍ଯ୍ୟନ୍ତ
ବାନ୍ଧି ରଖିବା ଆମର
ଅନାବିଳ ସ୍ନେହରେ ।

ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
କଷ୍ଟ ଆକାଉଟାଣ୍ଟ
ଅଙ୍ଗାରୁଆ, ଜିଲ୍ଲା - କେଉଁଝର

# ରକ୍ତହୀନତା

**ଶରୀରରେ ପ୍ରବାହିତ ରକ୍ତରେ ସାଧାରଣତଃ ଲୋହିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହେଲେ ଏହାକୁ ରକ୍ତହୀନତା କୁହାଯାଏ । ଏହା କେତେକ ସ୍ଥଳରେ ରୋଗୀଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ ।**





ରକ୍ତହୀନତା ଗୁରୁତର ତଥା ପୁରାତନ ରୋଗୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ । ଏହାଦ୍ୱାରା ରୋଗୀ ଶରୀରରେ ହେମାଟୋକ୍ରିଟ ପରିମାଣରେ ୨୦ ପ୍ରତିଶତ ହ୍ରାସ ହୋଇଥିବା ବେଳେ କୌଣସି ଲକ୍ଷଣ ପରିପ୍ରକାଶ ହୁଏନି । ଗୁରୁତର ରକ୍ତହୀନତା କ୍ଷେତ୍ରରେ ଆରବିସି କୋଷିକାର ଉତ୍ପାଦନ ପ୍ରମୁଖ ଭୂମିକା ଗ୍ରହଣ କରେ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ହୃଦୟର ସ୍ପନ୍ଦନରେ ବୃଦ୍ଧି, ନିମ୍ନ ରକ୍ତଚାପ, ଆଦି ରକ୍ତ ସଂରକ୍ଷଣ ପ୍ରିକ୍ରିୟାରେ ଅସ୍ଥିତରତା ସୃଷ୍ଟି ହୋ ସହିତ ଅସ୍ଥିରମନା ତଥା ମୁଣ୍ଡ ବୁଲାଇବା, ନିଶ୍ୱାସପ୍ରଶ୍ୱାସରେ ଅନିୟମିତା ଏବଂ ପାଦରେ ଫୁଲା ଆଦି ଲକ୍ଷଣ ଦେଖିବାକୁ ମିଳେ । ରକ୍ତହୀନତା କ୍ଷେତ୍ରରେ ରକ୍ତସ୍ରାବ ତଥା ହେମୋଲିସିସ୍ ବୃଦ୍ଧି ପାଏ ।



ଶରୀରର ଆଭ୍ୟନ୍ତରୀଣ ରକ୍ତସ୍ରାବର ଲକ୍ଷଣ ଶଯ୍ୟା କାଳୀନ ସମୟରେ ପରିପ୍ରକାଶ ପାଇବା ସହିତ ଏକସମ୍ପର୍କରେ ଲାବୋରେଟୋରୀ ତଥ୍ୟକୁ ବିଶଦ ଜଣାପଡ଼ିଥାଏ । ଆଘାତ ଏବଂ ସିରୋସିସ୍ କ୍ଷେତ୍ରରେ ଭେରିସାଲ ରକ୍ତସ୍ରାବ ହେବା ସହିତ ରକ୍ତ ବାନ୍ତି ଏବଂ ମେଲିନା ଆଦି ଦୃଟ୍ଟି ଗୋଚର ହୋଇଥାଏ । ପେପଟିକ୍ ଅଲସର ରୋଗୀଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ପରିପ୍ରକାଶ ହୋଇଥାଏ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ଅର୍ଥୋଷ୍ଟେଟିକ୍ ନିମ୍ନରକ୍ତଚାପ, ହୃଦ ସ୍ପନ୍ଦନର ଗତିରେ ତୀବ୍ରତା ଥଣ୍ଡା ଏବଂ ଲୋଚାକୋଚା ତ୍ୱଚା ବିଚଳିତବୋଧ, ତୃଷ୍ଣା ବୃଦ୍ଧି ଆଦି ଲକ୍ଷଣ ଦେଖାଯାଇଥାଏ । ଯଦି ରୋକ୍ତର ପରିମାଣରେ ୫୦ ପ୍ରତିଶତ ହ୍ରାସ ହୋଇଥାଏ, ତେବେ ହୃଦଘାତ ଏବଂ ମୃତ୍ୟୁବତ୍ ଅବସ୍ଥା ସୃଷ୍ଟି ହୋଇଥାଏ ।

ପୁରାତନ ଯକୃତ ଏବଂ ବୃକକ୍‌ରୋଗ, ବିଷ ପଦାର୍ଥର ପ୍ରକ୍ରିୟା, ସ୍ୱ-ପ୍ରତିରକ୍ଷା ବିକାର, ଶରୀର ଅଭ୍ୟନ୍ତରୀଣ ବିକାରଏବଂ ମ୍ୟାଲେରିଆ ତଥା ପାରାସାଇଟିକ୍ ସଂକ୍ରମଣ ଆଦି ଯୋଗୁ ମଧ୍ୟ ରକ୍ତହୀନତା ସୃଷ୍ଟି ହୋଇଥାଏ ।

କେତେକ ଶାରୀରିକ ଅନିୟମିତା କ୍ଷେତ୍ରରେ ମାଂସପେଶୀ ଏବଂ ଜଏଣ୍ଟ ମଧ୍ୟରେ ରକ୍ତସ୍ରାବ ହୋଇଥାଏ । ଭିଟାମିନ୍ ଅଭାବଯୋଗୁ ତଥା ଗର୍ଭାଧାନ ସମୟରେ ରକ୍ତହୀନତା ସୃଷ୍ଟି ହୋଇଥାଏ ।

ଚିକିତ୍ସା

ଖାଦ୍ୟରେ ଲୌହ ଏବଂ ଭିଟାମିନ-ସିର ମାତ୍ରା ବୃଦ୍ଧି କରିବା ଆବଶ୍ୟକ । ଖାଦ୍ୟରେ ଡାଲି ଜାତୀୟ ଖାଦ୍ୟ, ନଟସ୍, ବିନସ୍, ସମୁଦ୍ରଜାତ ଖାଦ୍ୟ, ମାଂସ ସହିତ ଦୁଗ୍ଧ ଆଦି ଗ୍ରହଣ କରିବା ଉଚିତ୍ ।

ପ୍ୟାକଡ୍ ସେଲ ଟ୍ରାନ୍ସଫ୍ୟୁଜନ, ରିକମ୍ବିନା ଏରିଥ୍ରୋପ୍ରୋଟିନ୍ ଦ୍ୱାରା ବୋନ୍ ମ୍ୟାରୋରେ ଆରସବିସି ଉତ୍ପାଦନ ବୃଦ୍ଧିପାଇଥାଏ ।

ସତେଜ ଫଳ, ଶାଗ, ଫୁଲକୋବି, ବ୍ରୋକଲି, ବିଭିନ୍ନ ମଞ୍ଜି ଗଜା, ଦୁଗ୍ଧ ଉତ୍ପାଦ, କାଦ୍ୟସଶ୍ୟଆଦି ଖାଦ୍ୟରେ ଉପଯୁକ୍ତ ପରିମାଣରେ ଫଲିକ୍ ଏସିଡ୍ ମହଜୁଦ ରହିଥାଏ । ତେଣୁ ଏହାକୁ ଖାଦ୍ୟରେ ନିୟମିତ ଗ୍ରହଣ କରିବା ଉଚିତ।

# ସ୍ୱାଦିଷ୍ଟ ତାଓ୍ୱା ପନିର



*ଆବଶ୍ୟକ ସାମଗ୍ରୀ:* ପନିର, ଦହି, ଜିରା, ଜୁଆଣି, କସ୍ତୁରୀ ମେଥି, ପିଆଜ, ଅଦା, କଞ୍ଚା ଲଙ୍କା ପେଷ୍ଟ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଗୁଣ୍ଡ, ଟମାଟୋ ସସ୍ ?, କ୍ରିମ୍, ଲେମ୍ବୁ ରସ, ତେଲ, ଲୁଣ, ଧନିଆ ପତ୍ର ।

*ପ୍ରସ୍ତୁତି ପ୍ରଣାଳୀ:* ଏକ ପାତ୍ରରେ ଦହିକୁ ଫେଣ୍ଟି ଏଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଓ କସ୍ତୁରୀ ମେଥି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏବେ ଏଥିରେ କଟା ପନିର ପକାଇ ୧୦ରୁ ୧୫ ମିନିଟ୍ ଯାଏ ସେମିତି ଛାଡ଼ି ଦିଅନ୍ତୁ। ତା'ପରେ ଏକ ପ୍ୟାନ୍‌ରେ ଅଧ ଚାମଚ ତେଲ ପକାଇ ଏହା ଉପରେ ମାରିନେଟ୍ ହୋଇ ରହିଥିବା ପନିର ପକାଇ ହାଲ୍‌କା ଫ୍ରାଏ କରନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ଜିରା ଓ ଜୁଆଣି ପକାଇ ଫୁଟାନ୍ତୁ। ଏଥିରେ ପିଆଜ, କଟା ଅଦା ଓ କଟା ରସୁଣ ପକାଇ ଭାଜନ୍ତୁ। ସେ ସବୁ ଭାଜି ହୋଇଗଲା ପରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ କସ୍ତୁରୀ ମେଥି ପକାଇ ଗୋଳାଇ ଦିଅନ୍ତୁ। କିଛି ସମୟ ପରେ ଏଥିରେ ଟମାଟୋ ସସ୍ ପକାଇ ୬ରୁ ୭ ମିନିଟ୍ ଯାଏ କଷନ୍ତୁ। ତା'ପରେ ଏଥିରେ ହାଲ୍‌କା ଫ୍ରାଏ ହୋଇଥିବା ପନିର ପକାଇ ଅଧ କପ୍ ପାଣି ମିଶାଇ ଧିମା ଆଞ୍ଚରେ ୧୦ ମିନିଟ୍ ଯାଏ ଫୁଟିବାକୁ ଛାଡ଼ି ଦିଅନ୍ତୁ। ୧୦ ମିନିଟ୍ ପରେ ଗରମ ମସଲା ଗୁଣ୍ଡ ଓ କ୍ରିମ୍ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ତା'ପରେ ଲେମ୍ବୁ ରସ ପକାଇ ଏହାକୁ ଆଞ୍ଚରୁ ଓହ୍ଲାଇ ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରକୁ ବାହାର କରି ତା' ଉପରେ ଧନିଆ ପତ୍ର ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ ତାଓ୍ୱା ପନିର। ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରନ୍ତୁ। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

# ଗୁମ୍ଫା ମନ୍ଦିର



ଭୋପାଲରେ ପ୍ରସିଦ୍ଧ ଧର୍ମ ସ୍ଥଳୀ ମଧ୍ୟରେ ଗୁମ୍ଫା ବା ଗୁମ୍ଫା ମନ୍ଦିର ଅନ୍ୟତମ । ସହର ଉପକଣ୍ଠସ୍ଥ ଲାଲଘାଟୀରେ ଏହି ମନ୍ଦିର ଅବସ୍ଥିତ । ଦେବାଳୟଟି ଶିବଙ୍କୁ ସମର୍ପିତ । ମନ୍ଦିର ପରିସର ତଥା ଆଖ ପାଖରେ ଏକାଧିକ ଗୁମ୍ଫା ଥିବାରୁ, ଏହି ପରି ନାମ । ଗୋଟିଏ ଗୁମ୍ଫାରେ ସ୍ୱୟଂଭୁ ଶିବଲିଙ୍ଗ ଓ ପିଣ୍ଡି ସୁଶୋଭିତ । ୧୯୪୯ରେ ସ୍ୱାମୀ । ନାରାୟଣ ଦାସ ଶିବଲିଙ୍ଗ ଆବିଷ୍କାର କରିଥିଲେ । ଏହାପରେ ମୁଖ୍ୟ ମନ୍ଦିର ତିଆରି କରାଯାଇଥିଲା । ମୋଟ



ସାତଟି ପ୍ରାକୃତିକ ଗୁମ୍ଫା ଅଛି । ଅନ୍ୟ ଗୁମ୍ଫାଗୁଡ଼ିକରେ ସଂସ୍କୃତ ବିଦ୍ୟାର୍ଥୀମାନେ ରହୁଥିବା ଜଣାଯାଏ । ମନ୍ଦିର ନିକଟରେ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ଆୟୁର୍ବେଦୀୟ ଔଷଧାଳୟ, ଗୋଶାଳା ଆଦି ଅଛି ।

# ସାବଧାନ ! ଘଣ୍ଟା ଘଣ୍ଟା ବସି କାମ କଲେ ହୋଇଥାଏ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

ମାନବର ପୂର୍ବ ଜୀବନଶୈଳୀ ଓ ବର୍ତ୍ତମାନର ଜୀବନଶୈଳୀ ମଧ୍ୟରେ ଅହେତୁକ ପରିବର୍ତ୍ତନ ଘଟିଛି। ପୂର୍ବରୁ ଅଧିକାଂଶ ଲୋକେ ଶାରୀରିକ ପରିଶ୍ରମ କରି ଜୀବନ ବିତାଉଥିଲେ। ଏବେ କିନ୍ତୁ ସମୟ ବଦଳି ଯାଇଛି, ଅଫିସରେ ନିରବଚ୍ଛିନ୍ନ ଭାବେ ୮-୯ ଘଣ୍ଟା କାମ କରିବା ଆମ ଜୀବନର ଏକ ଅଂଶ ହୋଇଯାଇଛି। ଏହି ଅଭ୍ୟାସ ମାନବ ସ୍ୱାସ୍ଥ୍ୟ ପାଇଁ କେତେ ବିପଜ୍ଜନକ ହୋଇପାରେ କେବେ ଭାବିଛନ୍ତି କି ? ଅଫିସରେ କ୍ରମାଗତ ଭାବରେ ୮-୯ ଘଣ୍ଟା ବସିବା ଦ୍ୱାରା ବେକ ଏବଂ କାନ୍ଧରେ ଯନ୍ତ୍ରଣା ହୁଏ। ଏସବୁ ବ୍ୟତୀତ ମେଦବହୁଳତା, ମଧୁମେହ ଏବଂ ହୃଦରୋଗ ତଥା କର୍କଟ ରୋଗ ହେବାର ଆଶଙ୍କା ମଧ୍ୟ ବଢିଥାଏ। ଅଫିସକୁ ଯିବା ମାତ୍ରେ ଚେୟାରରେ ବସି ରହି କାମ କରିବା ଫଳରେ ଶରୀରର କୋଷଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗେ। ଏହା ରୋଗ ପ୍ରତିରୋଧକ ଶକ୍ତି ଉପରେ କୁପ୍ରଭାବ ପକାଇଥାଏ। ତେଣୁ କାର୍ଯ୍ୟ ମଧ୍ୟରେ କିଛି ସମୟ ବିରତି ନିଅନ୍ତୁ, କିମ୍ବା ଶାରୀରିକ ବ୍ୟାୟାମ ଅନୁସରଣ କରନ୍ତୁ।ଘରେ କିମ୍ବା ଅଫିସରେ ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ରହିବା ଫଳରେ ହାଡ଼ ଦୁର୍ବଳ ହୋଇଯାଏ। ଅନେକ ଥର ଅନୁଭବ କରିଥିବେ, ଏହି କାରଣରୁ ଆଣ୍ଠୁ ଏବଂ ଅଣ୍ଟାରେ ଯନ୍ତ୍ରଣା ଆରମ୍ଭ ହୁଏ। ଚେୟାରରେ ଭୁଲ ଶୈଳୀରେ ବସି କାମ କରନ୍ତୁ ନାହିଁ, ନଚେତ୍ ପିଠି ଯନ୍ତ୍ରଣା ହୋଇପାରେ। ଲଗାତାର ସମାନ ଅବସ୍ଥାରେ ଗୋଟିଏ ସ୍ଥାନରେ ବସି ରହିବା ଫଳରେ ବିଭିନ୍ନ ସମସ୍ୟା ହେବାର ସମ୍ଭାବନା ଥାଏ। ଘଣ୍ଟା ଘଣ୍ଟା ଧରି ବସିବା କାରଣରୁ କ୍ୟାଲୋରୀ ନଷ୍ଟ ହୋଇନଥାଏ, ଯେଉଁ କାରଣରୁ ଧୀରେ ଧୀରେ ବୃଦ୍ଧିପାଇ ମେଦବହୁଳତା ହୁଏ।



# ତ୍ୱଚା ପାଇଁ ମଲ୍ଲୀ ଫୁଲ: ମିଳେ ଅନେକ ଫାଇଦା

ମଲ୍ଲୀ ଫୁଲର ମନଲୋଭା ବାସ୍ନା ଖୁବ୍ ସୁନ୍ଦର । କିନ୍ତୁ କଣ ଆପଣ ଜାଣନ୍ତି କି ଏହା କେବଳ ସୁଗନ୍ଧ ପାଇଁ ହିଁ ନୁହେଁ ବରଂ ଆପଣଙ୍କ ତ୍ୱଚାର ବି ସୌନ୍ଦର୍ଯ୍ୟ ବଢାଇଥାଏ । ମଲ୍ଲୀ ଫୁଲର ଅନେକ ଉପକାରୀ ଗୁଣ ରହିଛି ଯାହା ତ୍ୱଚାରେ ଚମକ ଆଣିଥାଏ ।

*ବ୍ରଣ ସମସ୍ୟା ଦୂର କରେ ମଲ୍ଲୀ ଫୁଲ:*

ସାଧାରଣତଃ ମଲ୍ଲୀ ଫୁଲକୁ ସ୍ତ୍ରୀ ବା ଝିଅମାନେ ବିବାହ ଆଦି ଦିନ ମାନଙ୍କରେ ମୁଣ୍ଡରେ ପିନ୍ଧିଥିବାର ଦେଖିଥିବେ । ସେମାନେ କିଛି ଭଲ ଦିନ ବା ପର୍ବପର୍ବାଣୀ ଆଦିରେ ମଧ୍ୟ ଏହାକୁ ପିନ୍ଧିଥାନ୍ତି । ଏହି ମଲ୍ଲୀ ଫୁଲର ହାର ସେମାନଙ୍କ ମୁଣ୍ଡରେ ଅର୍ଥାତ୍ କେଶରେ ବହୁ ଶୋଭା ପାଏ । ଏହାର ମନଲୋଭା ବାସ୍ନା ବି ଖୁବ୍ ସୁନ୍ଦର, ତେଣୁ ଏହାର ଅତର ଆଦି ମଧ୍ୟ ବଜାରରେ ମିଳିଥାଏ । କିନ୍ତୁ ଯଦି ଆପଣଙ୍କୁ କୁହାଯାଏ ଯେ ଏହା କେବଳ କେଶ କି ସୁଗନ୍ଧ ପାଇଁ ହିଁ ନୁହେଁ ବରଂ ଆପଣଙ୍କ ତ୍ୱଚାର ବି ଶୋଭା ବଢାଇଥାଏ, ତାହେଲେ ଆପଣ ନିଶ୍ଚୟ ଖୁସି ହେବେ। ବାସ୍ତବରେ ଏହି କଥାଟି ସତ। ମଲ୍ଲୀ ଫୁଲର ତ୍ୱଚା ପ୍ରତି ଅନେକ ଉପକାରୀ ଗୁଣ ରହିଛି।

ମଲ୍ଲୀ ଫୁଲକୁ ମୋଗରା, ଚମେଲି, ଅରେବିୟନ୍ ଜ୍ୟାସ୍‌ମିନ୍, ମଦନବନ, ସୟାଲି, କୁଣ୍ଡା ବା ମଲ୍ଲୀକା ଆଦି ନାମରେ ବି ଜଣାଯାଏ। ତେବେ ସୁଗନ୍ଧରେ ବ୍ୟବହୃତ ଏହି ମଲ୍ଲୀ ଫୁଲରେ ଭରପୁର ମାତ୍ରାରେ ମଷ୍ଚରାଇଜିଙ୍ଗ୍ ଗୁଣ ବି ରହିଛି। ଯାହା ସ୍କିନ୍ ପାଇଁ ଅତ୍ୟନ୍ତ ଲାଭଦାୟୀ ଅଟେ। ଏହାକୁ କିପରି ବ୍ୟବହାର କଲେ ଆପଣଙ୍କ ତ୍ୱଚା ଏହି ଲାଭ ପାଇପାରିବ, ଆସନ୍ତୁ ଜାଣିବା

## *ମଲ୍ଲୀ ଫୁଲର ତ୍ୱଚା ପାଇଁ ଉପକାରିତା:*



*କୋମଳ ତ୍ୱଚା ପାଇଁ:*

ସୁଥ୍ ସ୍କିନ୍ ପାଇଁ ମଲ୍ଲୀ ଫୁଲର ପ୍ୟୁରୀ ବା ମିଶ୍ରଣକୁ ନିଜ ମୁହଁରେ ଲଗାନ୍ତୁ । ଏହା ଆପଣଙ୍କ ସ୍କିନ୍‌କୁ ଡିପ୍ ମଷ୍ଚରାଇଜ୍ କରିବା ସାଙ୍ଗକୁ ସଫ୍ଟ ବନେଇଥାଏ। ଏହାଛଡ଼ା ଆପଣ ମଲ୍ଲୀ ଫୁଲ ବ୍ୟବହୃତ ପ୍ରଡକ୍ଟ ବି ବ୍ୟବହାର କରିପାରିବେ।

ଦୁର୍ଗନ୍ଧ ରୋକିବାରେ ସାହାଯ୍ୟ କରେ:

ଅନେକ ଲୋକଙ୍କ ଶରୀରରୁ ଦୁର୍ଗନ୍ଧ ଆସିଥାଏ। ଏହାକୁ ରୋକିବା ପାଇଁ ଘରେ ବନାନ୍ତୁ ମଲ୍ଲୀ ଫୁଲର ବଡି ସ୍ପ୍ରେ। ଏଥିପାଇଁ ଜସ୍ମିନ୍ ଏସେନ୍ସ ଅଏଲ୍‌ର ବ୍ୟବହାର କରିପାରିବେ। ଏଥିପାଇଁ ସ୍ପ୍ରେ ବୋତଲରେ ପାଣି ଓ ମଲ୍ଲୀ ଫୁଲର ତେଲ ମିଶାନ୍ତୁ । ଏହା ଏକ ସବୁଠାରୁ ପ୍ରଭାବଶାଳୀ ବ୍ୟୁଟି ହ୍ୟାକ୍, ଯାହାର ବ୍ୟବହାର ଆପଣଙ୍କ ତ୍ୱଚାକୁ ଚମକ ଆଣିବାରେ ସାହାଯ୍ୟ କରେ।

*ବ୍ରଣ ସମସ୍ୟା ଦୂର ହେବ:*

ମୁହଁରେ ବ୍ରଣ ସମସ୍ୟାକୁ ଦୂର କରିବା ପାଇଁ ମଲ୍ଲୀ ଫୁଲର ପାଖୁଡାକୁ ପେଷ୍ଟ କରି ସିଧା ସଳଖ ମୁହଁରେ ଲଗାନ୍ତୁ। ଏହା କରିବା ଦ୍ୱାରା ମୁହରେ ବ୍ରଣ କମିଥାଏ ।

*ସନ୍ ଡ୍ୟାମେଜ୍:*

ସୂର୍ଯ୍ୟ କିରଣ ଦ୍ୱାରା ହେଉଥିବା ସ୍କିନ୍ ଡ୍ୟାମେଜ୍‌କୁ ରୋକିବା ପାଇଁ ମଲ୍ଲୀ ଫୁଲର ରସକୁ ମୁଁହରେ ଲଗାନ୍ତୁ । ଏହାଦ୍ୱାରା ଆପଣଙ୍କୁ ତୁରନ୍ତ ଫ୍ରେଶ୍ ଅନୁଭବ ହେବ। ଆପଣଙ୍କ ଗାଧୋଇବା ପାଣିରେ ବି ଏହାର ପାଖୁଡା କିମ୍ବା ଏହାର ପେଷ୍ଟକୁ ପକାଇ ପାରିବେ । ଏହି ପାଣିରେ ଗାଧୋଇବା ଦ୍ୱାରା ଆପଣଙ୍କୁ ସତେଜ ଅନୁଭବ ହେବ।



*ଫେସ୍ ପ୍ୟାକ୍:*

ମଲ୍ଲୀ ଫୁଲର ପାଖୁଡାକୁ ସଫା କରି ଏହାର ପେଷ୍ଟ ବନାନ୍ତୁ। ଏହାକୁ ସିଧା ସ୍କିନ୍‌ରେ ଲଗାନ୍ତୁ। ଏହାକୁ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ରଖି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହି ଫେସ୍ ପ୍ୟାକ୍ ତ୍ୱଚାରେ ଚମକ ଆଣିଥାଏ

*କେଶ ପାଇଁ ବି ବ୍ୟବହାର କରିପାରିବେ:*

ମଲ୍ଲୀ ଫୁଲର ହାରରେ ଆପଣ କେଶକୁ ସଜେଇଥିବେ ବା ଦେଖିଥିବେ ନିଶ୍ଚୟ । କିନ୍ତୁ କେଶର ଡିପ୍ କଣ୍ଡିସ୍‌ନିଂଙ୍ଗ୍ ପାଇଁ ବି ମଲ୍ଲୀ ଫୁଲକୁ ବ୍ୟବହାର କରିହେବ । ଏଥିପାଇଁ ମଲ୍ଲୀ ଫୁଲକୁ ଗରମ ପାଣିରେ ଭିଜେଇ ଥଣ୍ଡା କରନ୍ତୁ। ଥଣ୍ଡା ହେବା ପରେ ଏହାକୁ ଭଲଭାବେ କେଶ ଧୋଇବାରେ ବ୍ୟବହାର କରନ୍ତୁ । ଏହାଦ୍ୱାରା କେଶ ବହୁତ ଭଲରେ ସାଇନିଂ କରିଥାଏ ।

# ମହଙ୍ଗା ପଡ଼ିଲା କୁକୁର ପ୍ରୀତି

ଯଦି ଆପଣ ଘରେ କୁକୁର ପାଳିଛନ୍ତି ଏବଂ ତା ସହ ଅଧିକ ସମୟ ବିତାଉଛନ୍ତି କି ? ତେବେ ସାବଧାନ । ନିକଟରେ ଆମେରିକାରେ ଦେଖିବାକୁ ମିଳିଛି ଏପରି ଘଟଣା, ଯାହା ଆପଣଙ୍କ କୁକୁରପ୍ରୀତି କମାଇ ଦେଇପାରେ । ଆମେରିକାର ଓ୍ୱିସ୍କୋନ୍ସିନ୍ ଅଞ୍ଚଳରେ ରହୁଥିବା ୪୮ବର୍ଷୀୟ ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡ଼ିଛି କୁକୁରପ୍ରୀତି । ବ୍ୟକ୍ତି ଜଣକ ପାଳିଥିବା କୁକୁର ସହ ଅଧିକ ସମୟ ବିତାଇଥାନ୍ତି । ଏପରିକି କୁକୁର ସହ ଖାଇବା ଓ ଶୋଇବାକୁ ମଧ୍ୟ ପସନ୍ଦ କରୁଥିଲେ । କୁକୁର ସହ ଏତେ ନିବିଡ଼ତା ଯୋଗୁ କୁକୁର ପାଟିରୁ ବାହାରୁଥିବା ଲାଳ ତାଙ୍କ ଶରୀର ମଧ୍ୟରେ ପ୍ରବେଶ କରିଥିଲା । କୁକୁର ଲାଳରେ ଥିବା ଏକ ପ୍ରକାର ବ୍ୟାକ୍ଟେରିଆ ତାଙ୍କ ଶରୀର ଅସୁସ୍ଥ ହେବାରେ ଲାଗିଲା । ଏପରିକି ଚାଲାବୁଲା କରିବା ତାଙ୍କ ପାଇଁ ଏକପ୍ରକାର ଅସମ୍ଭବ ହୋଇପଡ଼ିଲା । ଡାକ୍ତରଙ୍କୁ ପରାମର୍ଶ କରିବାକୁ ଜଣାପଡ଼ିଲା ଯେ କୁକୁର ଲାଳ ତାଙ୍କ ଶରୀରରେ ମିଶିଯିବାରୁତାଙ୍କର ଏପରି ଅବସ୍ଥା ହୋଇଛି । ଏପରିକି ସେ ବଞ୍ଚିବା ରହିବା ପାଇଁ ଗୋଡ଼ କାଟିବାକୁ ପଡ଼ିଲା । ଏବେ ବିନା ଗୋଡ଼ରେ ତାଙ୍କୁ ବିତାଇବାକୁ ହେବ ସାରାଜୀବନ ।

# ଓଡ଼ିଆପକ୍ଷ ପାଳନର ଉଦ୍‌ଯାପନ ଉତ୍ସବ

## ଝୋଟି, ଚିତା, ପିଠାପଣା ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ




ଉଦଳା ,୧୫/୪(ନି. ପ୍ର): ଓଡ଼ିଶା ସରକାରଙ୍କ ତରଫରୁ ଚଳିତ ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ଠାରୁ ୧୪ ତାରିଖ ଓଡ଼ିଆ ନବ ବର୍ଷ ପର୍ଯ୍ୟନ୍ତ 'ଓଡ଼ିଆପକ୍ଷ' ଭାବରେ ସବୁଠି ପାଳନ କରାଯାଇଛି । ଉକ୍ତ ପକ୍ଷ ପାଳନର ଉଦ୍‌ଯାପନ ଉତ୍ସବ ଅବସରରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଝୋଟି, ଚିତା, ପିଠାପଣା, ପାରମ୍ପାରିକ ଖାଦ୍ୟ ଓ ହୁଳହୁଳି ପ୍ରତିଯୋଗିତାର ପର୍ବ ଅନୁଷ୍ଠିତ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଆୟୋଜିତ ସାଧାରଣ ସଭାରେ ନଗରପାଳ ପ୍ରମିଳା ପଣ୍ଡା ଅଧ୍ୟକ୍ଷତା କରି ଓଡ଼ିଶାର ଖାଦ୍ୟପେୟ, ପର୍ବପର୍ବାଣୀ ଓ ପିଠାପଣା ସବୁକିଛିକୁ ନେଇ ଗଢ଼ି ଉଠିଥିବା ଆମ ସଂସ୍କୃତି ଓ ପରମ୍ପରା ପାଇଁ ଆମେ କିପରି ଗର୍ବ ଅନୁଭବ କରୁ ବିସ୍ତୃତ ବର୍ଣ୍ଣନା କରିଥିଲେ । ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା, ସଂସ୍କୃତି ଓ ପରମ୍ପରା ଆମର ପ୍ରକୃତ ପରିଚୟ ବୋଲି ଭାଷଣ ମାଧ୍ୟମରେ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଉପନଗରପାଳ ପ୍ରଭାତ କୁମାର ପରିଡ଼ା, ପୂର୍ବତନ ଉଦଳା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ସାମାଜିକ କର୍ମି ବିଭୁତି ମହାନ୍ତ ପ୍ରମୁଖ ମଂଚାସିନ ଅତିଥି ଭାବରେ ଯୋଗ ଦେଇ ଓଡ଼ିଆ ପକ୍ଷ ପାଳନ ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି କହିବା ସହିତ ଏହାପ୍ରତିବର୍ଷ ପାଳନ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଉପନଗରପାଳ ଲିଲି ଭୋଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜବର ଦଖଲ ଉଛେଦ କଲା ଜୟପୁର ପୌର ପାଳିକା

ଜୟପୁର,୧୫/୪(ନି. ପ୍ର): ଜୟପୁର ପୌର ପାଳିକା ତରଫରୁ ଜବର ଦଖଲ ଉଛେଦ କରାଯାଇଛି। ଜୟପୁର ସହରର ଟାଉନ ହଲ ନିକଟରେ ଉଛେଦ କରିବା ସହ ସରକାରି ଉଚ୍ଚ ବିଦ୍ୟାଳୟ ନିକଟରେ ରାସ୍ତା ଅବରୋଧ କରି ପାଚେରି ନିର୍ମାଣ କରାଯାଇ ଥିଲା ତାହାକୁ ଉଛେଦ କରାଯାଇଛି । ଡ୍ରେନ ଉପରେ ପାଚେରି ନିର୍ମାଣ ହୋଇଥିଲା ତାହାକୁ ଉଛେଦ କରାଯାଇଛି । ଜୟପୁର ଉପ ଜିଲାପାଳ ଆକା ବରମ ଶଶଶ୍ୟା ରେଡ୍ଡି ଙ୍କ ନିଦ୍ଦେଷ କ୍ରମେ ପୌର ପାଳିକା ଉଛେଦ କରିଛି । ଉଛେଦ ସମୟରେ ଟାଉନ ପୋଲିସ ଉପ ସ୍ଥିତ ଥିଲେ । ଆ ଜିନ ଦିନ ୧୧ଟା ୩୦ ମିନଟ ସମୟରେ ଆରମ୍ଭ ହୋଇ ଅପରାହ୍ନ ୨ଟା ୩୦ ମିନିଟ ସମୟରେ ଶେଷ ହୋଇଥିଲା ।

## ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ରବୀନ୍ଦ୍ରନାଥ ଓ ଗଙ୍ଗାଧର ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୧୫/୪(ନି. ପ୍ର): ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଦ୍ୱାରା ରଚିତ ଓ ଶ୍ରୀମତୀ ମାଳବିକା ପଟେଲଙ୍କ ଦ୍ୱାରା ଇଂରାଜୀରେ ଅନୂଦିତ ପୁସ୍ତକ ରବୀନ୍ଦ୍ରନାଥ ଆଣ୍ଡ ଗଙ୍ଗାଧର ବହିଟିକୁ କୋଲକାତା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର କ୍ରିଷ୍ଣା ସେନ ଉନ୍ମୋଚନ କରିଛନ୍ତି। ସେକ୍ସପିଆର ସୋସାଇଟି ଅଫ ଇଷ୍ଟର୍ନ ଇଣ୍ଡିଆ ଓ ଟାଗୋର ଗାନ୍ଧୀ ଇନଷ୍ଟି ଚ୍ୟୁଟ ଫର କଲଚରାଲ ଷ୍ଟଡିଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏପ୍ରିଲ ବାର ଓ ତେର ତାରିଖର ଦ୍ୱିଦିବସୀୟ ସେମିନାରରେ ଦ୍ୱିତୀୟ ଅମିତାଭ ରାୟ ମେମୋରିଆଲ ଲେକଚର ପ୍ରଦାନ ଅବସରରେ ଯୋଗଦେଇ କୋଲକାତାଠାରେ ପ୍ରଫେସର ସେନ ଏହି ପୁସ୍ତକକୁ ଲୋକାର୍ପଣ କରିଥିଲେ ଓ ଭାରତ ବର୍ଷର ଏହି ଦୁଇ ଶ୍ରେଷ୍ଠ ପ୍ରତିଭାଙ୍କ ତୁଳନାତ୍ମକ ଅନୁଶୀଳନ ବିଶ୍ୱ-ସାହିତ୍ୟକୁ ଏକ ମହନୀୟ ଅବଦାନ ବୋଲି ଉଲ୍ଲେଖ କରିଥିଲେ। ରବୀନ୍ଦ୍ରଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସୋମା ବାନାର୍ଜୀ ଓ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଡକ୍ଟର ତପୁ ବିଶ୍ୱାସ ପୁସ୍ତକ ଲୋକାର୍ପଣରେ ଅଂଶଗ୍ରହଣ କରି ଲେଖକ ପ୍ରଫେସର ମେହେର ଓ ଅନୁବାଦିକା ଶ୍ରୀମତୀ ପଟେଲଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଉଲ୍ଲେଖନୀୟ ଯେ, ବହିଟି ଅନ୍ତର୍ଜାତୀୟ ପ୍ରକାଶନ ସଂସ୍ଥା ବ୍ଲାକ ଈଗଲ ଦ୍ୱାରା ପ୍ରକାଶିତ ହୋଇ ସମଗ୍ର ପୃଥିବୀର ବହି ବଜାରରେ ସହଜରେ ଉପଲବ୍ଧ। ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାକ୍ତନ ବିଭାଗ-ମୁଖ୍ୟ ପ୍ରଫେସର ମନୋରଞ୍ଜନ ପ୍ରଧାନଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ପୁସ୍ତକର ଲେଖକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ପ୍ରଫେସର ପ୍ରଧାନ ଓ ଡକ୍ଟର ତପୁ ବିଶ୍ୱାସଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

## ୟୁଥ୍ ଆଣ୍ଡ ଇକୋ କ୍ଲବର ପୁରସ୍କାର ବିତରଣୀ ଉତ୍ସବ

ସମ୍ବଲପୁର,୧୫/୪(ନି. ପ୍ର): ସମ୍ବଲପୁର ସହର ଧନୁପାଲି ସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଦିନ 'ୟୁଥ୍ ଆଣ୍ଡ ଇକୋ କ୍ଲବ'ର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷକ ତଥା ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ଉଦିତ ଚନ୍ଦ୍ର ପାଟଯୋଶୀ ଯୋଗ ଦେଇ ପର୍ଯ୍ୟାବରଣ, ପ୍ରଦୂଷଣର କାରଣ ଓ ସୁରକ୍ଷା ପ୍ରଣାଳୀ ତଥା ପରିବେଶ ସୁରକ୍ଷାରେ ଯୁବକ ଓ ଛାତ୍ରଛାତ୍ରୀଙ୍କ ସହଭାଗିତା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ବେହେରା ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ସୁରେଶ କୁମାର ଗୌନ୍ତିଆ ଓ ଶିକ୍ଷୟିତ୍ରୀ ସୋନାଲି ବାଗ ସଭାକାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଓଡ଼ିଆ ନବବର୍ଷ ଏବଂ ଭାରତରତ୍ନ ବାବାସାହେବ ଡ଼ ଭୀମରାଓ ଆମ୍ବେଦକର ଜୟନ୍ତୀ ପାଳିତ



ବାଲେଶ୍ୱର,୧୫/୪(ନି. ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସ ପାଳନ ଠାରୁ ଆରମ୍ଭ କରି ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ମହା ଆଡମ୍ବରରେ 'ଓଡ଼ିଆପକ୍ଷ' ପାଳନ କରାଯାଇଛି । ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧ, ଚାଲି ଚଳଣି, ଗାଥା ଗୌରବ ଓ ପରମ୍ପରା, ଓଡ଼ିଆ ପରିଚୟ ଏବଂ ଓଡ଼ିଆ ଅସ୍ମିତାକୁ ବିଶ୍ୱ ବିଦିତ କରିବା ଲକ୍ଷ୍ୟରେ ଏହି ଭବ୍ୟ ଏବଂ ଦିବ୍ୟ ସମାରୋହକୁ ପାଳନ କରିବା ପାଇଁ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ବ୍ଲକସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଲୋକ ପ୍ରତିନିଧି, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷାବିତ, ଲେଖକ, ଗାଳ୍ପିକ, କଳାକାର ଓ ସାଧାରଣ ଲୋକଙ୍କୁ ସାମିଲ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ଏହି କ୍ରମରେ ଆଜି ଓଡ଼ିଆ ପକ୍ଷ ପାଳନର ଅନ୍ତିମ ଦିବସ ତଥା ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ଭାରତୀୟ ସମ୍ବିଧାନର ଜନକ ଭାରତରତ୍ନ ବାବାସାହେବ ଡ଼ ଭୀମରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ଅଡିଟୋରିୟମ ହଲଠାରେ ମହା ଆଡମ୍ବର ସହକାରେ ପାଳିତ ହୋଇଛି । ପୂର୍ବାହ୍ନ ଘ ୮.୩୦ ଟିକା ସମୟରେ ପୋଲିସ ଲାଇନସ୍ଥିତ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ କୁମାର ଦତ୍ତ ଓ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ମାଲ୍ୟାର୍ପଣ କରା ଯାଇଥିଲା । ଏହାପରେ ଘ ୧୧ ଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ଅଡିଟୋରିୟମ ହଲଠାରେ 'ଓଡ଼ିଆପକ୍ଷ' ପାଳନର ଉଦଯାପନୀ ସମାରୋହ ତଥା ଓଡ଼ିଆ ନବବର୍ଷ ଏବଂ ଭାରତରତ୍ନ ବାବାସାହେବ ଡ଼ ଭୀମରାଓ ଆମ୍ବେଦକର ଜୟନ୍ତୀ ପାଳନ ନିମନ୍ତେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ହୁଳହୁଳି, ଝୋଟି ,ଚିତା, ମୁରୁଜ, ସରବତ, ପିଠା ପଣା କରି ଅତି ଧୁମ ଧାମ ଏବଂ ଆନନ୍ଦର ସହିତ ଏହି ଉତ୍ସବ ପାଳନ କରାଯାଇଥିଲା ।

ମାନ୍ୟବର ସାଂସଦ ବାଲେଶ୍ୱର ଶ୍ରୀଯୁକ୍ତ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ସଦର ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ମାନ୍ୟବର ପୌରଧକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ହେମନ୍ତ ସିଂ, ଉପଜିଲ୍ଲାପାଳ ବାଲେଶ୍ୱର ଡ଼ ମଧୁସ୍ମିତା ସାମନ୍ତରାୟ ଓ ଉପଜିଲ୍ଲାପାଳ ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ ଯୋଗ ଦେଇ ଥିଲେ।

ମୁଖ୍ୟ ଅତିଥି ଶ୍ରୀ ଷଡ଼ଙ୍ଗୀ ବାବା ସାହେବ ଡ଼ ଆମ୍ବେଦକରଙ୍କ ଆଦର୍ଶ, ତ୍ୟାଗ, ସମାଜ ଗଠନ, ସମାଜର ଦଳିତ ଅବହେଳିତ ଲୋକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନିରନ୍ତର ସଂଗ୍ରାମ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ବିଧାୟକ ଶ୍ରୀ ଦତ୍ତ ସମାଜରୁ ଭେଦଭାବ, ଛୁଆଁ ଅଛୁଆଁ ମନୋଭାବ ଦୂର କରିବା ପାଇଁ ଡକ୍ଟର ଆମ୍ବେଦକରଙ୍କ ଅବଦାନ ସର୍ବଦା ମହାନ୍ ହୋଇ ରହିବ ବୋଲି କହିଥିଲେ ।

ସମ୍ମାନିତ ଅତିଥି ଶ୍ରୀମତୀ ସାହୁ ଆଧୁନିକ ଭାରତରେ ଡ଼ଃ ଆମ୍ବେଦକରଙ୍କ ଜୀବନାଦର୍ଶର ପ୍ରାସଙ୍ଗିକତା ଉପରେ ଆଲୋଚନା କରି ତାଙ୍କ ଆଦର୍ଶ, ତ୍ୟାଗ, ଶ୍ରେଣୀବିହୀନ ସମାଜ ଗଠନ, ସମାଜର ଦଳିତ ଅବହେଳିତ ଲୋକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନିରନ୍ତର ସଂଗ୍ରାମ ବିଷୟରେ ବାର୍ତ୍ତା ଦେଇଥିବା ବେଳେ ଜିଲ୍ଲାପାଳ ଶ୍ରୀ ବିକାଶ ଡ଼ଃ ଆମ୍ବେଦକରଙ୍କ ମହାନ ବ୍ୟକ୍ତିତ୍ୱ, ଦକ୍ଷତା, ଜ୍ଞାନ ଗାରିମା ଏବଂ ସମାଜ ସଂସ୍କାର ସବୁବେଳେ ଉତରପୀଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ କରିଥିଲେ ।

ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ଶିକ୍ଷାବିତ୍, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆମ୍ବେଦକର ଜୟନ୍ତୀ ଓ ଓଡିଶା ପକ୍ଷ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପରୁସ୍କୃତ କରାଯାଇଥିଲା ।

## ବିଦ୍ୟାଳୟରେ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ପଦ ଖାଲି: ଗୁଣାତ୍ମକ ଶିକ୍ଷା ପାଇଁ ଅଭିଭାବକ ମହଲରେ ପ୍ରଶ୍ନ

ବେତନଟୀ ୧୪/୪: (ନି.ପ୍ର) ସରୁଛି ପିଲା ମାନଙ୍କ ପରୀକ୍ଷା ଆରମ୍ଭ ହେବ ନୂତନ ଶିକ୍ଷା ବର୍ଷ ସରକାରି ସ୍କୁଲ୍ ର ବିଲ୍ଡିଙ୍ଗ,ପାଚେରୀ,ଗେଟ ଚକାଚକ ହୋଇଛି। ଅନ୍ୟ ପକ୍ଷରେ ଅଭିଭାବକ ମାନେ ଘରୋଇ ସ୍କୁଲ ପ୍ରତି ଅଧିକ ନିର୍ଭରଶୀଳ ହୋଉଛନ୍ତି। ଘରୋଇ ସ୍କୁଲ ଗୁଡିକ ଭିତ୍ତିଭୂମି ଠିକ ନଥିଲେ ମଧ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଅଧୀକ ଯତ୍ନବାନ ଅଛନ୍ତି ବୋଲି ଅଭିଭାବକ ମାନେ ଭାବୁଛନ୍ତି। ଏହି ବିଷୟ କୁ ତର୍ଜମା କରିବାକୁ ଯାଇ ବେତନଟୀ ବ୍ଲକ ର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର କେତେକ ତଥ୍ୟ ନେବାରୁ ଜଣାଯାଏ ସରକାରୀ ବିଦ୍ୟାଳୟ ରେ ଗୁଣାତ୍ମକ ଶିକ୍ଷା ଦ୍ୱୋରେ ପ୍ରତିବନ୍ଧକ ରହିଛି। ପିଲା ମାନଙ୍କ ସଂଖ୍ୟା ଓ ଶ୍ରେଣୀ ସଂଖ୍ୟା କୁ ଦେଖିଲେ ବହୁ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ପଦ ଖାଲି ରହିଛି। ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ଙ୍କ ଅଧୀନରେ ୧୦୯ ଟି ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୫୬ ଟି ରହିଛି। ଏହି ବିଦ୍ୟାଳୟରେ ୧୩୮୩୭ ଜଣ ଛାତ୍ରଛାତ୍ରୀ ଅଧୟନ କରୁଛନ୍ତି। ଏହି ପିଲାମାନଙ୍କୁ ପାଠ ପଢାଇବା ପାଇଁ ୫୭୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନୀୟଜିତ ଅଛନ୍ତି। ଏହି ବିଦ୍ୟାଳୟ ମାନଙ୍କରେ ପିଲା ମାନଙ୍କୁ ପାଠ ପଢାଇବା ପାଇଁ ବହୁତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ପଦ ଖାଲି ରହିଛି। ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ୨୦୨୫ ମାର୍ଚ୍ଚ ମାସ ମଧ୍ୟରେ ୮୩ ଟି ପଦ ଖାଲିଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରାଧାନ ଶିକ୍ଷକ ୪୭ ଟି ପଦ ଖାଲିଥିବା ଜଣାପଡିଛି। ପ୍ରଧାନ ଶିକ୍ଷକ ବ୍ୟତିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ର ୫୧ ରୁ ଉର୍ଦ୍ଧ ପଦ ଖାଲିରହିଥିବା ଜଣାପଡିଛି। ସରକାର ୩୦ ଜଣ ପିଲା ପ୍ରତି ୧ ଜଣେ ଶିକ୍ଷକ ନିଯୁକ୍ତି କରିବାର ନିୟମ ରଖିଥିଲେ ମଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ ଟି ଶ୍ରେଣୀ ଓ ବାଲବାଟିକା ଶ୍ରେଣୀ ରହିଛି। ପିଲା ହାର ଅନୁଯାଇ ଶିକ୍ଷକ ନିଯୁକ୍ତି କଲେ ମଧ ୯ ଟି ଶ୍ରେଣୀ ପାଇଁ ଠିକ ଭାବରେ ଶିକ୍ଷାଦାନ ହୋଇପାରିବ ନାହିଁ। ଏଭଳି କ୍ଷେତ୍ରରେ ବେତନଟୀ ବ୍ଲକ ରେ କେବଳ ସରକାର ନିୟମ ଅନୁଯାଇ ଖାଲି ପଡିଥିବା ଶିକ୍ଷକ ପଦବୀ ରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ନ ହେଲେ କିଭଳି ଗୁଣାତ୍ମକ ଶିକ୍ଷା ହୋଇପାରିବ ବୋଲି ଅଭିଭାବକ ମହଲରେ ପ୍ରଶ୍ନ ଉଠୁଛି। ଏଭଳି ଅବସ୍ଥା ରେ ଶିକ୍ଷକ ପଦବୀ ଖାଲିରହିଥିଲେ ମଧ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଆଳ ଦେଖାଇ ନିଜ ଘର ନିକଟ ବିଦ୍ୟାଳୟ କୁ ଯିବା ପାଇଁ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟଳୟ ନିକଟରେ ଆବେଦନ କରୁଛନ୍ତି।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ତରଫରୁ ଓଡ଼ିଆ ପକ୍ଷ ପାଳନ ଓ କର୍ମକର୍ତ୍ତା ମନୋନୟନ




ବାଲେଶ୍ୱର: ୧୩/୪ - ଓଡ଼ିଆ ଅସ୍ମିତା କେବଳ ରାଜନୈତିକ ସ୍ଲୋଗାନରେ ସୀମତି ନ ରହି ପ୍ରତ୍ୟେକ ଓଡ଼ିଆ ପରିବାରରୁ ନିଜ ମାତୃଭୂମି ଓ ମାତୃଭାଷା ପ୍ରୀତି ଜାଗ୍ରତ କରିପାରିଲେ ଓଡ଼ିଆ ଭାଷା ଭଳି ଏକ ଶାସ୍ତ୍ରୀୟ ଭାଷା ଅଚିରେ ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଆନୁକୂଲ୍ୟରେ ଆୟୋଜିତ 'ଓଡ଼ିଆ ଭାଷା ସାହିତ୍ୟ ଓ ଆମ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତମାନେ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଗବେଷକ ଡ. ମଥୁରାନାଥ ହୋତା ଓ ମୁଖ୍ୟବକ୍ତା ଭାବେ ଯଶସ୍ୱୀ କବି ସମରେନ୍ଦ୍ରନାଥ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଅରୁଣା ରାୟ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସଂପାଦକ ନିବାରଣ ଜେନା ଆଲୋଚନାଚକ୍ର ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଆଗାମୀ ତିନିବର୍ଷ ପାଇଁ ଅନୁଷ୍ଠାନର କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସଭାପତି, ନିରଂଜନ ରାଉତ ଓ ନିବାରଣ ଜେନା ଉପସଭାପତି, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସାଧାରଣ ସଂପାଦକ, ତପନ ରାୟ ସଂଗଠନ ସଂପାଦକ, ଜୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ଯୁଗ୍ମ ସଂପାଦକ ଏବଂ ଦୀପକ ବୋଷ କୋଷାଧକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଶେଷରେ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତି ଓ ମହା ବିଷୁବ ସଂକ୍ରାନ୍ତି ତଥା ସମ୍ବିଧାନ ଆମ୍ବେଦକରଙ୍କ ୧୩୬ ତମ ଜୟନ୍ତୀ ଉତ୍ସବ ପାଳିତ




ଜଳେଶ୍ୱର,୧୫/୪(ନି. ପ୍ର): ସମ୍ବାଦ ସାହିତ୍ୟ ଘର, ଜଳେଶ୍ୱର ଶାଖା ଓ ଦୀନକୃଷ୍ଣ ସ୍ମୃତି ପରିଷଦ, ଜଳେଶ୍ୱର ତଥା ଦିଗମ୍ବରୀଦେ୍ୱୀ ହାୟର ସେକେଣ୍ଡାରୀ ବିଜ୍ଞାନ ଉଚ୍ଚ ବିଦ୍ୟାଳୟ,ସାଇ ସାରଳା ଫାର୍ମାସୀ କଲେଜ୍, ସାଇ କ୍ରୀଷ୍ଣା ନର୍ସିଂ କଲେଜ, ଦିଗମ୍ବରୀଦେବୀ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନସ୍, ଦିଗମ୍ବରୀଦେବୀ ପବ୍ଲିକ ସ୍କୁଲ ଏବଂ ଦିଗମ୍ବରୀଦେବୀ ଆଇ ଟି ଆଇ ପରିସର ରେ 'ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତି ଓ ମହାବିଷୁବ ସଂକ୍ରାନ୍ତି ଓ ଡଃ ବି ଆର ଆମ୍ବେଦକର ୧୩୬ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସମ୍ବାଦ ସାହିତ୍ୟ ଘର , ଜଳେଶ୍ୱର ର ସମ୍ପାଦକ ତଥ ଅନୁଷ୍ଠାନ ର ପ୍ରାଣ ପ୍ରତିଷ୍ଠାତା ଡଃ ଅଜିତ କୁମାର ମହାନ୍ତି ଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ତଥା ପ୍ରାଧପକ ବିପିନ ବିହାରୀ ବିଶ୍ୱାଳ ବକ୍ତବ୍ୟରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପାଇବା ତଥା ପ୍ରଭୁ ଜଗନ୍ନାଥ ଙ୍କ କରୁଣା ରୁ ଆମେ ଓଡ଼ିଆ ଶ୍ରେଷ୍ଠତ୍ୱ ପ୍ରତି ପାଦିତ ହେବା ବୋଲି କହିଥିଲ। ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ଏ ବି ଓ ଶ୍ରୀ ଯୁକ୍ତ ବନମାଳୀ ଧଳ, ଅନ୍ୟତମ ଅତିଥି ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ଏ ବି ଓ ଶ୍ରୀ ଯୁକ୍ତ କପିଳେଶ୍ୱର ମହାନ୍ତି,ଆ ଟି ଆଇ ର ଅଧକ୍ଷ ପ୍ରକାଶ କୁମାର ଦିନ୍ଦା, ପଦାର୍ଥ ବିଜ୍ଞାନର ଅଧାପକ ସ୍ୱରାଜ କୁମାର ଜେନା, ଶିକ୍ଷକ ମାନସ କୁମାର ମାଇତି, ଓଡ଼ିଆ ନବବର୍ଷ ର ପଣା ସଂକ୍ରାନ୍ତି ପ୍ରଭୁ ହନୁମାନ ଙ୍କ ଜୟନ୍ତୀ ଦିବସ ରେ ଆଲୋଚନା କରିଥିଲେ,ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ ଓଡ଼ିଆ ନବବର୍ଷ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।ଆମ ଓଡ଼ିଶା,ମୋ ଓଡ଼ିଶା ଗୀତ ବୋଲିବା ସହିତ ପଣା ସଂକ୍ରାନ୍ତି ରେ ପଣା ପିଇ ଥିଲେ।ଏ ମଧ ଓଡ଼ିଆ ଅସ୍ମିତା ର ପ୍ରତିକ କହିଲେ ଅତ୍ୟୁକ୍ତି ହେବ ନାହିଁ।ଏ ହେଉଛି ଆମ ଓଡ଼ିଆ ଘରର ଚଳନି ଚିରସ୍ମରଣୀୟ ବୋଲି କହିଥିଲେ। ଶିକ୍ଷା କର୍ମକର୍ତ୍ତା ତଥା ଅଧାପକ ଅକ୍ଷୟ କୁମାର ଜେନା, ଅଭିଜିତ କରଣ,ଅନୀତା ଭୂୟାଁ ଶାନ୍ତନୁ ଦାସ ଅଧିକାର, ଶିକ୍ଷା କର୍ମଚାରୀ କବିତା ବେହେରା , ପ୍ରଭୃତି ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠାନ ର ୭୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶଅସ୍ମିତା ଜେନା, ପ୍ରିୟଙ୍କା ଦାସ, ରଶ୍ମି ରେଖା ଦତ୍ତ,ଦେବଲକ୍ଷ୍ମୀ ଜେନା , ମଧୁସ୍ମିତା ମାରାଣ୍ଡି,ମିନୁ ସୋରେନ, ବର୍ଷା ସିଂ, ମିଲିସ୍ମିତା ଦତ୍ତ, କାବେରୀ ପାଇକରାୟ, ଶୁଭସ୍ମିତା ଦେ, ଲିପ୍ସା ପରିଡା, ସୌଭିତ ସାହୁ, ସମର କୋର୍ସ ର ଛାତ୍ରଛାତ୍ରୀ ସାଇନା ଜାନା, ଜ୍ୟୋସ୍ନା ରାଣୀ ବେହେରା,ଭାରତୀ ରାୟ, ସୁଜାତା ପାଲି, ଦେବସ୍ମିତା ଗିରି, ଅମ୍ରିତା ରାମ , ବିଷ୍ଣୁ ପ୍ରିୟା ନନ୍ଦୀ, ମଧୁସ୍ମିତା ଜେନା , ମଧୁସ୍ମିତା ସାହୁ, ଭବଶଙ୍କର ନନ୍ଦୀ ପ୍ରଭୃତି ଅଂଶ ଗ୍ରହଣ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ମିଲି ସ୍ମିତା ଦତ୍ତ।

## ଧାମନଗର କଂଗ୍ରେସ କମିଟି ପକ୍ଷରୁ ମଶାଲ ଶୋଭାଯାତ୍ରା

ଭଦ୍ରକ,୧୫/୪(ନି. ପ୍ର): ରାଜ୍ୟ କଂଗ୍ରେସ କମିଟି ନିଷ୍ପତି କ୍ରମେ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ଅରାଜକତା, ନାରୀ ନିର୍ଯାତନା , ଦରଦାମ ବୃଦ୍ଧି ଓ ସରକାରଙ୍କ ଦମନଲୀଳା ଅଭିଯୋଗ ରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ମଶାଲ ଶୋଭାଯାତ୍ରା ନିର୍ଦ୍ଦେଶ ରେ ମଙ୍ଗଳବାର ସଂଧ୍ୟା ରେ ଧାମନଗର ନିର୍ବାଚନ ମଣ୍ଡଳୀ ସ୍ତରୀୟ ମଶାଲ ଶୋଭଯାତ୍ରା କରାଯାଇ ଥିଲା ।ଧାମନଗର ମେଡ଼ିକାଲ ବଜାର ଠାରୁ ମଶାଲ ଶୋଭାଯାତ୍ରା ରେ କଂଗ୍ରେସ କର୍ମୀ ମାନେ ବଜାର ପରିକ୍ରମା କରି ସାଗର ଭୂୟାଁ ପାର୍କ ପର୍ଯ୍ୟନ୍ତ ଯାଇଥିଲେ। ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତା ରଞ୍ଜନ ବେହେରା, ବିଦ୍ୟାଧର ଜେନା, କଂଗ୍ରେସ ନେତା ନରେନ୍ଦ୍ର ମଲିକ, ଅଭିଷେକ ରାଉତ,ପ୍ରଦୀପ ଦାସ, ପ୍ରସନ୍ନ ଧଳ, ସଂଜୟ ମିଶ୍ର, ପ୍ରମୋଦ ସ୍ୱାଇଁ,ଆଲୋକ ସ୍ୱାଇଁ ,ମାନସ ମହାପାତ୍ର, ହରିହର ସାହୁ ,ପ୍ରମିଳା ସେଠୀ ଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ ,ଏହି କାର୍ଯ୍ୟକ୍ରମ ସଫଳ ହୋଇ ଥିବାରୁ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରମେଶ ବେହେରା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ମଦର'ର ମୁଖ୍ୟ କାର୍ଯ୍ୟାଳୟରେ ମହାବିଷୁବ ସଂକ୍ରାନ୍ତି ଓ ଡ଼ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୪ତମ ଜନ୍ମ ଜୟନ୍ତୀ ପାଳିତ



ଭୁବନେଶ୍ୱର,୧୫/୪(ନି. ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ମଦର'ର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ମହାବିଷୁବ ସଂକ୍ରାନ୍ତି ଏବଂ ମହାନ ବୋଧିସତ୍ୱ ଡ଼ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୪ତମ ଜନ୍ମ ଜୟନ୍ତୀ ବହ୍ୱାଡ଼ମ୍ବର ସହିତ ପାଳନ କରାଯାଇଥିଲା, ଏହି କାର୍ଯ୍ୟକ୍ରମରେ ମଦରର ସଂପାଦିକା ସସ୍ମିତା ଦାସ ଓ ସମସ୍ତ କର୍ମକର୍ତା ଏକତ୍ରିତ ହୋଇ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ, ଏଥିରେ ମଦରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ପ୍ରମୋଦ କୁମାର ଦାସ, ପବ୍ଲିକ ରିଲେସନ ଅଧିକାରୀ ଶ୍ରୀଯୁକ୍ତ ମଙ୍ଗୁଳି ଚରଣ ପ୍ରଧାନ ,ଜୋନାଲ କୋଅର୍ଡିନେଟର ପ୍ରଶାନ୍ତ କୁମାର ରାଉତରାୟ, ମଞ୍ଜୁ ମଲ୍ଲିକ, ଦୀପ୍ତିଶ୍ରୀ ନାୟକ, ନବକାନ୍ତି ମାଝୀ, ଲଗ୍ନଜିତା ପରିଡା, ଏବଂ ପୂରବୀ ଶତପଥୀ , ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇ ଥିଲେ, ଶ୍ରୀଯୁକ୍ତ ପ୍ରମୋଦ କୁମାର ଦାସ ନୂତନ ଭାରତର ନିର୍ମାତା ବାବାସାହେବଙ୍କ ବିଷୟରେ ସମସ୍ତଙ୍କୁ ଅବଗତ କରାଇ କହିଥିଲେ ଯେ ଦେଶର ଜନତା ଉଚ୍ଚଶିକ୍ଷିତ ହେଲେ ଦେଶର ସାର୍ବିକ ଉନ୍ନତି ସମ୍ଭବ ହେବା ସହ ଦେଶର ସାର୍ବଭୌମତ୍ୱ ବଜାୟ ରହିପାରିବ।

# ନୁଦଡ଼ିହା ତାରିଣୀ ପୀଠରେ ଚୈତିପର୍ବ ଉଦ୍‌ଯାପିତ

ଉଦଳା, ୧୫/୪ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମରେ ପ୍ରତିଷ୍ଠିତ ତାରିଣୀ ପୀଠରେ ଚୈତି ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପର୍ବ ନିମନ୍ତେ ଅପ୍ରେଲ ମାସ ଆଠ ତାରିଖରେ ଅଧିବାସ କର୍ମ ସଂପାଦିତ ହେବା ପରେ ନଅ ତାରିଖରେ ଶହ ଶହ ଶ୍ରଦ୍ଧାଳୁ ବିରାଟ ପଟୁଆରରେ ମା'ଙ୍କ ନିମନ୍ତେ ପବିତ୍ର ଘଟ ଉତୋଳନ ଯାତ୍ରାରେ ସହଯୋଗ କରିଥିଲେ । ତା.୧୦/୦୪/ ୨୦୨୫ ରିଖଠାରୁ ତା.୧୩/୦୪/ ୨୦୨୫ରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଯଜ୍ଞକର୍ମ, ଚଣ୍ଡୀପାଠ ଓ ସନ୍ଧ୍ୟା ଆଳତି ମନ୍ଦିର ପରିବେଶକୁ ଆଧାତ୍ମିକତାରେ ଭରି ଦେଇଥିଲା । ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଓ କୁନି କୁନି ପିଲାମାନଙ୍କ ପାଦର ଘୁଙ୍ଗୁରର ରୁଣୁଝୁଣୁ ନାଦରେ ପ୍ରକାଶିତ ଏକକ ରେକର୍ଡ୍ ଡ୍ରାମ୍ବ ଦର୍ଶକମାନଙ୍କ ମନମୋହିତ କରିଥିଲା । ସବୁଠାରୁ



ଚିତାକର୍ଷକ ଥିଲା ଅପ୍ରେଲ ଚଉଦ ତାରିଖ ମହାବିଷୁବ ସଂକ୍ରାନ୍ତିରେ ଅନୁଷ୍ଠିତ ତାରିଣୀ ମା'ଙ୍କ ବିଭିନ୍ନ କାର୍ଯ୍ୟକ୍ରମ । ସକାଳ ଭୋର ୪ଟାରେ ଆୟୋଜିତ ମା'ଙ୍କର ମହାସ୍ନାନ, ସକାଳ ପାଚଂଟାରେ ସୁନାବେଶ, ଛଅ ଘଟିକା ସମୟରେ ବଡ଼ପୂଜା, ପରେ ପରେ ଯଜ୍ଞକର୍ମ, ଚଣ୍ଡୀପାଠ, ଦାନଧର୍ମ, ଅପରାହ୍ନ ୫ ଘଟିକା ସମୟରେ ସତ୍ୟନାରାୟଣ ପୂଜା, ଛଅ ଘଟିକା ସମୟରେ ସମୂହ ଦୀପଯଜ୍ଞ ମନ୍ଦିର ପରିବେଶରେ ଭକ୍ତିଭାବର ମାହୋଲ ସୃଷ୍ଟି କରିଥିଲା । ସେଦିନର ସମୂହ ପ୍ରସାଦ ସେବନ ବ୍ୟବସ୍ଥା ଭକ୍ତମାନଙ୍କୁ ଆମୋଦିତ କରିଥିଲା । ତାରିଣୀ ମା'ଙ୍କ ଚୈତିପର୍ବ ଓ ପଣା ସଂକ୍ରାନ୍ତି ନିମନ୍ତେ ଦିନ ତମାମ ଭକ୍ତଙ୍କ ଗହିଳି ଲାଗି ରହିଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱଙ୍କ ସହିତ ବିଧାୟକ ଭାସ୍କର ମଢ଼େଇ ଓ ପୁରାତନ ବିଧାୟକ ଶ୍ରୀନାଥ ସୋରେନ ମା'ଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଉତ୍ସବସ୍ଥଳ ମଣ୍ଡନ କରିଥିଲେ । ତା.୧୫/୦୪/ ୨୦୨୫ରିଖ ମା'ଙ୍କ ପୂର୍ଣ୍ଣାହୁତି ପରେ ଚୈତି ପର୍ବ ଉଦ୍‌ଯାପିତ ହୋଇଥିଲା । ଅପ୍ରେଲ ମାସ ଆଠ ତାରିଖରୁ ଆରମ୍ଭ ହୋଇ ପନ୍ଦର ତାରିଖରେ ଶେଷ ହୋଇଥିବା ମା'ଙ୍କର ଚୈତି ପର୍ବକୁ ସରସ ସୁନ୍ଦର କରିବା ପାଇଁ ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ସଭାପତି ବିଜୟାନନ୍ଦ ନାୟକ, ସଂପାଦକ ଗଣେଶ୍ୱର ମହାନ୍ତି, ସର୍ବେଶ୍ୱର ରାଉତ, ଭୋଳାନାଥ ସାହୁ, ନକୁଳ ଜେନା, ଶଶଧର ସ୍ୱାଇଁ, ପିଂଟୁ ମହାନ୍ତି, ସଂଜୀବ ବାବୁ, ଦିଲ୍ଲୀପ ବେହେରା, ଭକ୍ତହରି ଜେନା, ଗଜେନ୍ଦ୍ର ମୁଦୁଲି, ରବି ସାହୁ, ତାରିଣୀ କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ଗ୍ରାମବାସୀଙ୍କ ଆକୁଣ୍ଠ ସହଯୋଗ ପ୍ରଶଂସନୀୟ । ତାରିଣୀ ମା'ଙ୍କର ଶୁଭ ଦୃଷ୍ଟି ସମସ୍ତ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ଉପରେ ରହିଥାଉ ଓ ମା'ଙ୍କର ଆଶୀର୍ବାଦରେ ଜୀବନର ପଥ ମଙ୍ଗଳମୟ ହେଉ – ତାରିଣୀ ମନ୍ଦିର କମିଟି, ନୁଦଡ଼ିହା ମା'ଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛି ।

## ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ

ଭଦ୍ରକ, ୧୫/୪ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଭାରତ ରତ୍ନ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଛି ।ଆଜି ସମ୍ବିଧାନ ବଳରେ ଆମେ ଯେଉଁ ଶିକ୍ଷା ସ୍ୱାସ୍ଥ୍ୟ ଓ କହିବାର ଅଧିକାର ପାଇଛନ୍ତି ସେ ହେଉଛି କେବଳ ବାବା ସାହେବ ଆମ୍ବେଦକରଙ୍କ ଯୋଗୁଁ ।ଦଳିତ ଓ ନିଷ୍ପେସିତ ମାନେ ଆଜି ଯେଉଁ ସମକ୍ଷନତାର ଅଧିକାର ପାଇଛନ୍ତି ତାହା କେବଳ ବାବା ସାହେବଙ୍କ ପାଇଁ। ଆଜି ତାଙ୍କ ଜନ୍ମ ଜୟନ୍ତୀ ଉଦ୍ଦେଶ୍ୟରେ ଏକ ବାଇକ୍ ରାଲି ଭଦ୍ରକର ବନ୍ତ ଛକରୁ ବାହାରି ଚରମ୍ପା ଓ ପୁରୁଣା ବଜାର ହୋଇ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପହଂଚିଥିବାର ଦେଖିବାକୁ ମିଳିଥିଲା। ପରେ ବିଶ୍ୱନାଥ ଜେନାଙ୍କ ବାସଭବନରେ ଏକ ସଭା ଆୟୋଜନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଡ଼. ବି ଆର. ଆମ୍ବେଦକର ଜୟନ୍ତୀ ପାଳିତ

ଖୋର୍ଦ୍ଧା, ୧୫/୪ (ନି.ପ୍ର): ଛାତ୍ର ଛାତ୍ରୀ ମାନେ ସିଦ୍ଧାନ୍ତ, କର୍ମଯୋଗୀ, ମାନବଧର୍ମ ଆପଣେଇ ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଭଲମଣିଷ ହୁଅନ୍ତୁ:ଅତିରିକ୍ତ ଜିଲ୍ଲା ପାଳ ଶ୍ରୀ ବେଉରାକ୍ଷ ଖୋର୍ଦ୍ଧକ୍ଷ ତା ୧୪.୦୪.୨୦୨୫ ରିଖ- ଆଜି ଜିଲ୍ଲା ସଦର ମହକୁମା ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ ) ଏବଂ ମୁଖ୍ୟ ଅତିଥି ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ପୌରାହିତ୍ୟରେ ୧୩୫ତମ ଡ଼. ବାବାସାହେବ ଭୀମ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଅଛି । ଡ଼. ବି ଆର ଆମ୍ବେଦକର ଛାତ୍ର ଜୀବନରୁ କର୍ମଠ, ଉଦୀୟମାନ, ପରୋପକାରୀ ଏବଂ ଭଗବାନ ଙ୍କ ସୃଷ୍ଟିରେ ସବୁ ମଣିଷ ସମାନବୋଲି ଭାବୁଥିଲେ । ସେ ଦିନକୁ ୧୮ଘଣ୍ଟା ସମୟ ପାଠପଢାରେ ବିନିଯୋଗ କରୁଥିଲେ ଯାହା ଫଳସ୍ୱରୂପ ସେ ଭାରତର ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନ ଗଢି ଭାରତ ରତ୍ନ ଉପାଧିରେ ଭୂଷିତ ହୋଇ ଅମର ହୋଇଯାଇଛନ୍ତି । ଛାତ୍ର ଛାତ୍ରୀ ମାନେ ଆମ୍ବେଦକ କରଙ୍କ ଜୀବନାଦର୍ଶନକୁ ଆପଣେଇ କଠିନ ପରିଶ୍ରମ କରି ନିଜର ସିଦ୍ଧକ୍ଷନ୍ତ ଠିକ ରଖି ପାରିଲେ ନିଃ ସନ୍ଦେହ ସେମାନେ ଆମ୍ବେଦକରଙ୍କ ଭଳି ଭଲ ମଣିଷ ହୋଇ ନିଜ ପିତା ମାତା ଓ ରାଷ୍ଟ୍ରର ଗୌରବ ଟେକ ରଖିବାକୁ ଆହ୍ୱାନ ଦେଇଥିଲେ କ୍ଷ ସାମ୍ମକ୍ଷନିତ ଅତିଥିଭାବେ ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ଆମ୍ବେଦକର ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ । ଭାରତ ଭଳି ବୃହତ ଗଣତାନ୍ତ୍ରିକ ରଷ୍ଟ୍ରରେ ତାଙ୍କର ଅନବଦ୍ୟ ସୃଷ୍ଟି ସମ୍ବିଧାନ ରଚନା ତାଙ୍କୁ ଚିର ସ୍ମରଣୀୟ କରି ରଖିବବୋଲି କହି ପ୍ରତ୍ୟକ ବ୍ୟକ୍ତି ଅଧିକାର ପୂର୍ବରୁ କର୍ତବ୍ୟ ପ୍ରତି ସଚେତନ ହେଲେ ଆମର ଜାତୀୟ ଏକତା, ଅଖଣ୍ଡତା,ସହଂତି, ସଂପ୍ରିତି, ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମାନତା ରଖିବାକୁ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼. ଗୀତାଂଶୁ ଦାଶ ଯୋଗଦେଇ କହିଲେ ଅସ୍ପୃଶ୍ୟତା ଦୂର କରିବାରେ ଆମ୍ବେଦକର ଯେଭଳି ନିଜ ଜୀବନକୁ ଉତ୍ସର୍ଗ କରି ଯାଇଛନ୍ତି, ସେଥିପାଇଁ ରାଷ୍ଟ୍ର ସବୁଦିନ ପାଇଁ ତାଙ୍କୁ ମନେ ରଖିବ । ଏଣୁ ଛାତ୍ରଛାତ୍ରୀମାନେ ନିଜ ମନରେ ଥିବା ସଂକୀର୍ଣ୍ଣତା ମନୋଭାବ ତ୍ୟାଗ କରି ଆମ୍ବେଦକରଙ୍କ ତ୍ୟାଗ ଆଦର୍ଶରେ ଅନୁପ୍ରାଣୀତ ହେଲେ ବିକଶିତ ରାଷ୍ଟ୍ରର ସ୍ୱପ୍ନ ସାକାର ହେବବୋଲି ଉଦବୋଧନ ଦେଇଥିଲେ । ସେହିପରି ଡେପୁଟି କଲେକ୍ଟର, ନ୍ୟାୟିକ ସୃଷ୍ଟି ଅନନ୍ୟା ଶତପଥୀ, ଡେପୁଟି କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର, ଡେପୁଟି କଲେକ୍ଟର ଶ୍ରୀମତୀ ଟୁଲିଆମା ପ୍ରଧାନ,ଡେପୁଟି କଲେକ୍ଟର, ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ,ଶ୍ରୀ ରଞ୍ଜନ କୁମାର ମହାନ୍ତି , ଡେପୁଟି କଲେକ୍ଟର, ପ୍ରତିଷ୍ଠାନ, ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଶ୍ରୀ ଦେବବ୍ରତ କର ଜିଲ୍ଲା ପଂଚାୟତ ଅଧିକାରୀ, ଶ୍ରୀ ଶ୍ୟାମଲେନ୍ଦୁ ନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀ ଉମାଶଙ୍କର ପ୍ରସାଦ , ଛାତ୍ରୀ ଆଦ୍ୟାଶା ମିଶ୍ର, ଛାତ୍ର ଶିଶିର ମହାରଣା ପ୍ରମୁଖ ଡ.ବି ଆର ଆମ୍ବେଦକରଙ୍କ କାଳଜୟୀ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମକ୍ଷନିତ ଅତିଥିବୃନ୍ଦ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ କ୍ଷ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ ସହ ସଭାକାର୍ଯ୍ୟ ସଞ୍ଚାଳନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଖୋର୍ଦ୍ଧା ଶ୍ରୀ ଲକ୍ଷ୍ମଣ କୁମାର ବେହେରା ସମ୍ପାଦିତ କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ପାଲତୋଟାପଡା, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,ବି ଯେ ବି ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଗୁରୁଜଙ୍ଗା ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।




# ଲୋକାର୍ପିତ ହେଲା ବହୁ ପ୍ରତିକ୍ଷୀତ ଜଳେଶ୍ୱର ମ୍ୟୁନିସିପାଲିଟି କାର୍ଯ୍ୟାଳୟ

ଜଳେଶ୍ୱର, ୧୫/୪ (ନି.ପ୍ର): ନବନିର୍ମିତ ମ୍ୟୁନିସିପାଲିଟି ଅଫିସ ଘର ନିର୍ମାଣ କାମ କିଛି ମାସ ତଳୁ ଶେଷ ହୋଇଥିବା ବେଳେ ଲୋକାର୍ପିତ ହେବାକୁ ନେଇ ସାଧାରଣରେ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା ।୧୯୬୪ ମସିହାରେ ପ୍ରତିଷ୍ଠା ହୋଇଥିବା ଜଳେଶ୍ୱର ମ୍ୟୁନିସିପାଲିଟି ଅଫିସ ଘର ଏକ ଭଙ୍ଗା ଦଦରା ଘରେ ଚାଲିଥିଲା ।ଏନେଇ ବିଭିନ୍ନ ଖବର କାଗଜରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଦାନ ମଞ୍ଜୁର ହୋଇଥିଲା ।ଏହି ଅଫିସ ଘରର ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗକୁ ଦିଆଯାଇଥିଲା ।୩ କୋଟି ୧ ଲକ୍ଷ ଟଙ୍କା ଟଙ୍କା ବ୍ୟୟରେ ଏହି ଘର କାମ ପାଖାପାଖି କିଛି ମାସ ତଳେ ଶେଷ ହୋଇଥିବା ବେଳେ ଗତ ନଭେମ୍ବର ମାସରେ ଅର୍ଥାତ୍ ୫ ମାସ ତଳେ ପୂର୍ତ୍ତ ବିଭାଗ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ଏହି ଘର ହସ୍ତାନ୍ତର କରିସାରି ଥିଲେ। ବିଦ୍ୟୁତ, ପାଣି,ଫର୍ଣ୍ଣିଚର ତଥା ଆନୁସାଙ୍ଗିକ ସମସ୍ତ କାମ ଗତ ଡିସେମ୍ବର ମାସରୁ ମଧ୍ୟ ଶେଷ ହୋଇ ସାରିଛି ।ତେବେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ପୁରୁଣା ତହସିଲ ଅଫିସ ଘର ଭିତରେ ସେ ବି ଏକ ସଙ୍କୀର୍ଣ୍ଣ ପରିବେଶ ରେ ଅଫିସ କାମ ଚାଲୁଥିବାରୁ ଅଫିସର କର୍ମଚାରୀ ମାନେ ଅଫିସ ଉପରେ ନିର୍ଭର କରୁଥିବା ସାଧାରଣ ଲୋକେ ସମସ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅଫିସ ଘର ଲୋକାର୍ପଣ ପାଇଁ ଗତ କିଛି ସପ୍ତାହ ତଳେ ପୌର ପରିଷଦ ପକ୍ଷରୁ ନଗର ଉନ୍ନୟନ ବିଭାଗ ଓ ବିଭାଗୀୟ ମନ୍ତ୍ରୀ ଙ୍କୁ ଅବଗତ କରାଯାଇଥିଲା ।୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅଫିସ ଘରକୁ ଅବିଳମ୍ବେ ଲୋକାର୍ପଣ କରାଯାଉ ବୋଲି ସହରବାସୀ ଦାବି କରୁଥିଲେ ।ତେବେ ଆଜି ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି ।ଅପରାହ୍ନ ୪ ଘଟିକା ସମୟରେ ଜଳେଶ୍ୱର ପୌରପାଳିକାର ନୂତନ ପ୍ରଶାସନିକ ଗୃହର ଶୁଭ ଉଦ୍ଘାଟନ ଉତ୍ସବ ନଗରପାଳ ଶ୍ରୀଯୁକ୍ତ ପ୍ରତିପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଓଡିଶା ସରକାରଙ୍କ ମନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍ଘାଟକ ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଜଳେଶ୍ୱର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଉପ ନଗରପାଳ ପୁଷ୍ପପ୍ରିୟା କାମିଲା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଉଦ୍ଘାଟନ ଉତ୍ସବରେ ସମସ୍ତ କାଉନସିଲର, ଅଫିସ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିବା ସହିତ ପରିଚାଳନା କରିଥିଲେ। ସେହିପରି ୱାର୍ଡ଼ ନମ୍ବର ୧୬ ଠାରେ ୫ କୋଟି ୭୫ ଲକ୍ଷ ଟଙ୍କାର ଗୋଶାଳା ନିର୍ମାଣର୍ଥେ ଶୁଭ ଶିଳାନ୍ୟାସ,ୱାର୍ଡ଼ ନମ୍ବର ୧୨ ଠାରେ ଲାଇବ୍ରେରୀ ଗୃହ ସହ ପାଠାଗାର ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ,ୱାର୍ଡ଼ ନମ୍ବର ୧୬ ଠାରେ ଆଲାଲପୁର ଠାରୁ ମଣିପାଟଣା ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତାର ଶୁଭ ଉଦ୍ଘାଟନ ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।



# ଭୁବନେଶ୍ୱର ୧୩ ନମ୍ବର ୱାର୍ଡରେ ବ୍ୟାପିଲା ଝାଡାବାନ୍ତି

ଭୁବନେଶ୍ୱର, ୧୫/୪ (ନି.ପ୍ର): ଭୁବନେଶ୍ୱର ୧୩ ନମ୍ବର ୱାର୍ଡରେ ଅନେକ ଲୋକ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । କିଛି ଆକ୍ରାନ୍ତ ନୀଳାଦ୍ରିବିହାର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସହ କିଛି ଆକ୍ରାନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପାଣି ସମ୍ପରୁ ଅପମିଶ୍ରଣ ପାଣି ପିଇ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ପାନିସମ୍ପ ଭିତରେ କାଦୁଆ, ସିମେଣ୍ଟ ଅଖା, କାଠ ବାହାରୁ ଥିବା ଲୋକେ ଅଭିଯୋଗ କରିଛନ୍ତି। ଯାହା ଫଳରେ ବହୁ ଦିନ ଧରି ସ୍ଥାନୀୟ ବାସିନ୍ଦା ଅପମିଶ୍ରଣ ଜଳ ପିଇ ଝାଡାବାନ୍ତି ଆକ୍ରାନ୍ତ ହୋଇଥିବା ଜଣାପଡିଛି। ୧୫୦ ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ସ୍ୱାସ୍ଥ୍ୟ ବିଭାଗର ଭ୍ରମମାନ ଟିମ୍ ପହଞ୍ଚି ଚିକିତ୍ସା କରିବା ସହ ଆକ୍ରାନ୍ତଙ୍କୁ ଔଷଧ ଦେବା ସହ ଗୁରୁତରଙ୍କୁ ମେଡିକାଲ ପଠାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ଅନୁଧାନ କରୁଛି।


## AFFIDAVIT

An affidavit before the executive Magistrate & Tahilsildar, Baliapal, Balasore, I Sukadev Behera, aged about 41 years, S/o:- Gopal Chandra Behera of Village : Kundali, P.O : Nimapada, Via : Irda, P.S. : Singla, District : Balasore in the State of Odisha, Pin - 756080, Aadhar Card No : 7381 1158 9124 solemnly affirm that my name is Sukadev Behera as per my New Aadhaar Card No : 7381 1158 9124 but it is mistakenly mentioned / printed as Sukadeb Sahoo, S/O : Bhima Charan Sahoo in my old Aadhaar Card. Sukadev Behera, S/O Gopal Chandra Behera & Sukadeb Sahoo, S/O Bhima Charana Sahoo is one and same person. Sukadev Behera, S/O : Gopal Chandra Behera is my correct name.

**Sukadev Behera**

## AFFIDAVIT

By virtue of an affidavit I Kartik Chandra Mahalik, aged 55 years, S/O - Late Krushna Mahalik, At- Dhirikuti Sahi, Po- Mancheswar Rly. Colony, Dist- Khordha, Odisha, Bhubaneswar, PIN-751017 solemnly affirm and State that my son's name is Satyam Mahalik according to birth certificate but it is wrongly written in Aadhaar Card as L K Satyam Mahalik. The correct name of my son is Satyam Mahalik for all future academic purpose.

**Kartik Chandra Mahalik**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ...

ଜଣକ ମାନସିକ ଭାରସମ୍ୟ ହରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ପ୍ରାୟ ଦେଢ଼ବର୍ଷ ତଳେ ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର ଏଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ଏହି ସ୍ଥାନକୁ ବିଜୁ ଛକ ନାମରେ ନାମିତ କରିଥିଲେ । ପୂର୍ବରୁ ଏହା ପର୍ଶୁରାମ ଛକ ଭାବେ ପରିଚିତ ଥିଲା । ଛକ ନାଁ ବଦଳା ଯିବାକୁ ବ୍ରାହ୍ମଣ ସମାଜ ପକ୍ଷରୁ ଦୃଢ଼ ବିରୋଧ କରାଯାଇଥିଲା । ବିବାଦ ବଢ଼ିବା ପରେ ସେବେଠାରୁ ପ୍ରତିମୂର୍ତ୍ତିକୁ ଜରିପାଲ ଘୋଡ଼ାଇ ରଖାଯାଇଥିଲା । କିନ୍ତୁ, ଆଜି ସକାଳେ ପ୍ରତିମୂର୍ତ୍ତିଟି ଜଳୁଥିବା ସ୍ଥାନୀୟ ଲୋକ ଦେଖିଥିଲେ ।ଏହି ଘଟଣାକୁ ନେଇ ସରୋଜ ମେହେର ନିଜ ସମର୍ଥକଙ୍କ ସହ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ । ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିଙ୍କୁ ଏଭଳି ନଷ୍ଟ କରିବାକୁ ଉଦ୍ୟମ କରାଯିବା ଏହା ପ୍ରଥମ ଘଟଣା ନୁହେଁ । କିଛିଦିନ ପୂର୍ବରୁ କଟକ ଜିଲ୍ଲା ମାହାଙ୍ଗା ଉମରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ କାଟି ଦେଇଥିଲେ ଦୁର୍ବୃତ୍ତ । ଠିକ୍ ବିଜୁ ଜୟନ୍ତୀ ପୂର୍ବରୁ ଘଟିଥିବା ଏହି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ପରବର୍ତ୍ତୀ ସମୟରେ ପୋଲିସ୍ ଉପସ୍ଥିତିରେ ଭଙ୍ଗା ମୂର୍ତ୍ତିରେ ମୁଣ୍ଡ ଯୋଡ଼ା ହୋଇଥିଲା । ଅନ୍ୟପକ୍ଷରେ ଗତ ଏପ୍ରିଲ ପହିଲାରେ କଟକ ମହାନଦୀ ବିହାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିର ରଙ୍ଗ ବଦଳାଇ ସବୁଜରୁ ତମ୍ବା ରଙ୍ଗ କରି ଦିଆଯାଇଥିଲା । ଆଉ ଏବେ ପାଟଣାଗଡ଼ରୁ ଯେଉଁ ଚିତ୍ର ଆସିଛି ତାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି । ବିଜେଡି ପ୍ରେସମିଟ୍ କରି କହିଛି , ବିଜୁ ବାବୁଙ୍କୁ ଅପମାନିତ କରିବାକୁ ରୀତିମତ ହୀନ ଷଡ଼ଯନ୍ତ୍ର ଚାଲିଛି, ଓଡ଼ିଶାବାସୀ ଏହାର ଜବାବ ଦେବେ । ସେପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାକୁ ନିନ୍ଦା କରିବାସହ ଏହା ପଛରେ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ରାଜ୍ୟର ସମସ୍ତ ବରପୁତ୍ରଙ୍କୁ ରାଜ୍ୟ ସରକାର ସମ୍ମାନ ଦେବାରେ ବିଶ୍ୱାସ କରନ୍ତି ଓ ପୂଜ୍ୟପୂଜା ପାଇଁ ସମସ୍ତ ପଦକ୍ଷେପ ନେଇ ଆସୁଛନ୍ତି । ଏପଟେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

### ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ...

ସେହିପରି କନ୍ଧମାଳ ଜିଲ୍ଲାର ବିଜେଡି ସଭାପତି ଭାବେ ପଦ୍ମନାଭ ବେହେରା, ମାଲକାନଗିରି ପାଇଁ ମାନସ ମାଡକାମି, ମୟୂରଭଞ୍ଜ-୧ ପାଇଁ ସୁଦାମ ମାରାଣ୍ଡି, ନବରଙ୍ଗପୁର ପାଇଁ ମନୋହର ରଣଧରୀ, ନୟାଗଡ଼ ପାଇଁ ରମେଶ ଚନ୍ଦ୍ର ବେହେରା, ନୂଆପଡ଼ା ପାଇଁ ଅବନୀ ରଞ୍ଜନ ଯୋଶୀ, ପୁରୀ ପାଇଁ ଉମାକାନ୍ତ ସାମନ୍ତରାୟ, ସୁବର୍ଣ୍ଣପୁର ପାଇଁ ସରୋଜ କୁମାର କାମ୍ପା ଓ ସୁନ୍ଦରଗଡ଼ ପାଇଁ ଯୋଗେଶ ସିଂଙ୍କୁ ବିଜେଡି ଜିଲ୍ଲା ସଭାପତି ଭାବେ ନାମ ଘୋଷଣା କରିଛି ବିଜେଡି।

### ତାମିଲନାଡୁ ସରକାରଙ୍କ...

ଲଢ଼େଇ କରୁଛନ୍ତି । କୌଣସି ପ୍ରକାରେ ନିଜ ଭାଷାର ଅଧିକାରକୁ ରକ୍ଷା କରିବା ଦରକାର। ଯଦି ରାଜ୍ୟ ପାଖରେ ସବୁ କ୍ଷମତା ରହିବ, ରାଜ୍ୟର ସଂପୂର୍ଣ୍ଣ ବିକାଶ ହୋଇ ପାରିବ। ଯୁଗ୍ମ ତାଲିକାରୁ କିଛି ବିଷୟକୁ ରାଜ୍ୟ ତାଲିକାକୁ ଫେରାଇବା ପାଇଁ ମଧ୍ୟ ପ୍ରସ୍ତାବ। ନିକଟରେ ବିଲ୍‌କୁ ନେଇ ରାଜ୍ୟପାଳଙ୍କ ସହ ଚାଲିଥିବା ଶୀତଳ ଯୁଦ୍ଧରେ କୋର୍ଟରେ ଷ୍ଟାଲିନଙ୍କ ଏକପ୍ରକାର ବିଜୟ ହୋଇଛି । ତେବେ କିଛି ଦିନ ହେବ କେନ୍ଦ୍ର ସରକାରଙ୍କ ତ୍ରିପଲ ଲାଙ୍ଗୁଏଜ ପଲିସିକୁ ନେଇ ଚାଲିଥିବା ବିବାଦ ଭିତରେ ଏହି ପ୍ରକାର ଆଭିମୁଖ୍ୟ ଆପଣାଇ ଷ୍ଟାଲିନ ବିଧାନସଭା ନିର୍ବାଚନ ପୂର୍ବରୁ ନିଜ ବଳ ବଢ଼ାଉଥିବା କୁହାଯାଉଛି ।

### ଟ୍ୱିନ ସିଟିରେ କାଳ...

ହୋଇପାରେ। ତେବେ ୧୯ ତାରିଖରୁ ଶୁଖିଲା ରହିବ ପାଗ। ସେହିପରି ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି କହିଛି ପାଣିପାଗ କେନ୍ଦ୍ର। ସୂଚନାଯୋଗ୍ୟ, ରାଜ୍ୟରେ କିଛି ଦିନ ହେବ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ହେଉଛି। ଫଳର ତାତିରୁ ରାଜ୍ୟ ବାସୀଙ୍କୁ ଆଶ୍ୱସ୍ତି ମିଳିଛି। ସେହିଭଳି ୧୬ ତାରିଖରେ ୨୧ ଜିଲ୍ଲା ଏବଂ ୧୭ରେ ୨୩ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ୧୮ ତାରିଖରେ ୧୭ ଜିଲ୍ଲାରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ପବନ ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । କିଛି ସ୍ଥାନରେ ପ୍ରବଳ ବର୍ଷା ବି ହୋଇପାରେ । ପାଣିପାଗ ବିଭାଗର ଆକଳନ ଅନୁସାରେ, ପଶ୍ଚିମ ଓଡ଼ିଶାରେ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ତେବେ ୧୯ ତାରିଖରୁ ରାଜ୍ୟରେ ପାଗ ଶୁଖିଲା ରହିବ । ସେହିପରି ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆକଳନ କରାଯାଇଛି ।

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଯିବା ଘଟଣାକୁ ବିଜେଡିର ନିନ୍ଦା

ଭୁବନେଶ୍ୱର, ୧୫/୪ (ନି.ପ୍ର): ବଲାଙ୍ଗୀର ପାଟଣାଗଡ଼ ପର୍ଶୁରାମ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତିରେ ନିଆଁ ଲଗାଯିବା ଘଟଣାକୁ ନିନ୍ଦା କରିଛି ବିଜେଡି। ଏସମ୍ପର୍କରେ ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦେବୀ ମିଶ୍ର, ଅରୁଣ ସାହୁ, ପ୍ରତାପ ଜେନା, ପ୍ରଣବ ବଳବନ୍ତରାୟ, ଦିବ୍ୟ ଶଙ୍କର ମିଶ୍ର , ଧ୍ରୁବ ସାହୁ ପ୍ରମୁଖ କହିଛନ୍ତି ପାଟଣାଗଡରେ ବିଜୁ ବାବୁଙ୍କ ପ୍ରତିମୂର୍ତି ପୋଡି ଦିଆ ଯିବାକୁ ହୀନ ପ୍ରୟାସ କରାଯାଇଛି । ବିଜୁ ବାବୁଙ୍କ କଥା ଲିଭାଇବା ପାଇଁ ଲଗାତାର ଭାବେ ଚେଷ୍ଟା କରାଯାଉଛି ।ଏହା ଏକ ଅକ୍ଷମଣୀୟ ଅପରାଧ। ତୁରନ୍ତ ଦୁର୍ବୃତ ମାନଙ୍କୁ ଗିରଫ କରାଯାଉ । ବିଜୁ ବାବୁଙ୍କ ନାମକୁ ଜନ ମାନସରୁ ହଟାଇବା ପାଇଁ ପ୍ରାୟୋଜିତ କାର୍ଯ୍ୟକ୍ରମ କରାଯାଉଛି। ପ୍ରଥମେ ପଂଚାୟତିରାଜ ଦିବସକୁ ହଟାଗଲା ପରେ ବିଭିନ୍ନ ଯୋଜନା ରୁ ବିଜୁ ବାବୁଙ୍କ ନାଁ କୁ ହଟାଇ ଦିଆଗଲା । ବିଜେପି ଦ୍ୱାରା ପ୍ରାୟୋଜିତ ଷଡଯନ୍ତ୍ର ବୋଲି ଅଭିଯୋଗ କରିଛି ବିଜେଡି।

# ଜୀ ସାର୍ଥକରେ ଓଡ଼ିଶାର ସବୁଠାରୁ ବଡ ରିୟାଲିଟି ସୋ 'ରଜ କୁଇନ୍ ୨୦୨୫'

## ଏପ୍ରିଲ ୧୯ ତାରିଖରୁ ପ୍ରତି ଶନିବାର ଓ ରବିବାର ରାତି ୯.୩୦ରେ



ଭୁବନେଶ୍ୱର, ୧୫/୪ (ନି.ପ୍ର): ଓଡିଶାର ୧ ନମ୍ବର ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭେଟି ଦେଇଛି ଜୀ ସାର୍ଥକ । ଯେଉଁଥିରେ ଓଡିଆ ଜାତି ଓ ଓଡିଶାର ପ୍ରଥା ପରମ୍ପରାକୁ ଅତି ନିଖୁଣ ଭାବେ ଦେଖି ଦର୍ଶକେ ଉପଭୋଗ କରିପାରନ୍ତି । ଯେଉଁଥି ପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକଙ୍କ ଦ୍ୱାରା ଅଶେଷ ଭଲପାଇବା । ଅଭିନେତ୍ରୀ ହେବାର ସ୍ୱପ୍ନ ଦେଖିଥିବା ଝିଅଙ୍କ ପାଇଁ ପୁଣି ଫେରିଛି ଓଡିଶାର ୧ ନମ୍ବର ରିଆଲିଟି ସୋ 'ରଜ କୁଇନ୍' । ଏହି ସୋ ଇଣ୍ଡଷ୍ଟ୍ରିକୁ ଅନେକ ବଛା ବଛା ଅଭିନେତ୍ରୀ ବିଗତ ଦିନରେ ଦେଇ ସାରିଛି। ସବୁ ବର୍ଷ ଅନେକ ଆଶାୟୀ ପ୍ରାର୍ଥୀ ଏହି ସୋ ରେ ଭାଗ ନେବାକୁ ଚାହିଁ ରହିଥାନ୍ତି। ତେବେ ଚଳିତ ବର୍ଷ ମଧ୍ୟ ବଡ଼ ଧୁମଧାମ ସହିତ ଆୟୋଜନ ହେବାକୁ ଯାଉଛି ସମସ୍ତଙ୍କ ମନପସନ୍ଦର ରିୟାଲିଟି ସୋ 'ରଜ କୁଇନ୍' । ଚଳିତ ବର୍ଷ ୧୩ତମ 'ରଜ କୁଇନ୍' ପାଇଁ ଅଡିସନ୍ ସରିଯାଇଛି । ଯାହା ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର, ବାଲେଶ୍ୱର, କେଉଁଝର, ରାଉରକେଲା, ଭଦ୍ରକ, ଅନୁଗୁଳ ଓ କଟକରେ ଅନୁଷ୍ଠିତ ହୋଇ ବଛାଯାଇ ଥିବା ପ୍ରତିଯୋଗୀମାନଙ୍କୁ ନେଇ ଆରମ୍ଭ ହେବ ଅନ୍ତିମ ପର୍ଯ୍ୟାୟ 'ରଜ କୁଇନ୍ ୨୦୨୫' । ଚଳିତ ବର୍ଷ ଜଜ୍ ଭାବରେ ନଜର ଆସିବେ ଆମ ସମସ୍ତଙ୍କ ପ୍ରିୟ ଲିପି ମହାପାତ୍ର , ଶ୍ରୀତମ ଦାସ ଓ ଦେବାଶିଷ ପାତ୍ର ଓ ମେଣ୍ଟର ଭାବରେ ଓଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ହିରୋଇନ ଦିବ୍ୟା, ସୂର୍ଯ୍ୟମୟୀ, ଅନୀଷା ଓ ଅନୁଭା ନଜର ଆସିବେ । ୧୫ରୁ ୨୫ ବର୍ଷ ମଧ୍ୟର ଆଶାୟୀ ପ୍ରାର୍ଥୀ ଅଡିସନ୍ ଦେଇ ଅଭିନେତ୍ରୀ ହେବାର ଦେଖିଥିବା ସ୍ୱପ୍ନକୁ ପୁରା କରିପାରିବେ । ତେବେ ଡେରି କାହିଁକି ପ୍ରସ୍ତୁତ ହେଇଯାନ୍ତୁ ଖୁବ ଶୀଘ୍ର ଆସୁଛି ଆପଣଙ୍କ ପାଖକୁ ୧୩ତମ 'ରଜ କୁଇନ୍' । ଏପ୍ରିଲ ୧୯ ତାରିଖରୁ ପ୍ରତି ଶନିବାର ଓ ରବିବାର ରାତି ୯.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରଣ ହେବାକୁ ଯାଉଛି 'ରଜ କୁଇନ୍' । ତେବେ କିଏ ହେବ ଚଳିତ ସିଜନର ରଜ କୁଇନ୍ ଜାଣିବାକୁ ଏହି ଯାତ୍ରା ସହ ଯୋଡ଼ି ହେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ ସିଲ।

ବୁଧବାର, ଏପ୍ରିଲ ୧୬, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ ସମାରୋହ

ବାଲେଶ୍ୱର, ୧୫/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ପୋଲିସ ଲାଇନ ଛକରେ ଥିବା ଭାରତର ସମ୍ବିଧାନ ପ୍ରଣେତା ସମାଜ ସଂସ୍କାରକ ଭାରତ ରତ୍ନ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ ସମାରୋହ ସଭାପତି ସୁଦର୍ଶନ ଜେନାଙ୍କ ତତ୍ତ୍ୱବଧାନ ରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପ୍ରଦୀପ ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟ ବଂଶୀ ମୟୂର ବିକାଶ , ଉପଜିଲ୍ଲାପାଳ ସୁଧାକର ନାୟକ, ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ,ପୂର୍ବତନ ବିଧାୟକ ସୁଦର୍ଶନ ଜେନା , ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା , ଲେଖା ସିଂହ ସାମନ୍ତରାଏ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ , ଶତ୍ରୁଘନ ମଲ୍ଲିକ , ଗୌରାଙ୍ଗ ପାଣିଗ୍ରାହି , ବାଲେଶ୍ୱର ଡି ଆପିଆର ଔଷଧ୍ୟ ରାୟ କାଳିପଦ୍ ପଣ୍ଡା ମଞ୍ଚରେ ଉପସ୍ଥିତ ପ୍ରଥମେ ଅତିଥି ମାନେ ଡକ୍ଟର ଆମ୍ବେଦକର ଙ୍କୁ ପୁଷ୍ପମାଳ ଦେଇଥିଲେ । ଆମ୍ବେଦକରଙ୍କ ଗୁଣ ଗାନ କରିଥିଲେ । ସଭାପତି ସୁଦର୍ଶନ ଜେନା କହିଥିଲେ ଆମ୍ବେଦକର ଙ୍କ ନୀତି ନିୟମ କୁ ଆମେ ଅନୁସରଣ କରିବା ତାହା ହେଲେ ଆମ ଦେଶର ଉନ୍ନତି ହେବ । ସବୁ ଶ୍ରେଣୀର ଲୋକ ମାନେ ସୁଖ ଶାନ୍ତିରେ ରହିବେ ବୋଲି କହିଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ରମେଶ ଜେନା ଧନ୍ୟବାଦ୍ ଦେଇ କହିଥିଲେ ଯେ ଲୋକେ ଇଚ୍ଛାକୃତ ଭାବେ ଶହ ଶହ ସଂଖ୍ୟାରେ ଯୋଗ ଦେସ ଥିବାରୁ ଧନ୍ୟବାଦ୍ ଦେଇଥିଲେ । ଲମ୍ବୋଧୋର୍ ବେହେରା , ବେଣୁଧର ସାହୁ, ଅକ୍ଷୟ ତ୍ରିପାଠି, ପ୍ରଣୀତା ମିଶ୍ର , ରଘୁନାଥ ମହାଳିକ , ପୁରୁଷୋତ୍ତମ ବିଶ୍ୱାଳ , ଅର୍ଚ୍ଚନା ବନ୍ଦୀ , ଭୋଗରାଇ ଚାଷୀ ମୂଳିଆ ନେତା ସୁଦର୍ଶନ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରାକୃତିକ ବେଳାଭୂମିରେ ୧୦ମ ଆର୍ନ୍ତଜାତୀୟ ଚିତ୍ରଶିଳ୍ପୀ ଶିବିର ଉଦ୍‌ଯାପିତ



ବାଲିଆପାଳ , ୧୫/୪ (ନି.ପ୍ର): ଓଡ଼ିଆଣୀ ଦ୍ୱାରା ପ୍ରାୟୋଜିତ 'ନବରଙ୍ଗ' ଶୀର୍ଷକ ଚିତ୍ରଶିଳ୍ପୀ କର୍ମଶାଳା ଡଗରା ବେଳାଭୂମି ଠାରେ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ମାନଙ୍କ ମଧ୍ୟରେ ରେବତୀର ସମ୍ପାଦିକା ତଥା ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ବାଲେଶ୍ୱର ଚାରୁକଳା ମହା ବିଦ୍ୟାଳୟର ଅଧକ୍ଷ ନିକୁଞ୍ଜ ବିହାରୀ ଦାସ, ଓଡ଼ିଆଣୀର ପ୍ରତିଷ୍ଠାତା ଦିଲ୍ଲୀପ ପଣ୍ଡା, ଅନୁଷ୍ଠାନର ଉପଦେଷ୍ଟା ସୁବ୍ରତ ରଣା ଅତିଥି ଗଣ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ପ୍ରଥମେ ସକାଳେ ସ୍ଥାନୀୟ ମଦର ଟେରେସା ବିକଳାଙ୍ଗ ବିଦ୍ୟାଳୟର ଛାତ୍ରମାନେ ଆସି ଶିବିରକୁ ବୁଲି ଦେଖିଥିଲେ । ଅନୁଷ୍ଠାନ ପକ୍ଷରୁ ଛାତ୍ରମାନଙ୍କୁ ଚିତ୍ରକଳା ସାମଗ୍ରୀ ବଣ୍ଟନ କରାଯାଇଥିଲା। ପରେ ଅପରାହ୍ନ ରେ ମୁଖ୍ୟ ଅତିଥି ଏହି ଶିବିରରେ ଯୋଗ ଦେଇ କରି ବରିଷ୍ଠ କଳାମାନଙ୍କର ଚିତ୍ର ଗୁଡ଼ିକ ବୁଲି ଦେଖିବା ସହିତ ପ୍ରଶଂସା କରିଥିଲେ ଏବଂ ଜଳେଶ୍ୱର ଆର୍ଟ ଫାଉଣ୍ଡେସନର ଏମିତି ଏକ ପଦକ୍ଷେପ ଅତ୍ୟନ୍ତ ସୁନ୍ଦର ବୋଲି ନିଜ ବକ୍ତବ୍ୟରେ କହିଥିଲେ । ୩ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ଭାରତରୁ ଗୌରାଙ୍ଗ ବାରିକ, ପ୍ରିୟ ବଲ୍ଲଭ ସାହୁ, ନିକୁଞ୍ଜ ବିହାରୀ ଦାସ, ଶଶଧର ପତି, ଜିତେନ୍ଦ୍ର ସାହୁ, ବିନୟ ଭୂଷଣ ମହାନ୍ତି, ମନରଞ୍ଜନ ଦାସ, ଡ. ଓମପ୍ରକାଶ ଗୁପ୍ତା, ଦିବ୍ୟସିଂ ସ୍ୱାଇଁ, ପରମେଶ୍ୱର ମେହେର, ଅରୁଣ ଜେନା, ଶୁଭମ ନାୟକ, ସପ୍ତର୍ଷି ନନ୍ଦୀ, ରିତୁପର୍ଣ୍ଣା ଚନ୍ଦ୍ରା, ମନିସା ଦାସ ଓ ନେପାଳରୁ ଉଧବ ଗୁରୁଙ୍ଗ, ରାକେଶ ଦାସ ବରିଷ୍ଠ ଚିତ୍ରଶିଳ୍ପୀ ମାନେ ଅଂଶଗ୍ରହଣ କରି ତାଙ୍କର କଳା ନୈପୁଣ୍ୟ କଲର କେନେଭାସ ମାଧ୍ୟମରେ ଚିତ୍ର ଆଙ୍କିଛନ୍ତି। ଅନୁଷ୍ଠାନ ତରଫରୁ ଏବର୍ଷ ବରିଷ୍ଠ ଚିତ୍ରଶିଳ୍ପୀ ସମ୍ମାନ ମୟୂରଭଞ୍ଜ ର ଶିଳ୍ପୀ ଶିବଶଙ୍କର ଦାସଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ସୌମ୍ୟରଂଜନ ପାତ୍ର ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅନୁଷ୍ଠାନର ସଭାପତି ବ୍ରଜନାରାୟଣ ଷଡ଼ଙ୍ଗୀ ଉଦଯାପନୀ ସଭାରେ ସଭାପତିତ୍ୱ କରିଥିଲେ ହିନ୍ଦୁ ନବବର୍ଷ ତଥା ଓଡ଼ିଆ ନବ ବର୍ଷକୁ ସ୍ୱାଗତ ଜଣାଇ ଏହି ଚିତ୍ର ଶିଳ୍ପୀ କର୍ମଶାଳା ଆୟୋଜିତ ହେବା ସହିତ ଚିତ୍ର ଶିଳ୍ପୀ ମାନେ ଓଡ଼ିଆ ନବବର୍ଷ ଉପଲକ୍ଷେ ଚିତ୍ର ଆଙ୍କିଥିଲେ । ଶେଷରେ ଜଳେଶ୍ୱର ଆର୍ଟ ଫାଉଣ୍ଡେସନ ସମ୍ପାଦକ ମୁକ୍ତିପଦ ନାଦୀ ଧନ୍ୟବାଦ ଦେଇଥିଲା ବେଳେ ଅନୁଷ୍ଠାନର ସଭ୍ୟ ପ୍ରଶନ୍ନ ସ୍ୱାଇଁ, ପ୍ରଣୟ ଜେନା, ସୁଧିର ଗିରି , ସୌମ୍ୟ ସାଗର କାମିଳା ପରିଚାଳନା କରିଥିଲେ । ସମସ୍ତ ବିଦେଶୀ କଳାକାରଙ୍କ ଭାଇଚାରା ସୁଦୃଢ଼ କରିବା ସହିତ ଓଡ଼ିଶା ତଥା ଏ ଅଞ୍ଚଳର ଇକୋ ଟୁରିଜିମକୁ ଉନ୍ନତିକରଣ କରିବା ଜଳେଶ୍ୱର ଆର୍ଟ ଫାଉଣ୍ଡେସନର ମୂଳ ଲକ୍ଷ୍ୟ।

## ଗୁଣିଗାରେଡ଼ି ସନ୍ଦେହ କରି ଥାନାରେ ଅଭିଯୋଗ



ନୀଳଗିରି , ୧୫/୪ (ନି.ପ୍ର): ଗୁଣିଗାରେଡ଼ି କରି ଗ୍ରାମରେ ଆତଙ୍କ ସୃଷ୍ଟି କରୁଥିବା ଜୈନିକ ବ୍ୟକ୍ତିଙ୍କୁ ସନ୍ଦେହକରି ନୀଳଗିରି ଉପଖଣ୍ଡ ପୋଲିସ ଅଧିକ୍ଷକଙ୍କ ନିକଟରେ ଗ୍ରାମବାସୀଙ୍କ ତରଫରୁ ସାମୁହିକ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ପିଠାହଟା ପଞ୍ଚାୟତ ବେହେରାସାହି ଗ୍ରାମର ଧରମା ବେହେରା ନାମକ ଜଣେ କାଳୀସାଧକ ପ୍ରତି ମଙ୍ଗଳବାର ଓ ଶନିବାର ଘରେ ପୂଜାପାଠ କରିବାସହ ଗୁଣିଗାରେଡ଼ି କରୁଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଉକ୍ତ ଗ୍ରାମର ରଞ୍ଜନ ବେହେରାଙ୍କ ଝିଅ ଟୁନି(ଛଦ୍ମନାମ), ହରିଶ ବେହେରାଙ୍କ ପୁଅ ରତ୍ନାକର (ଛଦ୍ମନାମ) ଏବଂ ଗ୍ରାମର ଅନେକ ପରିବାରର ସଦସ୍ୟମାନେ ବିଭିନ୍ନ ସମୟରେ ଦାସୀ ହେବା, ପାଗଳଙ୍କ ଭଳି ପ୍ରଳାପକରିବା ଆଦି ବିଭିନ୍ନ ପାଗଳାମି କରିବା, ପିଟିକଚାଡି ହେବା ଭଳି ଘଟଣାକୁ ନେଇ ପରିବାର ଲୋକେ ମାନସିକ ଅଶାନ୍ତିରେ ରହୁଥିଲେ।ତେବେ ୧୫ଦିନ ତଳେ ରଞ୍ଜନ ବେହେରାଙ୍କ ଝିଅ ଟୁନି ୫ଦିନ ଧରି ଖାଇବାପିଇବା ଛାଡି ବାରମ୍ବାର ଦାସୀହୋଇ ଧରମା ପୂଜାଘରକୁ ଯାଇ ସମସ୍ତ ଘଟଣା ସର୍ବସମ୍ମୁଖରେ ପ୍ରକାଶ କରିବାପରେ ସନ୍ଦେହ ଘନୀଭୂତ ହୋଇଥିଲା। ଏନେଇ ଗତ ମାର୍ଚ୍ଚ ୩୦ତାରିଖରେ ଏକ ବୈଠକ ବସି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଧରମାକୁ ବୈଠକକୁ ଡକାଯାଇଥିଲେ ହେଁ ଘଟଣାକୁ ଧରମା ଏଡାଇଯାଇଥିଲେ। ମାତ୍ର ତାଙ୍କ ଯୋଗୁଁ ଏଭଳି ଘଟଣା ଘଟୁଥିବା ଉପଲବ୍ଧି କରି ବରହମପୁର ଥାନାରେ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ବରହମପୁର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଆଜି ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କ ନିକଟରେ ଅଭିଯୋଗପତ୍ର ପ୍ରଦାନ କରିବା ସହିତ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଗୌରୀ ଶଙ୍କର ମିଶ୍ର ଭାରତୀୟ ହ୍ୟାଣ୍ଡବଲ୍ ଦଳର ମ୍ୟାନେଜର

ଭୁବନେଶ୍ୱର, ୧୫/୪ (ନି.ପ୍ର): ଓଡ଼ିଶାର ହ୍ୟାଣ୍ଡବଲ ଇତିହାସରେ ଆଉ ଏକ ଫର୍ଦ ଯୋଡି ହେବାକୁ ଯାଉଛି । କୋଚ ଗୌରୀ ଶଙ୍କର ମିଶ୍ରଙ୍କୁ ମିଳିଛି ବଡ ଦାୟିତ୍ୱ । ଜୋଡାନ ଠାରେ ହେବାକୁ ଥିବା ଆଗାମି ଏସିଆନ ଜୁନିୟର ଚମ୍ପିଆନସିପ ପାଇଁ ଭାରତୀୟ ଦଳର ମ୍ୟାନେଜର ଭାବେ ନିଯୁକ୍ତ ହୋଇଥିବା ଘୋଷଣା କରିଛନ୍ତି ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସନର ଏକଜୁଟିଭ ଡିରେକଟର ଡ଼. ଆନନ୍ଦେଶ୍ୱର ପାଣ୍ଡେ । ଆସନ୍ତା ଜୁଲାଇ ୧ ତାରିଖରୁ ୧୧ ତାରିଖ ଯାଏ ଜୋଡ଼ାନରେ ଏହି ଅନୁଷ୍ଠିତ ହେବ । ଏଠାରେ ସୂଚନାଯୋଗ୍ୟ ଗୌରୀ ଶଙ୍କର ମିଶ୍ର ହେଉଛନ୍ତି ଓଡିଶାର ପ୍ରଥମ ଓ ଏକ ମାତ୍ର ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ।

## ଦୁନିଆର ଦୁଃଖ ଦୂର କରିବା ପାଇଁ ଆମେ ସମସ୍ତେ ଶ୍ରୀ ଜଗନ୍ନାଥଙ୍କୁ ଆପଣେଇ ନେବା ଆବଶ୍ୟକ

### ପ୍ରଚ୍ଚର ସମିତିର ଆଧ୍ୟାତ୍ମିକ ସଭାରେ ବକ୍ତାମାନଙ୍କ ବକ୍ତବ୍ୟ



ଭଦ୍ରକ, ୧୫/୪ (ନି.ପ୍ର): ଓଡ଼ିଶାର ନୂଆବର୍ଷ ନୁହେଁ ମହାବିଷୁବ ସଂକ୍ରାନ୍ତୀ ରାଷ୍ଟ୍ରିୟ ସଂସ୍କୃତିର ନୂଆବର୍ଷ ରୂପେ ପ୍ରତିଭାତ। ଯେହେତୁ ଆମ ରାଶି ଚକ୍ରରେ ଏହା ମେଷରାଶି ପ୍ରାରମ୍ଭରୁ ପାଳିତ ହୋଇଥାଏ। ଏ କ୍ଷେତ୍ରରେ ଆମେ ସମସ୍ତେ କଳିଯୁଗର ଯୁଗବତାରୀ ପୁରୁଷ ଶ୍ରୀ ଜଗନ୍ନାଥଙ୍କୁ ଆପଣେଇ ପାରିଲେ ଦୁନିଆରୁ ସମସ୍ତ ଦୁଃଖ ଦୂରିଭୂତ ହୋଇ ପାରିବ ବୋଲି ତିହିଡ଼ି ବ୍ଲକସ୍ଥ ଆରୁହା ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ "ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତି" ପକ୍ଷରୁ ଶ୍ରୀ ଜଗନ୍ନାଥଙ୍କୁ ଆରାଧନା ସହ ଆୟୋଜିତ ଆଧ୍ୟାତ୍ମିକ ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ମହାବିଷୁବ ସଂକ୍ରାନ୍ତୀ ଉପଲକ୍ଷେ ପୂର୍ବାହ୍ନରେ ଦ୍ୱାରାପାଳ ପୂଜା, ସୂର୍ଯ୍ୟପୂଜା, ଗୋପୂଜନ ସମେତ ଶ୍ରୀ ଜଗନ୍ନାଥଙ୍କ ଷୋଡ଼ଶ ଉପଚ୍ଚର ପୂଜା, ବିଶ୍ୱ ଶାନ୍ତି ମହାଯଜ୍ଞ, ଜଳଛତ୍ର ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ ଘଟିକା ସମୟରେ ଦିବ୍ୟ ଚେତନା ଅଭିଜାନ ସହ ଭକ୍ତିଚେତନା ମଞ୍ଚ ସମିତିର ମୁଖ୍ୟ ପରିଚ୍ଚଳକ ପଣ୍ଡିତ ଭାଗୀରଥି ନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ ଏଥିରେ ବକ୍ତା ଭାବରେ ସମିତିର ସହ ପରିଚ୍ଚଳକ ସୁଦର୍ଶନ ପଣ୍ଡା, ସହ ଆବାହକ ବାବୁଲାଲ ଦାସ, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରବଚିକା ସୁଶ୍ରୀ ତପସ୍ୱିନୀ ପାଢ଼ୀ ଅର୍ଣ୍ଣପୂର୍ଣ୍ଣା ଦେବୀ ପ୍ରମୁଖ ଯୋଗାଦନ କରି ଶ୍ରୀ ଜଗନ୍ନାଥଙ୍କ ଗୁଣଗାରିମା ସହ ମହାବୀର ହନୁମାନଙ୍କ ଜନ୍ମ ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ଏଥିରେ ସମିତିର ମୁଖ୍ୟ ଉପଦେଷ୍ଟା ଶ୍ରୀ ଶରତ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ଦେ, ଲକ୍ଷ୍ମୀଧର ଖଟୁଆ, ସହଯୋଗ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିନିଧି ଶ୍ରୀ ଭାବଗ୍ରାହୀ ମଲିକ, ସୀମାଞ୍ଚଳ ମହାପାତ୍ର ଓ ତାଳପଦା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିନିଧି କ୍ଷିରୋଦ କୁମାର ମହାପାତ୍ର ସହ ଗ୍ରାମବାସୀ ଓ ମନ୍ଦିର ପରିଚ୍ଚଳନା ସଭ୍ୟବୃନ୍ଦ ଓ ଶରତ ଚନ୍ଦ୍ର ମଲିକ ସହଯୋଗ କରି ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଷୁବ ପରିଷଦର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ

ଭଦ୍ରକ, ୧୫/୪ (ନି.ପ୍ର): ଦେବଭୂମି ଗବସାହି, ଭଦ୍ରକ ତରଫରୁ ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ଅବନି ପ୍ରଧାନ ସଭାପତି ନିର୍ମଳ ରାଉତ ଅତିଥି, ସଂଯୋଜନାରେ ଜାନକୀ ପାଢୀ, ବୀଣାପାଣି ତ୍ରିପାଠୀ, ମନୋରମା ରାୟ ଯୋଗ ଦେଇଥିଲେ। ଶତାଧିକ କବିତା ଆବୃତି ହୋଇଥିଲା। ଦ୍ୱିତୀୟ ଅଧିବେଶନ ସାଧାରଣ ସଭା ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଗୋପାଳକୃଷ୍ଣ ଦାସ ସଭାପତି, ମୁଖ୍ୟ ଅତିଥି ସୀତାଂଶୁ ଶେଖର ମହାପାତ୍ର ବିଧାୟକ, ଭଦ୍ରକ, ଉଦ୍ ?ଘାଟକ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଶିଷ୍ଟ ଅତିଥି ଦିଲୀପ ରାଉତରାଏ, ସମ୍ମାନିତ ଅତିଥି ନିହାର ରଞ୍ଜନ କର, ମୁଖ୍ୟବକ୍ତା ଡ. ମମତା ସାହୁ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ରାଧା ଦାସ ଓ ସମ୍ପାଦକୀୟ ବିବରଣୀ ମୁକ୍ତିକାନ୍ତ ମଲ୍ଲିକ ପ୍ରଦାନ କରିଥିଲେ। ଏଥର ମର୍ଯ୍ୟାଦାଜନକ ବିଷୁବ ସମ୍ମାନ କବି କରୁଣାକର ବେହୁରିଆ ଓ ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ଚାରୁଲତା ମହାପାତ୍ର ଧନ୍ୟବାଦ ଦେଇଥିଲେ। କବିମାନଙ୍କ ମଧ୍ୟରେ ବିଜୟ ବହଳି, ବିପ୍ଲବ ହୋତା, ପ୍ରଣତୀ ମଲ୍ଲିକ, ରମେଶ ଦାସ, ନରେଶ ମଣ୍ଡଳ, ଦେବସ୍ମିତା ପହି, ମାନସ ପଣ୍ଡା, ଅରୁପାନନ୍ଦ ନାୟକ, ସୁରଞ୍ଜନ ମିଶ୍ର, ରତିକାନ୍ତ ବେହେରା ପ୍ରମୁଖ କବିତା ଆବୃତି କରିଥିଲେ। ରୌପ୍ୟ ଜୟନ୍ତୀ ସ୍ମରଣିକା 'ଗୋଧୂଳି' ଉନ୍ମୋଚିତ ହୋଇଥିଲା। ପିଲାମାନଙ୍କର ଚିତ୍ରକଳା ପ୍ରତିଯୋଗିତାରେ ସ୍ତୁତି ଦେବେଶ ମଲ୍ଲିକ, ପ୍ରିତି ପାୟଲ କୁଅଁର, ସରୋଜ କୁମାର ପାଢୀ, ଶ୍ରେୟାସ୍ୱୀକୃତି, ନିକିତା ଭୂୟାଁ, ହଂସୁଜା ପଣ୍ଡା, ଦିଶା ନାୟକ, ଦିବ୍ୟାଂଶୀ ପୁହାଣ, ଶ୍ରେୟାଂଶୀ କୁଣ୍ଡୁ, ଶୁଭମ ଶୁଭ୍ରାଂଶୁ ପାଣିଗ୍ରାହୀ, ଶ୍ରେୟାସ ବେହୁରିଆଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହେଶ ପ୍ରସାଦ ଦାସ, ଜଗବନ୍ଧୁ ପାଣି, ନରେନ୍ଦ୍ର ଦାସ, ଆନନ୍ଦ ଦାସ, ରଞ୍ଜିତ ପାଢୀ, ରାଜେଶ ଦାସ (ଜିତୁ) ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭଦ୍ରକ ମ୍ୟୁଜିକ କଲେଜର ପିଲାମାନେ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ।

## ନୀଳବାଡି ଭକ୍ତା ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ



ରୂପସା, ୧୫/୪ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ନୀଳବାଡି ଭକ୍ତା ଅନୁଷ୍ଠାନ ପକ୍ଷରୁ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରାଯାଇଛି । ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଗ୍ରାମର ପ୍ରବେଶ ପଥ ରାସ୍ତା ପାର୍ଶ୍ୱରେ ଦେବଦାରୁ, ବଉଳ, ଚମ୍ପା, ଚନ୍ଦନ, ରୁଦ୍ରାକ୍ଷ୍ୟ, ଅଶୋକ ଆଦି ବୃକ୍ଷରୋପଣ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଗ୍ରାମର ବରିଷ୍ଠ ନାଗରିକ ପରମାନନ୍ଦ ଦେ, ବରେନ୍ଦ୍ର ଦାସ, ଗଙ୍ଗାଧର ପ୍ରଧାନ, ରବୀନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ଦେ, କେଶବ ବାରିକ, ନରେନ୍ଦ୍ର ମହାନ୍ତି, ହରେନ୍ଦ୍ର ଦାସ, ସନାତନ ଦାସ, ମଧୁସୂଦନ ଦାସ ଓ ପୂଜକ ରାଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ କିସମର ଚାରାରୋପଣ କରିବା ସହ ପରିବେଶ ସଚେତନତା ବାର୍ତ୍ତା ଦେଇଥିଲେ । ପାଟ ଭକ୍ତା ତପନ କୁମାର ବାରିକ ଓ ଘଟୁଆଳ କାର୍ତ୍ତିକେଶ୍ୱର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭ୍ୟ ପ୍ରଫୁଲ୍ଲ ଦାସ, ବାଞ୍ଛାନିଧି ଦେ, ବିଶ୍ୱନାଥ ଦାସ, ଯୋଗେନ୍ଦ୍ର ଦାସ ଓ ବିଜୟ କୁମାର ଜେନାଙ୍କ ସମେତ ଅଗ୍ରଗାମୀ କ୍ଲବର କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପୂର୍ବତନ ପାଟଭକ୍ତକ୍ଷ ଗଙ୍ଗାଧର ଦାସ, ପ୍ରଫୁଲ୍ଲ ଦାସ, ବାଞ୍ଛାନିଧି ଦେ ଓ ବିଜୟ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ବାବା ବାଳକେଶ୍ୱର ମହାଦେବ ମନ୍ଦିର ପରିସରରେ ଶାନ୍ତି ଶୃଙ୍ଖଳାର ସହ ଉଡ଼ାପର୍ବ ଅନୁଷ୍ଠିତ ହୋଇଥିଲା।

## ବୈଶାଖୀ ମହୋତ୍ସବର ଦଶମ ସଂସ୍କରଣ ସଫଳ: ପ୍ରତିକୂଳ ପାଣିପାଗ ସତ୍ତ୍ୱେ ଉଜ୍ଜ୍ୱଳ ଉଦ୍‌ଯାପନୀ



ବାଲେଶ୍ୱର, ୧୫/୪ (ନି.ପ୍ର): ସହର ଉପକଣ୍ଠରେ 'ଇଶାଣୀ ଉଡ଼ାଯାତ୍ରା ପଡ଼ିଆ' ସଂପ୍ରତି ପରିବର୍ତ୍ତିତ ନାମକରଣ 'ଲବଣ ସତ୍ୟାଗ୍ରହ ସ୍ମାରକୀ ମିନି ଷ୍ଟେଡିୟମ୍' ପରିସରରେ ଗତ ୧ରୁ ୧୪ ଅପ୍ରେଲ୍ ପର୍ଯ୍ୟନ୍ତ ସାମୟିକ ପ୍ରତିକୂଳ ପାଣିପାଗ ସତ୍ତ୍ୱେ ବସନ୍ତକାଳୀନ ଦୁର୍ଗୋତ୍ସବ, ବିଶାଳ ଉଡ଼ାଯାତ୍ରା ସର୍ବୋପରି 'ବୈଶାଖୀ ମହୋତ୍ସବ'ର ଦଶମ ସଂସ୍କରଣ ଅଭୂତପୂର୍ବ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ସ୍ଥାୟୀ ସଭାପତି ଆଡ୍ ଅଶୋକ କୁମାର ସେନାପତିଙ୍କ ପୌରୋହିତ୍ୟ ତଥା କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ନିଷ୍ପାଦନରେ ଉଦ୍‌ଯାପନୀ ସନ୍ଧ୍ୟାରେ ବିଧିମତେ ଶୁଭାକାଂକ୍ଷୀ ପ୍ରାକ୍ତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଉପସ୍ଥିତିରେ ଅର୍ଦ୍ଧଶତାଧିକ ଭକ୍ତାମାନଙ୍କ ସମବେତରେ ଉଡ଼ାଯାତ୍ରାର ଶୁଭାରମ୍ଭ ହୋଇଥିଲା। ଓଡ଼ିଶା ସରକାରଙ୍କ ଉପମୁଖ୍ୟସଚେତକ ରେମୁଣା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଅତିଥିମୁଖ୍ୟ ଭାବରେ ଉପସ୍ଥିତ ରହି ଇଶାଣୀ ମିନି ଷ୍ଟେଡିୟମ୍‌ର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଯତ୍‌ପରନାସ୍ତି ପ୍ରୟାସ ଅବ୍ୟାହତ ରଖିବାର ପ୍ରତିଶ୍ରୁତିବଦ୍ଧ ହେବା ସଂଗେସଂଗେ ପ୍ରତିବର୍ଷ ରାଜ୍ୟ ତଥା ଜାତୀୟସ୍ତରୀୟ ବୈଶାଖୀ ମହୋତ୍ସବର ଆୟୋଜନ ପାଇଁ ସରକାରଙ୍କ ଆର୍ଥିକ ସହଯୋଗର ପ୍ରଚେଷ୍ଟା ଜାରି ରଖିବେ ବୋଲି ଅଙ୍ଗୀକୃତ ହୋଇ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁମାନଙ୍କୁ ନମନ କରିଥିଲେ। ମହୋତ୍ସବର ସାଧାରଣ ସଂପାଦକ ଭାଗବତ ସାହୁ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବାଲେଶ୍ୱର ଉପକୂଳବର୍ତ୍ତୀ ଗ୍ରାମବାସୀମାନଙ୍କର ଅଭୂତପୂର୍ବ ସହଭାଗିତାକୁ ପ୍ରଶଂସା କରିବା ସହ ଏବର୍ଷର ପାଣିପାଗଜନିତ ପ୍ରତିବନ୍ଧକ ସତ୍ତ୍ୱେ ସଫଳ କାର୍ଯ୍ୟକ୍ରମ ପାଇଁ ପ୍ରକୃତିର ପରୀକ୍ଷାରେ ଆମେ ଉତ୍ତୀର୍ଣ୍ଣ ହୋଇଥିବାର ବିଶ୍ୱାସ ରଖିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମେଳାରେ ସମବେତ ହଜାର ହଜାର ଜନସମାଗମ ଏବଂ ସରକାରଙ୍କ ଆରକ୍ଷୀବାହିନୀଙ୍କ ଶାନ୍ତିଶୃଙ୍ଖଳା ସହାୟତା, ସାମ୍ବାଦିକ ବନ୍ଧୁମାନଙ୍କର ଆନ୍ତରିକ ସହଯୋଗ ପାଇଁ ସଦିଚ୍ଛା ରଖିଥିଲେ। ଏହି ଅବକାଶରେ ପ୍ରତିବର୍ଷ ପରି ଶ୍ରୀମତୀ ବାସନ୍ତୀ ପାତ୍ରଙ୍କ ଉଦ୍ୟମରେ 'ବୈଶାଖୀ:ଦଶମ ସଂସ୍କରଣ ସ୍ମାରକୀ ପତ୍ରିକା'କୁ ମାନ୍ୟବର ଅତିଥିଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସାରଗାଁ ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ମନ୍ମଥ କୁମାର ମାଝୀ, ସନାତନ ବେହେରା, ଡମ୍ବରୁଧର ଦାସ ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲାବେଳେ ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ରାଉତ କୃତଜ୍ଞତା ଜ୍ଞାପନ କରିଥିଲେ। ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ହୋଇଥିବା ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ପ୍ରତିଭାଙ୍କୁ ଅତିଥିମାନଙ୍କ ଦ୍ୱାରା ସଂବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ବିଖ୍ୟାତ କଣ୍ଠଶିଳ୍ପୀ ଦୀପ୍ତିରେଖା ଓ ସାଥୀଙ୍କ କଣ୍ଠର ସ୍ୱରକୁ ହଜାର ହଜାର ଦର୍ଶକ ଉପଭୋଗ କରିବା ସହ ମନ୍ତ୍ରମୁଗ୍ଧ ହୋଇଥିଲେ।

## ବଟ ମହାବୀର ହନୁମାନ ଜୟନ୍ତୀ ଓ ଭାଗବତ ସପ୍ତଦିନ ପ୍ରବଚନ

ବାଲେଶ୍ୱର, ୧୫/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାମପଦା ରେ ସରସ୍ୱତୀ ପୁର ରେ ବଟ ମହାବୀର ହନୁମାନ ଜୟନ୍ତୀ ଓ ଭଗବତ୍ ସଭାପତି ଶ୍ରୀ ଚନ୍ଦ୍ରକାନ୍ତ ବେହେରା ଙ୍କ ଦ୍ୱାରା ପାଳିତ ହୋଇଯାଇଛି ଏହି ବାର୍ଷିକ ଉତ୍ସବରେ ସମ୍ପାଦକ ଶ୍ରୀ ପରମାନନ୍ଦ ସେନାପତି ଓ ନିତ୍ୟାନନ୍ଦ ମିଶ୍ର ଓ ଜୀବନ ସଂଗ୍ରାମ ମିଶ୍ର, ମାତା ବୀଣା ପାଣି ମିଶ୍ର ଙ୍କ ଅଧ୍ୟକ୍ଷ ତାରେ ୧୦୮ କଳସ ଯାତ୍ରା ହୁମ ଯଜ୍ଞ ହୋଇଛି । ଏହି ଉତ୍ସବରେ ଗ୍ରାମବାସୀ ଶହ ଶହ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିଥିଲେ ସାତଦିନ ଧରି ଭଗବତ୍ ପ୍ରବଚନ ଶୁଣିବା ପାଇଁ ବିଭିନ୍ନ ପ୍ରାନ୍ତରୁ ଲୋକେ ଆସୁଥିଲେ । ୧୪ ତାରିଖ ହନୁମାନ ଜୟନ୍ତୀ ଦିନ ଉଦଯାପନ ହୋଇଥିଲା । ଏହି ଉଦଯାପନ ଉତ୍ସବରେ ୪ ରୁ ୫ ହଜାର ପର୍ଯ୍ୟନ୍ତ ଲୋକେ ପ୍ରସାଦ ସେବନ କରିଥିଲେ । ଏହି ଉତ୍ସବକୁ ମଦନ ବେହେରା , ହିମାଂଶୁ ବେହେରା , ରତିକାନ୍ତ ବେହେରା , ଉମାକାନ୍ତ ବେହେରା, ଶଶିକାନ୍ତ ବେହେରା , ଲକ୍ଷ୍ମୀ କାନ୍ତ ବେହେରା , ଗଣେଶ ପଣ୍ଡା , ବିରେନ୍ଦ୍ର ବାରିକ , ମନରଞ୍ଜନ ବାରିକ , ଦେବାନନ୍ଦ ସେନାପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଜଳଛତ୍ର ଶିବିର



ବାସୁଦେବପୁର , ୧୫/୪ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜ ଆଡିଆ ବଜାର ଠାରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ମହା ବିଷୁବ ସଂକ୍ରାନ୍ତି ଅବସରରେ ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ଙ୍କ ଦ୍ୱାରା ଏକ ବିଶାଳ ଜଳ ଛତ୍ର ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିର ରେ ହଜାର ହଜାର ଜନ ସାଧାରଣ ଯୋଗ ଦେଇଥିଲେ ଓ ଦହି ପଣା ପିଇ ଥିଲେ। ସେହିପରି ଏହି ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ବଳରାମପୁର, ବାଲିମୁଣ୍ଡା, ମାଆ ଭେଡା ନାୟିକାଣୀ ପୀଠ ପ୍ରଭୃତି ସ୍ଥାନ ରେ ଜଳ ଛତ୍ର ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ପଣା ସଂକ୍ରାନ୍ତି ଉତ୍ସବ ଅବସରରେ ବିଭିନ୍ନ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏହି ସ୍ଥାନରେ ଦହି ପଣା ପିଇ ସମସ୍ତେ ଆନନ୍ଦ ଅନୁଭବ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ବଜାର ଓ ଛକ ନିକଟରେ ଏହି ଭଳି ଜଳ ଛତ୍ର ଖୋଲାଯାଇ ଜନ ସାଧାରଣ ଙ୍କ ଭୋକ ଓ ଶୋଷ ମେଣ୍ଟା ଯିବ ବୋଲି ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ପ୍ରକାଶ କରିଥିଲେ। ରମାକାନ୍ତ ସେବା ଫାଉଣ୍ଡେସନର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida